ବର୍ଷ-୨୪, ସଂଖ୍ୟା-୨୧୦
ଭୁବନେଶ୍ୱର
୩୦ ଅଗଷ୍ଟ, ୨୦୨୪ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 210
Bhubaneswar
30 August, 2024, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ସେପ୍ଟେମ୍ବର ୯କୁ ଛୁଟି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୯।୮(ମହାଭାରତ): ନୂଆଁଖାଇ ଉପଲକ୍ଷେ ସେପ୍ଟେମ୍ବର ୯ ତାରିଖକୁ ଛୁଟି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେପ୍ଟେମ୍ବର ୮ ତାରିଖରେ ନୂଆଁଖାଇ ପର୍ବ ପଡୁଛି। ତେବେ ସେହିଦିନ ରବିବାର ପଡୁଛି। ରବିବାର ଛୁଟି ଦିବସ ହୋଇଥିବାରୁ ୯ ତାରିଖ ଅର୍ଥାତ ସୋମବାରକୁ ଛୁଟି ଘୋଷଣା କରାଯାଇଛି। ସେହିଦିନ ରାଜ୍ୟର ସବୁ ସରକାରୀ କାର୍ଯ୍ୟାଳୟ, ମାଜିଷ୍ଟ୍ରେରିଆଲ କୋର୍ଟ ଓ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିବ। ନୂଆଁଖାଇ ପାଇଁ ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ବିଭିନ୍ନ ଜିଲ୍ଲାରେ ନବାନ୍ନ ଲାଗି ପାଇଁ ଲଗ୍ନ ଧାର୍ଯ୍ୟ ହୋଇସାରିଛି। ସମ୍ବଲପୁରରେ ମା' ସମଲେଇଙ୍କଠାରେ ୮ ତାରିଖ ପୂର୍ବାହ୍ନ ୯ଟା ୧୨ରୁ ୯ଟା ୨୭ ମିନିଟ ମଧ୍ୟରେ ନବାନ୍ନ ଲାଗି ନେଇ ଶୁଭଲଗ୍ନ ସ୍ଥିର ହୋଇଛି। ଏହି ସମୟରେ ଲୋକେ ନିଜ ନିଜ ଇଷ୍ଟ ଦେବାଦେବୀଙ୍କ ନିକଟରେ ନବାନ୍ନ ଲାଗି କରି ନୂଆଁଖାଇ ପାରିବେ।

# ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ

ଭୁବନେଶ୍ୱର,୨୯।୮(ମହାଭାରତ): ଜାତୀୟ କ୍ରୀଡ଼ା ଦିବସ ଅବସରରେ ଆଜି ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ୨୦୨୩ ଏବଂ ବିଜୁ ପଟ୍ଟନାୟକ ସାହାସିକତା ପୁରସ୍କାର ୨୦୨୩ ପ୍ରଦାନ କରାଯାଇଛି। ରାଜ୍ୟ କନଭେନସନ ହଲରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

ହକି କ୍ଷେତ୍ରରେ ଉତ୍କର୍ଷ ଅବଦାନ ଓ ଆଜୀବନ ଉପଲବ୍ଧି ପାଇଁ ଲାଜ୍ରୁସ ବାର୍ଲାଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ୨୦୨୩ରେ ସମ୍ମାନିତ କରାଯାଇଛି। ପୁରସ୍କାର ବାବଦକୁ ତାଙ୍କୁ ୪ ଲକ୍ଷ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଛି।ଶ୍ରେଷ୍ଠ କ୍ରୀଡ଼ାବିତ ଭାବେ ଜାଭେଲିନ ଥ୍ରୋୟର କିଶୋର କୁମାର ଜେନାଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ୨୦୨୩ ପ୍ରଦାନ କରାଯାଇଛି। ତାଙ୍କୁ ୩ ଲକ୍ଷ



ଟଙ୍କାର ପୁରସ୍କାର ରାଶି ସହ ଟ୍ରଫି ପ୍ରଦାନ କରାଯାଇଛି।

ଶ୍ରେଷ୍ଠ ଉଦୀୟମାନ କନିଷ୍ଠ କ୍ରୀଡ଼ାବିତ ଭାବେ ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ୨୦୨୩ ପ୍ରଦାନ କରାଯାଇଛି। ପୁରସ୍କାର ବାବଦକୁ ତାଙ୍କୁ ୨ ଲକ୍ଷ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି।ଦୃଷ୍ଟିବାଧିତ କ୍ରିକେଟର ମହମ୍ମଦ ଜାଫର ଇକବାରଲଙ୍କୁ ଶ୍ରେଷ୍ଠ ଦିବ୍ୟାଙ୍ଗ କ୍ରୀଡ଼ାବିତ ଭାବେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ୨୦୨୩ ପ୍ରଦାନ କରାଯାଇଛି। ତାଙ୍କୁ ମଧ୍ୟ ୨ ଲକ୍ଷ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଛି।କ୍ରୀଡ଼ା ପ୍ରଶିକ୍ଷଣ କ୍ଷେତ୍ରରେ ଉତ୍କର୍ଷ ପ୍ରଦର୍ଶନ ପାଇଁ ହକି ପ୍ରଶିକ୍ଷକ ବିଜୟ କୁମାର ଲାକ୍ରାଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ୨୦୨୩ ପ୍ରଦାନ କରାଯାଇଛି। ତାଙ୍କୁ ୨ ଲକ୍ଷ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଛି।ଶ୍ରେଷ୍ଠ କ୍ରୀଡ଼ା ସାମ୍ବାଦିକ ଭାବେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ୨୦୨୩ ପାଇଛନ୍ତି ସୁକେଶ ରଞ୍ଜନ ବେହେରା। ତାଙ୍କୁ ଦୁଇ ଲକ୍ଷ ଟଙ୍କା ସହ ଟ୍ରଫି ଦିଆଯାଇଛି।

ଶ୍ରେଷ୍ଠ କ୍ରୀଡ଼ା ବୈଷୟିକ ଅଧିକାରୀ/କ୍ରୀଡ଼ା ସହାୟକ ଭାବେ ରୂପାନ୍ୱିତା ପଣ୍ଡାଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ୨୦୨୩ ପ୍ରଦାନ କରାଯାଇଛି। ତାଙ୍କୁ ୨ ଲକ୍ଷ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଛି।

ଜୟନ୍ତୀ ମଲ୍ଲିକ ଓ ରୁଦ୍ର ପ୍ରସାଦ ମଲ୍ଲିକଙ୍କୁ ବିଜୁ ପଟ୍ଟନାୟକ ସାହାସିକତା ପୁରସ୍କାର ୨୦୨୩ ପ୍ରଦାନ କରାଯାଇଛି। ପୁରସ୍କାର ବାବଦକୁ ସେମାନଙ୍କୁ ୨ ଲକ୍ଷ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଛିଯ କ୍ରୀଡ଼ା ପ୍ରୋତ୍ସାହନ କ୍ଷେତ୍ରରେ ସର୍ବୋତ୍କୃଷ୍ଟ ଅବଦାନ ପାଇଁ ନବରତ୍ନ କମ୍ପାନୀ ନାଲକୋକୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ୨୦୨୩ ପ୍ରଦାନ କରାଯାଇଛି।

## ମଣିଷକୁ ବ୍ୟାପିନି ବାର୍ଡ ଫ୍ଲୁ

ଭୁବନେଶ୍ୱର,୨୯।୮: ମଣିଷକୁ ସଂକ୍ରମଣ ହୋଇନି ବାର୍ଡ ଫ୍ଲୁ ପୁରୀ ଜିଲ୍ଲାରୁ ସଂଗୃହୀତ ଅସୁସ୍ଥ ବ୍ୟକ୍ତିଙ୍କ ନମୁନା ନେଗେଟିଭ୍ ଆସିଛି ବାର୍ଡ ଫ୍ଲୁକୁ ନେଇ ଜାରି ରହିଥିବା ଆତଙ୍କ ଭିତରେ ଆଜି ଏଭଳି ସୂଚନା ଦେଇ ଆଶ୍ୱସ୍ତି ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ।ସେ କହିଛନ୍ତି, ପୁରୀ ମଙ୍ଗଳପୁର ଅଂଚଳର ଜଣେ ବ୍ୟକ୍ତିଙ୍କର ଯେଉଁ ନମୁନା ପରୀକ୍ଷା ପାଇଁ ପୁଣେ ଯାଇଥିଲା, ତାହା ନେଗେଟିଭ ଆସିଛି ତଥାପି ସଂପୃକ୍ତ ବ୍ୟକ୍ତିଙ୍କୁ ଆଇସୋଲେସନରେ ରଖାଯାଇଛି ବାର୍ଡ ଫ୍ଲୁ ଯେଭଳି ନବ୍ୟାପିବ ସେନେଇ ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିବା ସହ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି ।

ଅନ୍ୟପକ୍ଷରେ ପୁରୀ ଜିଲ୍ଲାରେ ମାଡ଼ିଚାଲିଛି ବାର୍ଡ ଫ୍ଲୁ ସ୍ୱୟବାଦୀ ଓ ପିପିଲି ଅଞ୍ଚଳରୁ ଯାଇଥିବା ବାର୍ଡ ଫ୍ଲୁ ନମୁନା ପଜିଟିଭ୍ ଆସିଥିବା ବେଳେ ଆଜି ସୁଦ୍ଧା ୩୦ ହଜାର କୁକୁଡା ମରା ଯାଇଥିବା କହିଛନ୍ତି ମତ୍ସ୍ୟ ଓ ପ୍ରାଣୀ ସଂପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ବାର୍ଡ ଫ୍ଲୁରେ କ୍ଷତିଗ୍ରସ୍ତ କୁକୁଡ଼ା ଚାଷୀଙ୍କୁ କ୍ଷତିପୂରଣ ଦେବେ ସରକାର ଏହି ସୂଚନା ଦେଇଛନ୍ତି ମନ୍ତ୍ରୀ ଶ୍ରୀ ମଲ୍ଲିକ। ସେ କହିଛନ୍ତି, ଛୋଟ କୁକୁଡ଼ାକୁ ୨୦ ଟଙ୍କା ଓ ବଡ଼ କୁକୁଡ଼ା ପାଇଁ ୭୦ ଟଙ୍କା ଓ ଅଣ୍ଡା ପିଛା ୩ ଟଙ୍କା କ୍ଷତିପୂରଣ ବ୍ୟବସ୍ଥା ହୋଇଛି। ବର୍ତ୍ତମାନ ସୁଦ୍ଧା ଦିଆଯାଇଛି ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଇଛି। ବାର୍ଡ ଫ୍ଲୁ କିଭଳି ଅଲଗା ଜିଲ୍ଲାକୁ ନ ବ୍ୟାପିବ ସେ ନେଇ ବିଭାଗ ସଚେତନ ରହିଛି ନିମାପଡ଼ା ଓ ଡେଲାଙ୍ଗରୁ ନମୁନା ପଠାଯାଇଛି, ଆସିଲେ ଜଣାପଡ଼ିବ ସେ ଅଞ୍ଚଳରେ ବାର୍ଡ ଫ୍ଲୁ ଅଛି କି ନାହିଁ।

## ନନ୍ଦନକାନନରେ ନୂଆ ଅତିଥି

ଭୁବନେଶ୍ୱର,୨୯।୮(ମହାଭାରତ): ନନ୍ଦନକାନନକୁ ଆସିଲେ ଅତିଥି। ସିଂହୀ ବିଜିଳି ନିକଟରୁ ୫ଟି ସିଂହ ଛୁଆ ଜନ୍ମ ହୋଇଛନ୍ତି। ସିଂହୀ ବିଜିଳି ଏବଂ ସିଂହ ରାଜେଶର ମିଳନରୁ ବିଜିଳି ୫ ଶାବକ ଜନ୍ମ ଦେବା ଫଳରେ ଏସୀୟ ସିଂହଙ୍କ ସଂଖ୍ୟା ମଧ୍ୟ ୧୮କୁ ବୃଦ୍ଧି ପାଇଛି। ଏହା ସହିତ ନନ୍ଦନକାନନର ମୋଟ ସିଂହ ସଂଖ୍ୟା ୨୫କୁ ବୃଦ୍ଧି ହୋଇଛି। ଉଭୟ ମାଆ ଓ ଛୁଆଙ୍କ ଉପରେ ନଜର ରଖାଯାଇଛି ବୋଲି କହିଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ନୂଆ ଅତିଥିଙ୍କ ଆଗମନ ନେଇ ପ୍ରାଣୀ ଉଦ୍ୟାନରେ ଆନନ୍ଦର ବାତାବରଣ ସୃଷ୍ଟି ହୋଇଛି।

# ଲଘୁଚାପ କ୍ଷେତ୍ର ସୃଷ୍ଟି: ୩ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ

ଭୁବନେଶ୍ୱର,୨୯।୮(ମହାଭାରତ): ବଙ୍ଗୋପ ସାଗରରେ ସୃଷ୍ଟି ହୋଇଛି ଏକ ଲଘୁଚାପ କ୍ଷେତ୍ରୟ କେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର ବଙ୍ଗୋପ ସାଗରରେ ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ପାଣିପାଗ ବିଭାଗର ସୂଚନା ଅନୁସାରେ ଏହା ପଶ୍ଚିମ-ଉତ୍ତର-ପଶ୍ଚିମକୁ ମୁହାଁଇ ଆସନ୍ତାକାଲି ସୁଦ୍ଧା ପଶ୍ଚିମ-କେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପ ସାଗରରେ ସୁଦୃଶ୍ୟ ଲଘୁଚାପର ରୂପ ନେବ।

ଆସନ୍ତାକାଲି ସକାଳ ସାଢ଼େ ୮ଟାରୁ ୩୧ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମାଲକାନଗିରି, କୋରାପୁଟ, ଗଜପତି ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ସହିତ ଭୀଷଣ ବର୍ଷା ହୋଇପାରେ। ଏହି ସମୟରେ ବିଜୁଳି, ଘଡ଼ଘଡ଼ି ହେବାର ମଧ୍ୟ ସମ୍ଭାବନା ରହିଛି। ସେଥିପାଇଁ ଏହି ତିନି ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଦିଆଯାଇଛି। ଏହି ସମୟ ମଧ୍ୟରେ ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା ଓ ଗଞ୍ଜାମ ଜିଲ୍ଲାର କିଛି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ହେବା ସହିତ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ତେଣୁ ଏହି ଜିଲ୍ଲାଗୁଡ଼ିକୁ ମଧ୍ୟ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି। ନୂଆପଡ଼ା, ବଲାଙ୍ଗିର, ବରଗଡ଼, ସୋନପୁର, ବୌଦ୍ଧ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ ଓ ଜଗତସିଂହପୁର ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

୩୧ ତାରିଖ ସକାଳ ସାଢ଼େ ୮ଟାରୁ ୧ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମାଲକାନଗିରି, ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି। ନୂଆପଡ଼ା, କଳାହାଣ୍ଡି, ରାୟଗଡ଼ା, ଗଜପତି ଓ ବଲାଙ୍ଗିର ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୧ ତାରିଖ ସକାଳ ସାଢ଼େ ୮ଟାରୁ ୨ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ ଓ ନବରଙ୍ଗପୁରର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

### ଆଜି କୋରାପୁଟରେ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ର ଛୁଟି

ଆସନ୍ତାକାଲି କୋରାପୁଟ ଜିଲ୍ଲାରେ ସବୁ ସ୍କୁଲ୍ ଓ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରହିବ। ବର୍ଷା ପାଇଁ କୋରାପୁଟ ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି ହୋଇଥିବାରୁ ସ୍କୁଲ୍ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ଛୁଟି ଘୋଷଣା କରିଛନ୍ତି ଜିଲ୍ଲାପାଳ। ଏହା ସହିତ ବର୍ଷା ବେଳେ ଘରୁ ନବାହାରିବାକୁ ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ନିଜ ନିଜ ପକ୍କା ଘର କିମ୍ବା ଆଶ୍ରୟସ୍ଥଳରେ ରହିବାକୁ ସେ ଲୋକଙ୍କୁ କହିଛନ୍ତି। ଅଗ୍ନିଶମ ଓ ଓଡ୍ରାଫ୍ ଟିମକୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ।

## ଏନକାଉଣ୍ଟରରେ ୩ ମହିଳା ନକ୍ସଲ ନିହତ

ମାଲକାନଗିରି,୨୯।୮(ମହାଭାରତ): ଛତିଶଗଡ଼ର ନାରାୟଣପୁର ଜିଲ୍ଲାର ଅବୁଝାମାଡ଼ର ଘଞ୍ଚ ଜଙ୍ଗଲରେ ସୁରକ୍ଷାବାହିନୀ ସହ ଚାଲିଥିବା ଏନକାଉଣ୍ଟରରେ ୩ ଜଣ ମହିଳା ନକ୍ସଲ ନିହତ ହୋଇଛନ୍ତି। ଘଟଣାସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ନକ୍ସଲ ସମ୍ବନ୍ଧୀୟ ସାମଗ୍ରୀ ଜବତ କରାଯାଇଛି ବସ୍ତର ଆଇଜି ପି ସୁନ୍ଦରରାଜ କହିଛନ୍ତି, ସକାଳ ୮ଟାରୁ ଏହି ଏନକାଉଣ୍ଟର ଆରମ୍ଭ ହୋଇଥିଲା ଏବଂ ଏବେ ବି ଜାରି ରହିଛି ଏବଂ ଜିଲ୍ଲା ରିଜର୍ଭ ଗାର୍ଡ, ସ୍ପେଶାଲ ଟାସ୍କ ଫୋର୍ସ ଏବଂ ସୀମା ସୁରକ୍ଷା ବଳର ମିଳିତ ଟିମ୍ ଏହି ଅପରେସନରେ ନିୟୋଜିତ ଅଛନ୍ତି ନାରାୟଣପୁର ଓ କାଙ୍କେର ଜିଲ୍ଲାର ସୀମା ନିକଟବର୍ତ୍ତୀ ଅବୁଝାମାଡ଼ ଅଞ୍ଚଳରେ ମାଓବାଦୀଙ୍କ ଉପସ୍ଥିତି ନେଇ ଗୁଇନ୍ଦା ସୂଚନା ମିଳିବା ପରେ ତଲାସୀ ଅଭିଯାନ ଆରମ୍ଭ ହୋଇଥିଲା ବର୍ତ୍ତମାନ ସୁଦ୍ଧା ୩ ଜଣ ସଶସ୍ତ୍ର ମହିଳା ନକ୍ସଲଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ଘଟଣାସ୍ଥଳରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ନକ୍ସଲ ସମ୍ବନ୍ଧୀୟ ସାମଗ୍ରୀ ମିଳିଛି ସମସ୍ତ ସୁରକ୍ଷା କର୍ମୀ ସୁରକ୍ଷିତ ଅଛନ୍ତି ବୋଲି ବସ୍ତର ଆଇଜିପି ସୁନ୍ଦରରାଜ କହିଛନ୍ତି।

# ୫ ବର୍ଷରେ ପ୍ରଚାର ପାଇଁ ୪୫୨ କୋଟି ଖର୍ଚ୍ଚ

ଭୁବନେଶ୍ୱର,୨୯।୮(ମହାଭାରତ): ଗତ ପାଞ୍ଚ ବର୍ଷରେ ପ୍ରଚାର ପାଇଁ ପୂର୍ବତନ ବିଜେଡି ସରକାର ୪୫୨ କୋଟି ୯୬ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ସେହିପରି ବିଜ୍ଞାପନରେ ପାଣ୍ଡିଆନଙ୍କ ଫଟୋ ଲାଗିବା ପାଇଁ ରାଜ୍ୟ ରାଜକୋଷରୁ ୧୫ କୋଟି ୨୬ ଲକ୍ଷ ୯୧ ହଜାର ୯୩୩ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ଆଜି ବିଧାନସଭାରେ ପ୍ରଶ୍ନର ଉତ୍ତରରେ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ବିଧାନସଭାରେ ବିଧାନସଭାରେ ଦେଇଥିବା ଦୁଇଟି ଲିଖିତ ଉତ୍ତରରୁ ଜଣାପଡ଼ିଛି ଯେ, ୨୦୧୯ ଏପ୍ରିଲରୁ ୨୦୨୪ ଏପ୍ରିଲ ମାସ ମଧ୍ୟରେ ବିଜେଡି ସରକାର ନିଜର ପ୍ରଚାରପ୍ରସାର ପାଇଁ ମୋଟ ୪୫୨.୯୬କୋଟି ଟଙ୍କାର ବିଜ୍ଞାପନ ଗଣମାଧ୍ୟମକୁ ଦେଇଛନ୍ତି। ସେହିପରି କେତେକ ବିଶେଷ କାର୍ଯ୍ୟକ୍ରମରେ ତଥ୍ୟଭିତ୍ତିକ ଆଲେଖ୍ୟ(ଆଡଭୋଟୋରିଆଲ) ନିମନ୍ତେ ବିଭିନ୍ନ ସମ୍ବାଦପତ୍ରକୁ ୧୫ କୋଟି ୨୬ଲକ୍ଷ ୯୧ହଜାର ୯୩୩ଟଙ୍କା ଦିଆଯାଇଛି। ଏହି ଆଡଭୋଟୋରିଆଲରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ପୂର୍ବତନ ଫାଇଭ-ଟି ସଚିବଙ୍କ ଫଟୋ ସହିତ ସମ୍ପୃକ୍ତ କାର୍ଯ୍ୟକ୍ରମରେ ଜଡ଼ିତ ବ୍ୟକ୍ତିମାନଙ୍କ ଫଟୋ ପ୍ରକାଶ ପାଇଥିଲା ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।



ତେବେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ମୁହଁରେ ବିଭାଗ ଦେଇଥିବା ଲିଖିତ ଉତ୍ତରରୁ ଜଣାପଡ଼ିଛି ଯେ, ବିଜେଡି ସରକାର ସମୟରେ ପାଣ୍ଡିଆନଙ୍କ ଫଟୋଚିତ୍ର ଥାଇ ବିଭିନ୍ନ କାର୍ଯ୍ୟକ୍ରମ ନିମନ୍ତେ ୨୦୨୪ ଜାନୁୟାରୀରୁ ଏପ୍ରିଲ ମାସ ଅବଧିରେ ଦିଆଯାଇଥିବା ମୋଟ ୧୫.୨୬କୋଟି ଟଙ୍କାର ଆଡଭୋଟେରିଆଲ ମଧ୍ୟରୁ ପ୍ରାୟ ୧୧.୧୧କୋଟି ଟଙ୍କାର ଆଡଭୋଟୋରିଆଲକୁ ନୂଆ ସରକାର ଆସିବା ପରେ ଅର୍ଥାତ ଜୁନ୍ ୩୦ତାରିଖ ପରେ ମଞ୍ଜୁର କରାଯାଇଛି। ବିଜେଡି ସରକାର ଅମଳରେ ୨୦୨୪ ଜାନୁୟାରୀ ୧୭ରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଦିଆଯାଇଥିବା ୯.୨୨କୋଟି ଟଙ୍କାର ଆଡଭୋଟୋରିଆଲକୁ ଗତ ଜୁନ୍ ୩୦ତାରିଖରେ ବିଭାଗ ମଞ୍ଜୁରୀ ଦେଇଛି। ସେହିପରି ୨୦୨୪ ଜାନୁୟାରୀ ମାସରେ ମା ସମଲେଇ ପ୍ରକଳ୍ପ ପାଇଁ ଦିଆଯାଇଥିବା ୧.୫୭କୋଟି ଟଙ୍କାର ଆଡଭୋଟୋରିଆଲକୁ ଚଳିତ ଅଗଷ୍ଟ ୧୭ତାରିଖରେ ମଞ୍ଜୁରୀ ମିଳିଛି ।୨୦୨୪ ଫେବୃୟାରୀ ମାସରେ ପ୍ରଥମ ବିଶ୍ୱ ଭାଷା ସାହିତ୍ୟ ସମ୍ମିଳନୀ ପାଇଁ ଦିଆଯାଇଥିବା ୨୨.୧୧ଲକ୍ଷ ଟଙ୍କାର ଆଡଭୋଟୋରିଆଲକୁ ଚଳିତମାସ ୨୩ତାରିଖରେ ମଞ୍ଜୁରୀ ଦିଆଯାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ୧.୧୬କୋଟି ଟଙ୍କାର ଆଡଭୋଟୋରିଆଲକୁ ଏବେବି ମଞ୍ଜୁରୀ ମିଳିନଥିବା ଜଣାପଡ଼ିଛି। ଅବଶ୍ୟ ଫେବୃୟାରୀ ମାସରେ ଘୋଷଣା ହୋଇଥିବା ନୂଆ ଓ ସ୍କଲାରସିପ୍ ସ୍ମାର୍ଟ କାର୍ଡ ଯୋଜନା ପାଇଁ ୧.୨୨କୋଟି ଟଙ୍କାର ଆଡଭୋଟୋରିଆଲକୁ ବିଭାଗ ବିଜେଡି ସରକାର ସମୟରେ ଏପ୍ରିଲ ୧୯ତାରିଖରେ ଅନୁମୋଦନ କରିଥିବା ଦର୍ଶାଇଛି। ୨୦୧୯ରୁ ୨୦୨୪ ଏପ୍ରିଲ ମାସ ମଧ୍ୟରେ ଦିଆଯାଇଥିବା ମୋଟ ୪୫୨.୯୬କୋଟି ଟଙ୍କା ମଧ୍ୟରେ ବିଭିନ୍ନ ସମ୍ବାଦପତ୍ରକୁ ୪୩୨.୯୨କୋଟି ଟଙ୍କା,ବିଭିନ୍ନ ଟିଭି ଚ୍ୟାନେଲକୁ ୧୯.୭୭କୋଟି ଟଙ୍କା ଓ ବିଭିନ୍ନ ୱେବମିଡିଆକୁ ୨୭.୦୨ଲକ୍ଷ ଟଙ୍କାର ବିଜ୍ଞାପନ ଦିଆଯାଇଥିଲା।

## ବାହାର୍ଦ୍ଦାରେ ହେବ ହାଇଜେନିକ ମାଛ ମଣ୍ଡି

ବାଲେଶ୍ୱର,୨୯।୮(ମହାଭାରତ):ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ବାହାର୍ଦ୍ଦାରେ ରାଜ୍ୟର ସର୍ବ ବୃହତ ହାଇଜେନିକ ମାଛ ଚାଷ ନିମନ୍ତେ ଏକ ସର୍ବ ବୃହତ ମଣ୍ଡି ନିମାଣ ପାଇଁ ବାହାର୍ଦ୍ଦା କୃଷି ଫାର୍ମର ଜମିରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ସ୍ଥିତି ଅନୁଧ୍ୟାନ କରିଛନ୍ତି। ୭୮.୨୫ କୋଟି ଟଙ୍କାର ପୁଞ୍ଜି ବିନିଯୋଗରେ କୋଡ଼ିଏ ଏକର ଜମିରେ ବିରାଟ ଆନ୍ତଃରାଜ୍ୟ ହାଇଜେନିକ ମାଛ ବଜାର ନିର୍ମାଣ ହେବ। ଆସନ୍ତାକାଲି ଏହି ବୃହତ ପ୍ରକଳ୍ପକୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଓଡ଼ିଶାର ୪୬୦ କିମି ସାମୁଦ୍ରିକ ବେଳାଭୂମି ଥିବା ବେଳେ ଅନେକ ନଦୀ ଓ ହ୍ରଦ ରହିଛି। ଏହିସବୁ ସୂତ୍ରରୁ ଉତ୍ପାଦିତ ମାଛ ବିକ୍ରି ପାଇଁ ଭଲ ଆନ୍ତଃରାଜ୍ୟ ମାଛ ବଜାରର ଅଭାବ ରହିଛି। ଓଡ଼ିଶା ମତ୍ସ୍ୟ ଉତ୍ପାଦନରେ ଆଗୁଆ। ଥିଲେ ମଧ୍ୟ ଉପଯୁକ୍ତ ମଣ୍ଡି ଅଭାବରୁ ପଡୋଶୀ ପଶ୍ଚିମବଙ୍ଗ ସହିତ ଅନେକ ରାଜ୍ୟ ଓଡ଼ିଶା ର ବ୍ୟବସାୟ କରି ଲାଭବାନ ହେଉଥିବା ବେଳେ ଓଡ଼ିଶା ମାଛ ଚାଷୀ ଓ ବ୍ୟବସାୟୀ ଲାଭ ଉଠାଇ ପାରୁ ନାହାନ୍ତି। ଏଥିପାଇଁ ମଧ୍ୟ ଅନେକ ଚାଷୀ ଓ ବ୍ୟବସାୟୀ ମାଛ ଚାଷ ଓ ବ୍ୟବସାୟ ରୁ ମୁହଁ ଫେରାଇବା ଦେଖିବାକୁ ମିଳୁଛି। ଏହାକୁ ଲକ୍ଷ୍ୟ କରି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରଚେଷ୍ଟାରେ ଜାତୀୟ ରାଜପଥର ବସ୍ତା ନିକଟସ୍ଥ ବାହାର୍ଦ୍ଦା କୃଷି ଫାର୍ମରେ ସରକାର ହାଇଜେନିକ ମାଛ ମଣ୍ଡି ପାଇଁ ସବୁଜ ସଙ୍କେତ ଦେବା ପରେ ମାଛ ଚାଷୀଙ୍କ ମୁହଁରେ ହସ ଫୁଟି ଉଠିଛି।

## ଦ୍ୱିଗୁଣ ହେବ ଆରଏସ୍‌ପି ଉତ୍ପାଦନ କ୍ଷମତା

ଭୁବନେଶ୍ୱର,୨୯।୮(ମହାଭାରତ): ରାଉରକେଲା ଇସ୍ପାତ କାରଖାନାର ଉତ୍ପାଦନ କ୍ଷମତା ଦ୍ୱିଗୁଣ ବୃଦ୍ଧି ପାଇବ। ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୪.୫ ମିଲିୟନ ଟନରୁ ୯ ମିଲିୟନ ଟନକୁ ବୃଦ୍ଧି କରାଯିବ।କେନ୍ଦ୍ର ଇସ୍ପାତ ସଚିବ ସନ୍ଦୀପ ପୌଣ୍ଡ୍ରିକ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଏହି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଜାରି ସୂଚନା ଅନୁସାରେ, ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ କେନ୍ଦ୍ର ଇସ୍ପାତ ସଚିବ ଶ୍ରୀ ପୌଣ୍ଡ୍ରିକ ସାକ୍ଷାତ କରି ଓଡ଼ିଶାରେ ଇସ୍ପାତ ଶିଳ୍ପର ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଆଲୋଚନାବେଳେ ରାଉରକେଲା ଇସ୍ପାତ କାରଖାନା, ଏନଏମଡିସି ଓ ଇସ୍ପାତ ବିଭାଗ ଅଧୀନସ୍ଥ ବିଭିନ୍ନ ପିଏସୟୁର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଆଲୋଚନାବେଳେ କେନ୍ଦ୍ର ଇସ୍ପାତ ସଚିବ ସୂଚନା ଦେଇ କହିଥିଲେ ଯେ, ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ କରାଯିବ। ଏହାର ଉତ୍ପାଦନ କ୍ଷମତାକୁ ୪.୫ ମିଲିୟନ ଟନରୁ ୯ ମିଲିୟନ ଟନକୁ ବୃଦ୍ଧି କରାଯିବ। ଏଥିପାଇଁ ସେ ରାଜ୍ୟ ସରକାରଙ୍କ ସହଯୋଗ କାମନା କରିଥିଲେ ରାଜ୍ୟ ସରକାର ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ରାଉରକେଲା ଆଇଜିଏଚ୍ ହସ୍ପିଟାଲ ଓ ଅନ୍ୟ ଖଣି ଅଂଚଳରେ ବିଭିନ୍ନ ବିଭାଗୀୟ ପିଏସୟୁ ଦ୍ୱାରା ପରିଚାଳିତ ହେଉଥିବା ହସ୍ପିଟାଲଗୁଡ଼ିକରେ ଅଧିକ ଉନ୍ନତି ଅଣାଯିବା ଆବଶ୍ୟକ।

## ପ୍ରେମ ପାଇଁ ନାବାଳକ ସାଜିଲା ହତ୍ୟାକାରୀ

ଭୁବନେଶ୍ୱର,୨୯।୮(ମହାଭାରତ): ପ୍ରେମରେ କଣ୍ଟା ସାଜିଲେ ଯୁବତୀଙ୍କ ଦାଦା। ଝିଅାରୀଠୁ ଦୂରେଇ ରହିବାକୁ ଚେତାବନୀ ବି ଦେଲେ। ମାତ୍ର ପ୍ରେମକୁ ଭୁଲି ପାରୁ ନ ଥିବା ନାବାଳକ ସାଜିଲେ ରକ୍ତମୁଖା ଆଉ ରାସ୍ତାରେ କଣ୍ଟା ସାଜିଥିବା ଦାଦାଙ୍କୁ ହଟାଇବାକୁ ପାଲଟିଗଲେ ଜହ୍ଲାଦ ।ଏପରିକି ରାତି ଅଧରେ ବାଇକ୍‌ରେ ଫେରୁଥିବା ଯୁବତୀଙ୍କ ଦାଦାଙ୍କ ବେକକୁ ଖଣ୍ଡାରେ ଚୋଟ ପକାଇଲେ ଫଳରେ ଆଖି ପିଛୁଳାକେ ମୁଣ୍ଡରୁ ଗଣ୍ଡି ଅଲଗା ହୋଇଗଲା।।

ଏପରି ଲୋମଟାଙ୍କୁରା ଘଟଣା ଗତକାଲି ରାତି ଅଧରେ ରାଜଧାନୀ ଛାତି ଉପରେ ଘଟିଛି। ଅଭିଯୁକ୍ତ ନାବାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି ପୁଲିସ୍। ଖଣ୍ଡଗିରି ଥାନା ଜଗନ୍ନାଥନଗର ଶୁକବିହାର ଅଞ୍ଚଳରେ ଗତ ରାତିରେ ଘଟିଥିବା ଏହି ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଛି। ମୃତକ ହେଲେ ଜଗା ମଲ୍ଲିକ। ଏନେଇ ଖଣ୍ଡଗିରି ଥାନାରେ ମାମଲା ରୁଜୁ ହୋଇଥିବା ବେଳେ, ଅଭିଯୁକ୍ତଙ୍କୁ ଅଟକ ରଖିଛି ପୁଲିସ ।



ଜଗାଙ୍କ ଝିଅାରୀଙ୍କ ସହ ଉକ୍ତ ସାହିର ଜଣେ ନାବାଳକଙ୍କର ପ୍ରେମ ସମ୍ପର୍କ ଥିଲା ନାବାଳକଜଣକ ଯୁକ୍ତ-୨ର ଛାତ୍ର ବୋଲି ଜଣାଯାଇଛି। ଏହି ଘଟଣାକୁ ଜଗା ତୀବ୍ର ବିରୋଧ କରୁଥିଲେ। ଏପରିକି ଝିଅାରୀ ଜୀବନରୁ ହଟିଯିବାକୁ ଚେତାବନୀ ଦେଉଥିଲେ। ଜଗା ବାଇକ୍‌ରେ ଘରକୁ ଫେରୁଥିବା ବେଳେ ହାତରେ ଏକ ଖଣ୍ଡା ଧରି ଅନ୍ଧାରୁଆ ଜାଗାରେ ଲୁଚି ରହିଥିଲେ ନାବାଳକ ହଠାତ୍ ଜଗା ଆସୁଥିବା ଦେଖି ସେ ଖଣ୍ଡାରେ ତାଙ୍କ ବେକକୁ ଏକ ଚୋଟ ପକାଇଥିଲେ ଫଳରେ ଘଟଣାସ୍ଥଳରେ ହିଁ ଜଗାଙ୍କ ଶରୀରରୁ ମୁଣ୍ଡ ଅଲଗା ହୋଇ ଯାଇଥିଲା।

ରାସ୍ତା ଉପରେ ଜଗାଙ୍କ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ଖଣ୍ଡଗିରି ପୁଲିସ୍‌କୁ ଖବର ଦେଇଥିଲେ ଖଣ୍ଡଗିରି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ପରେ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ପ୍ରାୟ ୨ ଘଣ୍ଟା ପରେ ପୁଲିସ୍ ଅଭିଯୁକ୍ତ ନାବାଳକଙ୍କୁ କାବୁ କରି ଥାନାରେ ଅଟକ ରଖିଛି।

# ଭାରତକୁ ମିଳିଲା ଦ୍ୱିତୀୟ ପରମାଣୁ ବୁଡ଼ାଜାହାଜ

ବିଶାଖାପାଟଣା,୨୯।୮(ମହାଭାରତ): ଭାରତ ଆଜି ବିଶାଖାପାଟଣାରେ ନିଜର ଦ୍ୱିତୀୟ ପରମାଣୁ ବୁଡ଼ାଜାହାଜ ଆଇଏନଏସ ଅରିଘାତକୁ ନୌସେନାରେ ସାମିଲ କରିଛି। ଅରିହନ୍ତ ଶ୍ରେଣୀର ଏହି ବୁଡ଼ାଜାହାଜ ଭାରତର ଆଣବିକ ଶକ୍ତିକୁ ସୁଦୃଢ଼ କରିବା ସହ ପରମାଣୁ ପ୍ରତିରୋଧ ଶକ୍ତି ବୃଦ୍ଧି କରିବ। ଆଇଏନଏସ ଅରିଘାତ ରଣନୈତିକ ସନ୍ତୁଳନ ଓ ଶାନ୍ତି ପ୍ରତିଷ୍ଠା କରିବାରେ ସହାୟକ ହେବ ଏବଂ ଦେଶର ସୁରକ୍ଷାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ ବୋଲି ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି।

ଆଣବିକ କ୍ଷେପଣାସ୍ତ୍ର ଉତ୍ପାଦନ ସମାରୋହରେ ଯୋଗଦେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ନୌସେନାର ଏହି ମାଇଲଖୁଣ୍ଟକୁ ଦେଶ ପାଇଁ ଏକ ଉପଲବ୍ଧି ବୋଲି ବର୍ଣ୍ଣନା କରିବା ସହ ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ହାସଲ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱଧୀନ ସରକାରଙ୍କ ଅତୁଟ ସଂକଳ୍ପର ପ୍ରମାଣ ବୋଲି କହିଛନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଆଇଏନଏସ ଅରିଘାତ ନିର୍ମାଣରେ ଉନ୍ନତ



ଡିଜାଇନ ଏବଂ ଉତ୍ପାଦନ ପ୍ରଯୁକ୍ତି, ବିସ୍ତୃତ ଗବେଷଣା ଏବଂ ବିକାଶ, ସ୍ୱତନ୍ତ୍ର ସାମଗ୍ରୀର ବ୍ୟବହାର, ଜଟିଳ ଇଞ୍ଜିନିୟରିଂ ଏବଂ ଉଚ୍ଚ କୁଶଳୀ କାରିଗରୀ ବ୍ୟବହାର ହୋଇଛି। ଦେଶର ଆଣବିକ ବୁଡ଼ାଜାହାଜରେ ସ୍ୱଦେଶୀ ପ୍ରଣାଳୀ ଏବଂ ଉପକରଣ ରହିଛି। ଯାହାକୁ ଭାରତୀୟ ବୈଜ୍ଞାନିକ, ଶିଳ୍ପ ଏବଂ ନୌସେନା କର୍ମଚାରୀମାନେ ପରିକଳ୍ପନା, ଡିଜାଇନ୍ ଏବଂ ଉତ୍ପାଦନ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ନବୀନ ଜିନ୍ଦଲ ଓ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ପ୍ରତିନିଧି ଦଳ

ଭୁବନେଶ୍ୱର, ୨୯।୮(ମହାଭାରତ): କୁରୁକ୍ଷେତ୍ର ଲୋକସଭା ନିର୍ବାଚନ ମଣ୍ଡଳୀରୁ ତୃତୀୟ ଥର ସାଂସଦ ତଥା ଜିନ୍ଦଲ ଷ୍ଟିଲ୍ ଏଣ୍ଡ ପାୱାର୍ (ଜେଏସପି)ର ଅଧ୍ୟକ୍ଷ ନବୀନ ଜିନ୍ଦଲ ଆଜି ଲୋକସେବା ଭବନରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ଆଜି ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।

ଏହି ବୈଠକରେ ଓଡ଼ିଶାରେ ଜେଏସପିର ଓଡ଼ିଶାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପ ଉପରେ ଆଲୋଚନା ହୋଇଥିଲା। ଅନୁଗୁଳ ଇସ୍ପାତ କାରଖାନାକୁ ପର୍ଯ୍ୟାୟକ୍ରମେ ବାର୍ଷିକ ୨୫.୨ ନିୟୁତ ଟନ୍ କୁ ସମ୍ପ୍ରସାରଣ କରାଯିବା ସମ୍ପର୍କରେ ଶ୍ରୀ ଜିନ୍ଦଲ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ସମ୍ପ୍ରସାରଣ ସମ୍ପୂର୍ଣ୍ଣ ହେବା ପରେ ଏହା କୌଣସି ଗୋଟିଏ ସ୍ଥାନରେ ବିଶ୍ୱର ସର୍ବବୃହତ ଇସ୍ପାତ କାରଖାନା ହେବ।

ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଭାରତ ନିର୍ଦ୍ଦେଶକ ଏଲିଜାବେଥ୍ ଫେରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି। ଲୋକସେବା ଭବନରେ ଏହି ସୌଜନ୍ୟ ସାକ୍ଷାତ କାର୍ଯ୍ୟକ୍ରମ ଅବସରରେ ଓଡ଼ିଶାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଖାଦ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ବିଶଦ ଅବଗତ ହୋଇଥିଲେ।

# କଙ୍କଡ଼ା ଗୋଡ଼ ମସଲା

**ଆବଶ୍ୟକ ସାମଗ୍ରୀ:**କଙ୍କଡ଼ା, ନଡ଼ିଆ କୋରା, ପିଆଜ, ଅଦା, ରସୁଣ, ପୋସ୍ତ, ଜୀରା, ଲବଙ୍ଗ, ଡାଲଚିନି, ଗୁଜୁରାତି, ଗୋଲମରିଚ, ଧନିଆ ଓ ତେଜପତ୍ର, ଲୁଣ, ହଳଦୀ ଗୁଣ୍ଡ ଓ ଲେମ୍ବୁ ରସ, ତେଲ, ଧନିଆଁପତ୍ର, କଞ୍ଚାଲଙ୍କା।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ କଙ୍କଡ଼ାକୁ ସଫା କରି ତାର ଛୋଟ ଗୋଡ଼କୁ କାଟି ଛାଣି ରଖନ୍ତୁ। କଙ୍କଡ଼ାରେ ଲୁଣ, ହଳଦୀ ଗୁଣ୍ଡ ଓ ଲେମ୍ବୁ ରସ ପକାଇ ମ୍ୟାରିନେଟ୍ କରି ରଖନ୍ତୁ। ନଡ଼ିଆ କୋରା, ପିଆଜ, ପୋସ୍ତ, ଜୀରା, ଲବଙ୍ଗ, ଡାଲଚିନି, ଗୁଜୁରାତି, ଗୋଲମରିଚ, ଧନିଆ ଓ ତେଜପତ୍ରକୁ ଭାଜି ବାଟି ରଖନ୍ତୁ। କରେଇରେ ତେଲ ଗରମ କରି ଗୋଟା ମସଲା ଓ ପିଆଜ କଟା ପକାଇ ଭାଜନ୍ତୁ। ପିଆଜ ଭାଜି ହୋଇଗଲା ପରେ ସେଥିରେ ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଧନିଆପତ୍ର, ଟମାଟୋ, କଞ୍ଚାଲଙ୍କା, ଅଦାରସୁଣ ବଟା ପକାଇ ଭଲ ଭାବେ କଷନ୍ତୁ। ମସଲା ଅଳ୍ପ କଷି ହେବା ପରେ ପ୍ରସ୍ତୁତ ଥିବା ଗୋଟା ମସଲାବଟା ଓ ଲୁଣ ପକାଇ ଭଲଭାବେ ଗୋଳାନ୍ତୁ। ଏହାପରେ ମ୍ୟାରିନେଟ୍ କଙ୍କଡ଼ାକୁ ପକାଇ ଗୋଳାଇ ଘୋଷଣୀ ଘୋଡ଼ାଇ ଦିଅନ୍ତୁ। କିଛି ସମୟ ପରେ ଘୋଡ଼ଣୀ ବାହାର କରି ପ୍ରସ୍ତୁତ କଙ୍କଡ଼ା ଗୋଡ଼କୁ ପକାଇ ଗୋଳାନ୍ତୁ ଓ ଅଳ୍ପ ପାଣି ଦେଇ ଘୋଡ଼ଣି ଘୋଡ଼ାଇ ଦିଅନ୍ତୁ। ୨ରୁ ୫ ମିନିଟ୍ ପରେ ଘୋଡ଼ଣୀ ବାହାର କରି ଧନିଆଁପତ୍ର ଓ କଞ୍ଚାଲଙ୍କା ପକାଇ ଚୁଲିରୁ ଓହ୍ଲାନ୍ତୁ।



ଖବର

# ଧୁମଧାମରେ ଦ୍ୱିତୀୟ ବିବାହ କରିବାକୁ ଚାହୁଁନାହାନ୍ତି ନାଗା ଚେତନ୍ୟ

ସାଉଥ ଷ୍ଟାର ନାଗା ଚେତନ୍ୟ ଏବଂ ଶୋଭିତା ଧୁଳିପାଲା ଏବେ ଚର୍ଚ୍ଚାରେ ଅଛନ୍ତି। ଏହି ଦମ୍ପତି ସେମାନଙ୍କ ସମ୍ପର୍କକୁ ବହୁତ ଲୁଚାଇ ରଖିଥିବା ବେଳେ କିଛି ଦିନ ତଳେ ନିର୍ବନ୍ଧ କରି ନିଜ ସମ୍ପର୍କ ବିଷୟରେ ସମସ୍ତଙ୍କୁ ଜଣାଇଥିଲେ। ଏହି ମାସ ଆରମ୍ଭରେ, ସେମାନେ ନିର୍ବନ୍ଧ କରି ପରସ୍ପରକୁ ଭଲ ପାଉଥିବା ବିଷୟରେ ସାର୍ବଜନୀନ କରିଥିଲେ। ନିର୍ବନ୍ଧ ପରେ ପ୍ରଶଂସକମାନେ ଏହି ଦମ୍ପତିଙ୍କ ବିବାହକୁ ଅପେକ୍ଷା କରିଛନ୍ତି। ଏବେ ଚେତନ୍ୟ ଏବଂ ଶୋଭିତାଙ୍କ ବିବାହର ତାରିଖ ଏବଂ ସ୍ଥାନ ସମ୍ପର୍କରେ ସୂଚନା ସାମ୍ନାକୁ ଆସିନଥିବା ବେଳେ ଦ୍ୱିତୀୟ ବିବାହକୁ ନେଇ ଚେତନ୍ୟଙ୍କ ପ୍ରତିକ୍ରିୟା ସାମ୍ନାକୁ ଆସିଛି। ବିବାହର ଆୟୋଜନ କେତେ ବଡ଼ ହେବ ସେ ନେଇ ପ୍ରଶ୍ନ କରାଯିବାରୁ ଚେତନ୍ୟ କହିଥିଲେ, ମୋ ପାଇଁ ବିବାହର ମାନେ ହେଲା ମୋ ଜୀବନରେ ଗୁରୁତ୍ୱ ରଖୁଥିବା ଲୋକଙ୍କ ଉପସ୍ଥିତ। ଆୟୋଜନ ବଡ଼ ହେବା ଜରୁରୀ ନୁହେଁୟ ବରଂ ଆମ ସଂସ୍କୃତି ଏବଂ ପରମ୍ପରାକୁ ଧ୍ୟାନରେ ରଖି ବିବାହ ହେବା ଜରୁରୀ। ମୁଁ ଏଭଳି ବିବାହ ଚାହେଁ। ତାଙ୍କର ଏହି ବୟାନ ପରେ ଉଭୟ ଚେତନ୍ୟ ଓ ଶୋଭିତା ନିରାଡମ୍ବର ଭାବେ ବିବାହ କରିବେ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି।





# ପ୍ରାତଃ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣର ସୁଫଳ

ଆସ୍ଥାବାନ ହିନ୍ଦୁ ଭଗବାନ ସୂର୍ଯ୍ୟଦେବଙ୍କୁ ପ୍ରତିଦିନ ସକାଳୁ ଅର୍ଘ୍ୟ ଦେଇଥାନ୍ତି । ଅର୍ଘ୍ୟ ଦେବା ଦ୍ୱାରା ଅନେକ ଲାଭ ହୋଇଥାଏ । ବେଦ, ପୁରାଣ ଏବଂ ଶାସ୍ତ୍ରରେ ଯୋଗ ସାଧନା ଓ ସୂର୍ଯ୍ୟ ନମସ୍କାର ବିଷୟରେ ବର୍ଣ୍ଣନା ରହିଛି । ସର୍ବଶକ୍ତିମାନ ହୋଇଥିବା କାରଣରୁ ପୂଜାର୍ଚ୍ଚନା, ଆରାଧନା ଏବଂ ଉପାସନା ଦ୍ୱାରା ଭଗବାନ ସୂର୍ଯ୍ୟଦେବ ପ୍ରସନ୍ନ ହୋଇଥାନ୍ତି । ସୂର୍ଯ୍ୟଙ୍କ କୁପ୍ରଭାବରୁ ବ୍ୟକ୍ତି ରୋଗଗ୍ରସ୍ତ ହେବା ସହିତ ମାନସମ୍ମାନ ହରାଇଥାଏ । ଏଣୁ ସ୍ୱାସ୍ଥ୍ୟ, ସମ୍ମାନ, ପ୍ରତିଷ୍ଠା ଏବଂ ସୁଖ ପ୍ରାପ୍ତି ନିମନ୍ତେ ସୂର୍ଯ୍ୟ ଉପାସନା କରିବା ଜରୁରୀ । ସୂର୍ଯ୍ୟଙ୍କ କୃପାପ୍ରାପ୍ତି କରିବା ଲାଗି ଆଦିତ୍ୟ ହୃଦୟ ସ୍ତୋତ୍ର, ସୂର୍ଯ୍ୟ ଚାଳୀଶା ପାଠ କରିବା ଉଚିତ୍ । ଏଥିସହିତ ଦକ୍ଷିଣାବୃତ୍ତି କିମ୍ବା ଗୋମୁଖୀ ଶଙ୍ଖ ଦ୍ୱାରା ଅର୍ଘ୍ୟ ଅର୍ପଣ କରିବା ଆବଶ୍ୟକ । ପ୍ରତି ରବିବାର ସୂର୍ଯ୍ୟ ପୂଜା କରିବା ଉତ୍ତମ ଫଳ ଦେଇଥାଏ । ଧାର୍ମିକ ଦୃଷ୍ଟିକୋଣରୁ ଜଗତର ସଂରଚନା, ପାଳନ ଏବଂ ସଂହାର ପାଇଁ ଦାୟୀ ପରବ୍ରହ୍ମଙ୍କ ସ୍ୱରୂପ ପଞ୍ଚଦେବଙ୍କ ମଧ୍ୟରୁ ସୂର୍ଯ୍ୟଦେବ ଜଣେ । ରବିବାର ସୂର୍ଯ୍ୟ ପୂଜା ସମୟରେ ରକ୍ତ ପୁଷ୍ପ ଦ୍ୱାର ଅର୍ଘ୍ୟ ଦିଆଯିବାର ବିଧି ରହିଛି । ଅର୍ଘ୍ୟ ଦ୍ୱାରା ବିସର୍ଜିତ ଜଳକୁ ଦକ୍ଷିଣ ନାସିକା, ନେତ୍ର, କାନ ଏବଂ ବାହୁରେ ସ୍ପର୍ଶ କରାଇବା ଉଚିତ୍ । ସୂର୍ଯ୍ୟ ହେଉଛନ୍ତି କାଳଚକ୍ରର ପ୍ରଣେତା । ସୂର୍ଯ୍ୟଙ୍କ ଦ୍ୱାରା ଦିନରାତି, ସମୟ, କ୍ଷଣ, ମାସ, ବର୍ଷ ଆଦିର ବିଭାଗ ହୋଇଥାଏ । ସୂର୍ଯ୍ୟ ସମ୍ପୂର୍ଣ୍ଣ ସଂସାରର ପ୍ରକାଶକ । ଏହାଙ୍କ ବିନା ସବୁ ଅନ୍ଧକାର । ସୂର୍ଯ୍ୟ ଜୀବନ, ଉତ୍ତାପ, ବଳ, ଯଶ, ଚକ୍ଷୁ, ଆତ୍ମା ଏବଂ ମନର ପ୍ରତିକ । ଯିଏ ଭଗବାନ ସୂର୍ଯ୍ୟଙ୍କ ଉପାସନା କରିଥାନ୍ତି, ତାଙ୍କୁ ମନୋବାଞ୍ଛିତ ଫଳ ମିଳିଥାଏ । ତାଙ୍କ କୃପାରୁ ମନୁଷ୍ୟର ମାନସିକ, ବାଚନିକ ଶାରୀରିକ ପାପ ନଷ୍ଟ ହୋଇଯାଇଥାଏ ।

# ଲଙ୍କା ଜଳିବା ବେଳେ କାହିଁକି ସୁରକ୍ଷିତ ଥିଲା ବିଭୀଷଣଙ୍କ ଘର ?

ଲଙ୍କାପତି ରାବଣର କନିଷ୍ଠ ଭ୍ରାତା ଥିଲା ବିଭୀଷଣ । ହନୁମାନ ମାତା ସୀତାଙ୍କୁ ଖୋଜିବା ଲାଗି ଲଙ୍କା ଯାଇଥିବା ସମୟରେ ରାବଣ ତାଙ୍କୁ ଧରି ନେଇ ତାଙ୍କ ଲାଙ୍ଗୁଡ଼ରେ ନିଆଁ ଲଗାଇ ଦେଇଥିଲା । ହନୁମାନ ସେହି ଲାଞ୍ଜ ଅଗ୍ନିରେ ସମଗ୍ର ଲଙ୍କାପୁରୀ ଜଳାଇ ଦେଇଥିଲେ । ତେବେ ମାତା ସୀତା ରହୁଥିବା କାରଣରୁ ଅଶୋକ ବାଟିକା ଜଳାଇନଥିଲେ । ବିଭୀଷଣଙ୍କ ଘର ମଧ୍ୟ ହନୁମାନ ଜଳାଇନଥିଲେ । କାରଣ ସେହି ଘର ଉପରେ 'ରାମ' ନାମ ଲେଖାଥିଲା । ବିଭୀଷଣଙ୍କର ଘର ବାହାରେ ତୁଳସୀ ଗଛ ଲଗା ହୋଇଥିଲା । ଏଥିସହିତ ଭଗବାନ ବିଷ୍ଣୁଙ୍କ ପବିତ୍ର ଚିହ୍ନ ଯେପରିକି ଶଙ୍ଖ, ଚକ୍ର, ଗଦା, ପଦ୍ମ ଅଙ୍କିତ ହୋଇଥିଲା । ଅନ୍ୟ ଏକ କିମ୍ବଦନ୍ତି ଅନୁଯାୟୀ, ହନୁମାନ ଯେତେବେଳେ ଲଙ୍କା ଜଳାଇଦେଲେ ଲଙ୍କାର ଚମକ ପୂର୍ବପରି ରହିଥିଲା । କାରଣ ଲଙ୍କାରେ ଶନିଦେବଙ୍କୁ ରାବଣ ବନ୍ଦୀ କରି ରଖିଥିଲା । ଶନିଦେବଙ୍କୁ ରାବଣ ନିଜ ସିଂହାସନ ତଳେ ଓଲଟା ଝୁଲାଇ ରଖିଥିଲା । ହନୁମାନ ଲଙ୍କାରେ ନିଆଁ ଲଗାଇବା କ୍ଷଣି ରାବଣ ନିଜ ସିଂହାସନ ଓଲଟାଇଦେଲା । ଏଭଳି ସ୍ଥିତିରେ ଶନିଦେବଙ୍କ ନଜର ଜଳୁଥିବା ଲଙ୍କା ଉପରେ ପଡ଼ିଲା । ଫଳରେ ଲଙ୍କା ସମ୍ପୂର୍ଣ୍ଣ କଳା ହୋଇଯାଇଥିଲା । ଯଦିଓ ଏହି ପ୍ରସଙ୍ଗ ବାଲ୍ମିକୀ ରାମାୟଣରେ ଉଲ୍ଲେଖ ନାହିଁ, ତଥାପି ଏ ସମ୍ପର୍କରେ କିମ୍ବଦନ୍ତି ପ୍ରଚଳିତ ରହିଛି ।



# ସୁଖମୟ ଦାମ୍ପତ୍ୟ ଜୀବନ ସହ ଜଡିତ ଜଣାଅଜଣା କଥା ...



■ ଦାମ୍ପତ୍ୟ ଜୀବନ ସୁଖମୟ ପାଇଁ ଗୁରୁବାର ଦିନ ହଳଦିଆ ବସ୍ତ୍ରରେ ୫ଟି ଗୁଜୁରାତି ରଖି ଗରିବଙ୍କୁ ଦାନ ଦିଅନ୍ତୁ।

■ ଟଙ୍କା ସଞ୍ଚୟ ଅଥବା ରୋଜଗାର ନ ହୋଇପାରିଲେ ଏକ ହଳଦିଆ କପଡ଼ାରେ ଗୋଟିଏ ଗୁଜୁରାତି ରଖି ତକିଆ ତଳେ ରଖିଲେ, ଏହି ସମସ୍ୟା ଦୂର ହୋଇଯିବ।

■ ଶିକ୍ଷା କ୍ଷେତ୍ରରେ ଉନ୍ନତି ଚାହୁଁଥିଲେ, ଗୋଟିଏ ଗୁଜୁରାତିକୁ କ୍ଷୀରରେ ଫୁଟାଇ ନିୟମିତ ସାତଟି ସୋମବାର କୌଣସି ଗରିବ ଲୋକଙ୍କୁ ଦିଅନ୍ତୁ।

■ ଧନ ବୃଦ୍ଧି ପାଇଁ ନିଜ ପର୍ସରେ ସର୍ବଦା ୫ଟି ଗୁଜୁରାତି ରଖନ୍ତୁ।

■ ନିୟମିତ ଗୋଟିଏ ଗୁଜୁରାତି ଖାଇବା ଦ୍ୱାରା ପାଟିର ଦୁର୍ଗନ୍ଧ ସମସ୍ୟା ମଧ୍ୟ ଦୂର ହୋଇଥାଏ।

■ ଆକ୍ୱାରିୟମ – ଆକ୍ୱାରିୟମକୁ ଶୟନ କକ୍ଷରେ ରଖିବା ଉଚିତ ନୁହେଁ। ଏହାଦ୍ୱାରା ଦାମ୍ପତ୍ୟ ଜୀବନରେ କଳହ ସୃଷ୍ଟି ହୋଇଥାଏ। ପତିପତ୍ନୀଙ୍କ ସ୍ୱାସ୍ଥ୍ୟ ଉପରେ ମଧ୍ୟ କୁପ୍ରଭାବ ପଡ଼ିଥାଏ। ସର୍ବଦା ଚିନ୍ତା ଲାଗି ରହିଥାଏ।

■ ଘିକୁଆଁରୀ – ଗୃହରେ ଭୁଲ ସ୍ଥାନରେ ବୃକ୍ଷ ଲଗାଇଲେ ଏହା ଅଶୁଭ ଫଳ ପ୍ରଦାନ କରିଥାଏ। ଶୟନ କକ୍ଷରେ କୌଣସି ପ୍ରକାରର ବୃକ୍ଷ ରଖନ୍ତୁ ନାହିଁ କିମ୍ବା ଲଗାନ୍ତୁ ନାହିଁ। ଏହା ବୈବାହିକ ଜୀବନ ଉପରେ କୁପ୍ରଭାବ ପକାଇଥାଏ। ବିଶେଷ କରି ଶୟନ କକ୍ଷରେ ଘିକୁଆଁରୀ ବୃକ୍ଷ ଥିଲେ ପତିପତ୍ନୀଙ୍କ ମଧ୍ୟରେ ଦୂରତ୍ୱ ବଢିଥାଏ। ଏହାସହ ଆର୍ଥିକ କ୍ଷେତ୍ରରେ ମଧ୍ୟ ସମସ୍ୟା ଦେଖାଯାଏ।

■ ଶୟନ କକ୍ଷରେ ଥିବା ଖଟ ଅଳ୍ପ ଭାଙ୍ଗିଥିଲେ ମଧ୍ୟ ଏହାକୁ ବ୍ୟବହାର କରିବା ଉଚିତ ନୁହେଁ। ଏହାଦ୍ୱାରା ଦାମ୍ପତ୍ୟ ଜୀବନରେ କଳହ ସୃଷ୍ଟି ହେବା ସହ ନକରାତ୍ମକ ପ୍ରଭାବ ପଡ଼ିଥାଏ।

■ ଶୟନକକ୍ଷରୁ ନକରାତ୍ମକ ଶକ୍ତି ଦୂର କରିବା ନିମନ୍ତେ ୨ଟି କର୍ପୁର ଆଳତୀ ଶୟନକକ୍ଷରେ କରନ୍ତୁ।

ଶୟନକକ୍ଷରେ ଅଇଁଠା ବାସନ ଆଦୌ ରଖନ୍ତୁ ନାହିଁ। ଏହାଦ୍ୱାରା ସ୍ୱାସ୍ଥ୍ୟ ଜନିତ ସମସ୍ୟା ଦେଖାଯାଏ ଓ ଅଶାନ୍ତି ସୃଷ୍ଟି ହୋଇଥାଏ।



# ଦୁର୍ଯ୍ୟୋଧନର ଗର୍ବ ଭାଙ୍ଗିଲା

ଜୁଆରେ ହରାଇ ବନବାସ ପଠାଇ ଦେଇଥିଲା କୌରବ । ବନରେ ରହି ଅଯଥାରେ ସମୟ ନଷ୍ଟ କରିବା ବଦଳରେ ଅର୍ଜୁନ, ଭୀମ ଆଦି ପାଣ୍ଡବମାନେ ଅସ୍ତ୍ରଶସ୍ତ୍ର ଏବଂ ଶାସ୍ତ୍ର ଜ୍ଞାନ ଆହରଣ କରିବାରେ ଲାଗିପଡ଼ିଥିଲେ । ଏପଟେ ରାଜନଅରରେ ଥିବା ଦୁର୍ଯ୍ୟୋଧନ ଭାବିଲା– ପାଣ୍ଡବମାନେ ଜଙ୍ଗଲରେ ଦୁଃଖପୂର୍ଣ୍ଣ ଜୀବନ ବିତାଉଥିଲେ । ପାଣ୍ଡବମାନଙ୍କୁ ଅପମାନିତ କରିବା ଲାଗି ଦିନେ ଦୁର୍ଯ୍ୟୋଧନ ଏକ ଯୋଜନା କଲା । କର୍ଣ୍ଣ, ଶକୁନି ଆଦିଙ୍କୁ ସାଥୀରେ ନେଇ ନିଜ ରାଣୀମାନଙ୍କ ସହ ଦୁର୍ଯ୍ୟୋଧନ ଜଙ୍ଗଲରେ ପହଞ୍ଚିଲା । ରାଣୀଙ୍କ ସହିତ ସରୋବରରେ ଜଳକ୍ରୀଡ଼ା କରିବା ଲାଗି ଦିନେ ଦୁର୍ଯ୍ୟୋଧନର ଇଚ୍ଛା ହେଲା । ସରୋବର କୂଳରେ ଗନ୍ଧର୍ବଙ୍କ ରାଜା ଚିତ୍ରସେନ ଡେରା ପକାଇଥିଲେ । ଦୁର୍ଯ୍ୟୋଧନ ସେ ଦିଗରେ ସ୍ଥାନ ଖାଲି କରିବା ଲାଗି ସୈନିକମାନଙ୍କୁ ଆଦେଶ ଦେଲା । ସେମାନେ ଯାଇ ସରୋବର କୂଳରେ ପହଞ୍ଚିଲେ, କିନ୍ତୁ ଚିତ୍ରସେନ ସେମାନଙ୍କୁ ଗୋଡ଼ାଇ ବିଦା କରିଦେଲେ । ଦୁର୍ଯ୍ୟୋଧନ ଅଧିକ ସୈନିକଙ୍କୁ ପଠାଇଲା । ହେଲେ ଚିତ୍ରସେନ ସେମାନଙ୍କୁ ମଧ୍ୟ ପରାଜିତ କରି ବିଦା କରିଦେଲା । ଏହାପରେ କର୍ଣ୍ଣ ଓ ଶକୁନିଙ୍କ ସାଥୀରେ ନେଇ ଦୁର୍ଯ୍ୟୋଧନ ଗନ୍ଧର୍ବଙ୍କ ସମ୍ମୁଖକୁ ଆସିଲା । ଚିତ୍ରସେନ ସେତେବେଳେ ସ୍ନାନ କରୁଥିଲେ । ସେ କୌରବ-ସେନା ଉପରେ ଘନ ଘନ ଅସ୍ତ୍ର ଆକ୍ରମଣ ଆରମ୍ଭ କରିଦେଲେ । ଏହାପରେ ସେ ସମ୍ମୋହନ ଅସ୍ତ୍ର ପ୍ରୟୋଗ କଲେ । କର୍ଣ୍ଣଙ୍କ ରଥକୁ ଭାଙ୍ଗି ଦୁଇ ଭାଗ କରିଦେଲେ । ଦୁର୍ଯ୍ୟୋଧନଙ୍କୁ ପାଶରେ ବାନ୍ଧିଦେଲେ । କୌରବ ରାଣୀଙ୍କୁ ବନ୍ଦୀ କରି ସ୍ୱର୍ଗ ନେଇ ଚାଲିଲେ । ଏହି ସମୟରେ ରାଣୀମାନେ ଭୀମ, ଅର୍ଜୁନ ଏବଂ ଯୁଧିଷ୍ଠିରଙ୍କୁ ସହାୟତା ନିମନ୍ତେ ଡାକିଲେ । ଦୁର୍ଯ୍ୟୋଧନଙ୍କର ଜଣେ ମନ୍ତ୍ରୀ ଯାଇ ଯୁଧିଷ୍ଠିରଙ୍କୁ କୌରବଙ୍କ ବିପତ୍ତି ବିଷୟରେ କହିଲେ । ଏହାଶୁଣି ଭୀମ ଅତ୍ୟନ୍ତ ପ୍ରସନ୍ନ ହେଲେ । କିନ୍ତୁ ଯୁଧିଷ୍ଠିର କହିଲେ, ନିଜ ଭାଇ ଏବଂ ବଂଶର ଲୋକମାନଙ୍କୁ ସୁରକ୍ଷା ଦେବା ଆମର ଧର୍ମ । ଏହା ଆମ ପ୍ରତିଷ୍ଠାର ପ୍ରଶ୍ନ । ତାଙ୍କ କଥା ମାନି ଭୀମ ଏବଂ ଅର୍ଜୁନ ତତ୍କ୍ଷଣାତ୍ ଯାଇ ସରୋବର କୂଳରେ ପହଞ୍ଚିଲେ । ଦୁହେଁ ଚିତ୍ରସେନଙ୍କ ସହ ଯୁଦ୍ଧ କଲେ । ମହାକର୍ଷଣ ଅସ୍ତ୍ର ଦ୍ୱାରା ଅର୍ଜୁନ ଆକାଶରୁ ଚିତ୍ରସେନଙ୍କୁ ଟାଣି ଆଣିଲେ । ଏହାପରେ ତାଙ୍କୁ ଯୁଦ୍ଧରେ ପରାସ୍ତ କରି କୌରବ ରାଣୀମାନଙ୍କୁ ମୁକୁଳାଇଲେ । ଭୀମ ରଥ ଉପରୁ ଦୁର୍ଯ୍ୟୋଧନ ଏବଂ ରାଣୀମାନଙ୍କୁ ତଳକୁ ଓହ୍ଲାଇଦେଲେ । ଚିତ୍ରସେନ ଏବଂ ଅର୍ଜୁନ ବନ୍ଧୁ ଭଳି ପରସ୍ପରକୁ କୋଳାଗ୍ରତ କଲେ । ଏହି ଦୃଶ୍ୟ ଦେଖି ଦୁର୍ଯ୍ୟୋଧନ ଲଜ୍ଜିତ ହେଲା । ଇଚ୍ଛା ନଥିଲେ ବି ସେ ଯୁଧିଷ୍ଠିରଙ୍କୁ ପ୍ରଣାମ କରି ହସ୍ତିନାପୁର ଅଭିମୁଖେ ପ୍ରସ୍ଥାନ କଲା ।



### ଦୁଇଟି ନୂଆ ରେଳ ଲାଇନ୍ ଓ ଗୋଟିଏ ମଲ୍ଟି-ଟ୍ରାକିଂ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରି

# ଓଡ଼ିଶା ସମେତ ଉପକୃତ ହେବେ ୪ ରାଜ୍ୟ

**ଭୁବନେଶ୍ୱର,୨୯।୮ (ମହାଭାରତ):** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି (ସିସିଇଏ) ବୈଠକରେ ମୋଟ ୬,୪୫୬ କୋଟି ଟଙ୍କା (ପ୍ରାୟ) ବ୍ୟୟ ଅଟକଳ ସହିତ ରେଳ ମନ୍ତ୍ରଣାଳୟର ଦୁଇଟି ନୂଆ ରେଳ ଲାଇନ୍ ଓ ଗୋଟିଏ ମଲ୍ଟି ଟ୍ରାକିଂ ବା ଟ୍ରାକ୍ ସଂଖ୍ୟା ବୃଦ୍ଧି ପ୍ରକଳ୍ପକୁ ଅନୁମୋଦନ କରାଯାଇଛି ।

କ୍ୟାବିନେଟ୍ ମଞ୍ଜୁରି ପାଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ ଓଡ଼ିଶାର ଦୁଇଟି ପ୍ରକଳ୍ପ ସାମିଲ ରହିଛି । ଏଥିରେ ଥିବା ୩୭ କିଲୋମିଟର ଲମ୍ବ ସରଡେଗା- ଭାଲୁମୁଡ଼ା ଡବଲ୍ ରେଳ ଲାଇନ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲାକୁ ଛତିଶଗଡ଼ର ରାୟଗଡ଼ ଜିଲ୍ଲା ସହ ଯୋଡ଼ିବ । ସେହିପରି ବରଗଡ଼ ଜିଲ୍ଲାକୁ ନୂଆପଡ଼ା ସହ ଯୋଡୁଥିବା ୧୩୮ କିଲୋମିଟର ଲମ୍ବ ବରଗଡ଼ ରୋଡ୍ - ନୂଆପଡ଼ା ରୋଡ୍ ନୂଆ ଲାଇନକୁ ମଧ୍ୟ କ୍ୟାବିନେଟ୍ ମଞ୍ଜୁରି ମିଳିଛି । ଦୁଇଟି ପ୍ରକଳ୍ପ ପାଇଁ ଯଥାକ୍ରମେ ୧,୩୬୦ କୋଟି ଏବଂ ୨,୯୨୬ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହାବ୍ୟତୀତ ୨୧୭୦ କୋଟି ଟଙ୍କା ବ୍ୟୟରେ ୧୨୧ କି.ମି. ବିଶିଷ୍ଟ ଜାମସେଦପୁର-ପୁରୁଲିଆ-ଆସାନସୋଲ୍ ରେଳ ଲାଇନକୁ ମଞ୍ଜୁର କରାଯାଇଛି । ଅନୁମୋଦିତ ପ୍ରକଳ୍ପଗୁଡ଼ିକ ରେଳ ସଂଯୋଗ ବିହୀନ ଅଞ୍ଚଳକୁ ରେଳ ସେବା ପ୍ରଦାନ କରି ଲଜିଷ୍ଟିକ୍ ଦକ୍ଷତାରେ ଉନ୍ନତି ଆଣିବ, ବର୍ତ୍ତମାନର ରେଳ ଲାଇନ୍ କ୍ଷମତା ବୃଦ୍ଧି କରିବ ଏବଂ ପରିବହନ ନେଟୱର୍କ ବିସ୍ତାର କରିବ, ଯାହାଫଳରେ ଯୋଗାଣ ଶୃଙ୍ଖଳା ସୁବ୍ୟବସ୍ଥିତ ହେବ ଓ ଆର୍ଥିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବ ।

ନୂତନ ଲାଇନ୍ ପ୍ରସ୍ତାବଗୁଡ଼ିକ ସିଧାସଳଖ ଯୋଗାଯୋଗ ପ୍ରଦାନ କରିବ ଏବଂ ଗତିଶୀଳତାକୁ ଉନ୍ନତ କରିବ । ଏଥିସହିତ ଭାରତୀୟ ରେଳବାଇ ପାଇଁ ଦକ୍ଷତା ଏବଂ ସେବା କ୍ଷେତ୍ରରେ ବିଶ୍ୱସନୀୟତା ଆଣିବ । ରେଳ ଲାଇନ ମଲ୍ଟି ଟ୍ରାକିଂ ବା ଏକାଧିକ ଟ୍ରାକ୍ ନିର୍ମାଣ ପ୍ରସ୍ତାବ ଦ୍ୱାରା ଭାରତୀୟ ରେଳବାଇର ବ୍ୟସ୍ତବହୁଳ ସେକ୍ସନଗୁଡ଼ିକରେ ଆବଶ୍ୟକ ଭିତ୍ତିଭୂମି ବିକାଶ ସହିତ ଟ୍ରେନ ଚଳାଚଳକୁ ସହଜ କରାଯିବା ଦ୍ୱାରା ଭିଡ଼ ହ୍ରାସ ପାଇବ। ଏହି ପ୍ରକଳ୍ପଗୁଡ଼ିକ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ଏକ ନୂତନ ଭାରତର ସଂକଳ୍ପ ଅନୁରୂପ ଯାହା ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ବିକାଶ ମାଧ୍ୟମରେ ଏସବୁ ଅଞ୍ଚଳର ଲୋକମାନଙ୍କୁ ''ଆତ୍ମନିର୍ଭରଶୀଳ'' କରିବ, ଫଳରେ ସେମାନଙ୍କ ନିଯୁକ୍ତି / ସ୍ୱରୋଜଗାର ସୁଯୋଗ ବୃଦ୍ଧି ହେବ । ଏହି ପ୍ରକଳ୍ପଗୁଡ଼ିକ ନିର୍ମାଣ ସମୟରେ ପ୍ରାୟ ୧ କୋଟି ୧୪ ଲକ୍ଷ ମାନବ ଦିବସ ପାଇଁ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି କରିବ। ଏହି ପ୍ରକଳ୍ପଗୁଡ଼ିକ ବହୁମୁଖୀ ଯୋଗାଯୋଗ ପାଇଁ ପିଏମ-ଗତି ଶକ୍ତି ଜାତୀୟ ମାଷ୍ଟର ପ୍ଲାନର ପରିଣାମ ଅଟେ ଯାହା ସମନ୍ୱିତ ଯୋଜନା ମାଧ୍ୟମରେ ସମ୍ଭବ ହୋଇଛି । ଏଗୁଡ଼ିକ ସାଧାରଣ ଯାତ୍ରୀ, ଦ୍ରବ୍ୟ ଏବଂ ସେବାଗୁଡିକର ପରିବହନ ପାଇଁ ନିରବଚ୍ଛିନ୍ନ ଯୋଗାଯୋଗ ପ୍ରଦାନ କରିବେ। ୪ଟି ରାଜ୍ୟ ଯଥା ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଛତିଶଗଡ଼ର ୭ଟି ଜିଲ୍ଲାକୁ ସାମିଲ କରି ୩ଟି ରେଳ ପ୍ରକଳ୍ପ ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱର୍କକୁ ପ୍ରାୟ ୩୦୦ କିଲୋମିଟର ଅଧିକ ବୃଦ୍ଧି କରିବ। ଏହି ପ୍ରକଳ୍ପଗୁଡ଼ିକ ସହିତ ୧୪ଟି ନୂତନ ଷ୍ଟେସନ ନିର୍ମାଣ କରାଯିବ, ଯାହା ୨ଟି ଆକାଂକ୍ଷୀ ଜିଲ୍ଲା (ନୂଆପଡ଼ା ଓ ପୂର୍ବ ସିଂହଭୂମ୍)କୁ ଯୋଗାଯୋଗରେ ସୁଧାର ଆଣିବ। ନୂଆ ଲାଇନ୍ ପ୍ରକଳ୍ପ ଦ୍ୱାରା ପ୍ରାୟ ୧୩୦୦ ଗାଁ ଓ ପ୍ରାୟ ୧୧ ଲକ୍ଷ ଜନସଂଖ୍ୟାକୁ ରେଳ ସଂଯୋଗ ଯୋଗାଇ ଦିଆଯିବ। ସେହିପରି ଟ୍ରାକ୍ ସଂଖ୍ୟା ବୃଦ୍ଧି ପ୍ରକଳ୍ପ ଦ୍ୱାରା ପ୍ରାୟ ୧୩୦୦ ଗାଁ ଓ ପ୍ରାୟ ୧୯ ଲକ୍ଷ ଜନସଂଖ୍ୟାକୁ ଉନ୍ନତ ରେଳ ଯୋଗାଯୋଗ ସେବା ମିଳିପାରିବ। କୃଷିଜାତ ଦ୍ରବ୍ୟ, ସାର, କୋଇଲା, ଲୁହାପଥର, ଇସ୍ପାତ, ସିମେଣ୍ଟ, ଚୂନପଥର ଇତ୍ୟାଦି ସାମଗ୍ରୀ ପରିବହନ ପାଇଁ ଏଗୁଡ଼ିକ ଅତ୍ୟାବଶ୍ୟକ ମାର୍ଗ। କ୍ଷମତା ବୃଦ୍ଧି କାର୍ଯ୍ୟ ଫଳରେ ବାର୍ଷିକ ୪୫ ନିୟୁତ ଟନ୍ (ଏମଟିପିଏ) ପରିମାଣର ଅତିରିକ୍ତ ମାଲ ପରିବହନ ସହଜ ହେବ। ରେଳବାଇ ପରିବେଶ ଅନୁକୂଳ ଏବଂ ଶକ୍ତି ଦକ୍ଷ ପରିବହନ ମାଧ୍ୟମ ହୋଇଥିବାରୁ ଉଭୟ ଜଳବାୟୁ ଲକ୍ଷ୍ୟ ହାସଲ ଏବଂ ଦେଶର ଲଜିଷ୍ଟିକ୍ ଖର୍ଚ୍ଚ କୁ ହ୍ରାସ କରିବା, ତୈଳ ଆମଦାନୀ (୧୦ କୋଟି ଲିଟର) କମାଇବା ଏବଂ ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନ (୨୪୦ କୋଟି କିଲୋଗ୍ରାମ) ହ୍ରାସ କରିବାରେ ସାହାଯ୍ୟ କରିବ ଯାହା କି ୯.୭ କୋଟି ବୃକ୍ଷରୋପଣ ସହିତ ସମାନ ।

# ଓଡ଼ିଶାରେ ନୂଆ ରେଳ ପ୍ରକଳ୍ପ ପର୍ଯ୍ୟଟନ ସମେତ ବ୍ୟବସାୟକୁ ବଡ ଗତି ଦେବ

**ଭୁବନେଶ୍ୱର,୨୯।୮ (ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ମଞ୍ଜୁର ହୋଇଥିବା ଓଡ଼ିଶାର ରେଳ ପ୍ରକଳ୍ପ ସମେତ ଅନ୍ୟାନ୍ୟ ପ୍ରକଳ୍ପ ତଥା ବିଭିନ୍ନ ପଦକ୍ଷେପକୁ ସ୍ୱାଗତ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ ମୋଦୀ ସରକାରରେ ପୂର୍ବୋଦୟରୁ ଭାରତର ନୂଆ ସୂର୍ଯ୍ୟୋଦୟ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପମାନ ନିଆଯାଉଛି । ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଛତିଶଗଡ଼କୁ ଯୋଡୁଥିବା ପ୍ରାୟ ୬,୪୫୬ କୋଟି ଟଙ୍କା ମୂଲ୍ୟର ୩ଟି ନୂତନ ରେଳ ପ୍ରକଳ୍ପକୁ ମଞ୍ଜୁରି ମିଳିଛି । ସେଥିମଧ୍ୟରୁ ବିଶେଷ ଭାବରେ ବରଗଡ଼ ରୋଡ୍- ନୂଆପଡ଼ା ରୋଡ୍ ନୂଆ ଲାଇନ ଓ ସରଡେଗା- ଭାଲୁମୁଣ୍ଡା ନୂଆ ଡବଲଲାଇନ ରେଳ ପ୍ରକଳ୍ପକୁ ଅନୁମୋଦନ ମିଳିବା ଖୁସିର ବିଷୟ । ଏଥିପାଇଁ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ରେଳ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବା ସହ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଏହି ଦୁଇଟି ପ୍ରକଳ୍ପ ଦ୍ୱାରା ଓଡ଼ିଶାର ସମ୍ବଲପୁର, ବରଗଡ଼, ନୂଆପଡ଼ା, ସୁନ୍ଦରଗଡ଼




ସମେତ ଆଖପାଖ ଅଞ୍ଚଳର ଲୋକମାନେ ବିଶେଷ ଭାବରେ ଉପକୃତ ହେବେ । ମଞ୍ଜୁର ହୋଇଥିବା ନୂଆ ରେଳ ଲାଇନ ଯାତ୍ରୀସେବା, ପରିବହନ ଓ ବାଣିଜ୍ୟିକ ବ୍ୟବସାୟକୁ ଅଧିକ ସୁଗମ କରିବ। ଓଡ଼ିଶାରେ ପର୍ଯ୍ୟଟନକୁ ଅଧିକ ଗତି ମିଳିବ। ସମ୍ବଲପୁରୀ ବୟନ ଓ ହସ୍ତଶିଳ୍ପର ଚାହିଦା ବଢିବା ସହ ସ୍ଥାନୀୟ ଅର୍ଥନୀତି ଅଧିକ ମଜଭୂତ୍ ହେବ। ସେହିପରି ପ୍ରଧାନମନ୍ତ୍ରୀ ମୋଦୀ ଓଡ଼ିଶାର ୬ଟି ସହର ସମେତ ୨୩୪ଟି ସହରରେ ୭୩୦ଟି ଘରୋଇ ଏଫ୍ଏମ୍ ଚ୍ୟାନେଲ୍ ଆରମ୍ଭ କରିବାକୁ ଅନୁମୋଦନ ଦେଇଛନ୍ତି। ଏହି ନିଷ୍ପତ୍ତି ରେଡିଓ ନେଟୱାର୍କ ବିସ୍ତାର କରିବ। ଦୁର୍ଗମ ଅଂଚଳରେ ଜରୁରୀ ସୂଚନା ଉପଲବ୍ଧ କରାଇବ। ଆମର ସମୃଦ୍ଧ ଭାଷାଗତ ବିବିଧତାକୁ ପ୍ରୋତ୍ସାହିତ କରିବାରେ ସହାୟକ ହେବ। ସ୍ଥାନୀୟ କଳାକାରମାନଙ୍କୁ ଏକ ଭଲ ପ୍ଲାଟଫର୍ମ ପ୍ରଦାନ କରିବା ସହ ଗଣମାଧ୍ୟମ କ୍ଷେତ୍ରରେ ନୂତନ ନିଯୁକ୍ତି ସୃଷ୍ଟି କରିବ। ଭାରତୀୟ ଭାଷାରେ ଗୁଣାତ୍ମକ ଶିକ୍ଷା ଓ ବିଷୟବସ୍ତୁକୁ ଦେଶର ଦୁର୍ଗମ ଓ ଦୁର୍ଗମ ଅଞ୍ଚଳରେ ପହଞ୍ଚାଇବା ସହ ଶିକ୍ଷାକୁ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ କରିବା ଦିଗରେ ଏହା ଏକ ଗେମ୍ ଚେଞ୍ଜର ସାବ୍ୟସ୍ତ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

# ଅବକାରୀ ମାମଲାର ସମୀକ୍ଷା ପାଇଁ ସମନ୍ୱୟ କମିଟି ବୈଠକ

**ଭୁବନେଶ୍ୱର,୨୯।୮ (ମହାଭାରତ):** ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଅବକାରୀ ମାମଲାର ସମୀକ୍ଷା ପାଇଁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ସମୀକ୍ଷା ବୈଠକରେ ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ପୁଲିସ ଡିଜି ୱାଇବି ଖୁରାନିଆ, ଅବକାରୀ ବିଭାଗପ୍ରମୁଖ ଶାସନ ସଚିବ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଏଡିଜିପି (କ୍ରାଇମ), ପୁଲିସ ଆଇଜି (ପ୍ରଶିକ୍ଷଣ), ଅବକାରୀ କମିଶନର, ଆଇନ ବିଭାଗର ବରିଷ୍ଠ ଅଧିକାରୀ ଓ ଅବକାରୀ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ବୈଠକରେ ଅବକାରୀ ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ଉପସ୍ଥିତ ସଦସ୍ୟମାନଙ୍କୁ ଅବକାରୀ ବିଭାଗର କାର୍ଯ୍ୟକଳାପ ସମ୍ପର୍କରେ ଅବଗତ କରାଇଥିଲେ। ଅବକାରୀ ପ୍ରଶାସନକୁ ସୁବ୍ୟବସ୍ଥିତ କରିବା, ମାନବ ସମ୍ବଳ ବୃଦ୍ଧି ସହ କାର୍ଯ୍ୟକାରିତାକୁ ସୁଦୃଢ଼ କରିବା ପାଇଁ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ସମ୍ପର୍କରେ ସେ ସଦସ୍ୟମାନଙ୍କୁ ଅବଗତ କରାଇଥିଲେ। ଅବକାରୀ କମିଶନର ନରସିଂହ ଭୋଳ ବିଭାଗର କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ଉପସ୍ଥାପନା କରିଥିଲେ।

ମୁଖ୍ୟ ଶାସନ ସଚିବ ଉନ୍ନତ ପ୍ରବର୍ତନ ଏବଂ ପ୍ରଭାବଶାଳୀ ଗୁଇନ୍ଦା ତଥ୍ୟ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧିକ ଫଳାଫଳ ଭିତିକ ପ୍ରବର୍ତନ କାର୍ଯ୍ୟକଳାପ ପାଇଁ କ୍ଷେତ୍ରସ୍ତରରେ ପୋଲିସ ସହ ଉତମ ସମନ୍ୱୟ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଅଧିକ ଉତରଦାୟୀ କରାଯିବା ଉଚିତ ବୋଲି ସେ ମତ ବ୍ୟକ୍ତ କରିଥିଲେ। ଉଭୟ ଜିଲ୍ଲା ଓ ରାଜ୍ୟ ସ୍ତରରେ ବହୁମୁଖୀ ସ୍କ୍ୱାଡ୍ ଦ୍ୱାରା ଏଭଳି ପ୍ରବର୍ତନ କାର୍ଯ୍ୟ ଜାରି ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଭାବଶାଳୀ ପ୍ରବର୍ତନ ପାଇଁ ଆବଶ୍ୟକସ୍ଥଳେ ପୁଲିସ ସହ ସମନ୍ୱୟ ରକ୍ଷା କରି ମିଳିତ ଚଢ଼ାଉ ସୁନିଶ୍ଚିତ କରାଯିବା ଦରକାର। ମୁଖ୍ୟ ଶାସନ ସଚିବ ଓ ପୁଲିସ ଡିଜି ବରିଷ୍ଠ ସ୍ତରରେ ଉଭୟ ଅବକାରୀ ଓ ପୁଲିସ ଅଧିକାରୀଙ୍କ ମଧ୍ୟରେ ସୂଚନା ଆଦାନପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଏହାକୁ ଆନୁଷ୍ଠାନିକ ରୂପ ଦେବା ର ଆବଶ୍ୟକତା ରହିଛି। ବେଆଇନ ମଦ ଠାବ ଓ ନିୟନ୍ତ୍ରଣ ପାଇଁ ଚଢ଼ାଉ ବେଳେ ଯେଉଁଠି ଅଧିକ ଆକ୍ରମଣ ହେବାର ଆଶଙ୍କା ରହିଛି ସେଠାରେ ଆବଶ୍ୟକ ପୁଲିସ ସହାୟତା ଯୋଗାଇ ଦିଆଯିବ ବୋଲି ପୁଲିସ ଡିଜି ପ୍ରତିଶ୍ରୁତି ଦେଇଛନ୍ତି। ପୁଲିସ ପ୍ରଶିକ୍ଷଣ ମହାବିଦ୍ୟାଳୟରେ ଉପଲବ୍ଧ ଭିତିଭୂମି ସହାୟତାରେ ଅବକାରୀ କ୍ଷେତ୍ର କର୍ମଚାରୀଙ୍କ ପ୍ରଶିକ୍ଷଣ ପୁଲିସ ବିଭାଗ ହାତକୁ ନିଆଯିବ ବୋଲି ନିଷ୍ପତି ହୋଇଛି।

# ଦୁର୍ଘଟଣା ରୋକିବା ଓ ଦୁର୍ଘଟଣା ସ୍ଥଳରେ ସହାୟତା ସୁନିଶ୍ଚିତ କରାଯାଉ

**ଭୁବନେଶ୍ୱର,୨୯।୮ (ମହାଭାରତ):** ସଡ଼କଦୁର୍ଘଟଣା ଘଟିଲେ ଦୁର୍ଘଟଣା ସ୍ଥଳରେ ଦୁର୍ଘଟଣାଗ୍ରସ୍ତଙ୍କ ନିକଟରେ ତୁରନ୍ତ ପହଁଚି ସହାୟତା ପ୍ରଦାନର ଆବଶ୍ୟକତା ରହିଛି। ଏଥିପାଇଁ ଆମ୍ବୁଲାନ୍ସ, ପୁଲିସ୍ ଟିମ୍, ଅଗ୍ନିଶମ ବ୍ୟବସ୍ଥା, ସ୍ୱେଚ୍ଛାସେବୀ ତଥା ସଂପୃକ୍ତ ସମସ୍ତେ ଯେପରି କ୍ରିୟାଶୀଳ ହୋଇ କମ୍ ସମୟ ମଧ୍ୟରେ ସେଠାରେ ସହାୟତା ପାଇଁ ପହଁଚିବେ, ସେଥିପ୍ରତି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗୁରୁତ୍ୱାରୋପ କରିଛନ୍ତି। ଫଳରେ ଦୁର୍ଘଟଣାରେ ମୂଲ୍ୟବାନ ଜୀବନକୁ ରକ୍ଷା କରାଯାଇପାରିବ। ଅନ୍ୟପକ୍ଷରେ ଦୁର୍ଘଟଣାକୁ କମାଇବା ପାଇଁ ଦୃଢ ପଦକ୍ଷେପ, ଆନୁଷ୍ଠାନିକ ପରିଚାଳନା ବ୍ୟବସ୍ଥାରେ ଅଧିକ ଉନ୍ନତି ଅଣାଯିବା ନିମନ୍ତେ ପ୍ରସ୍ତାବ ଦେବା ଓ କାର୍ଯ୍ୟକାରିତା ଉପରେ ମୁଖ୍ୟ





ଶାସନ ସଚିବ ଶ୍ରୀ ଆହୁଜା ପରାମର୍ଶ ଦେଇଛନ୍ତି। ଆଜି ପୂର୍ବାହ୍ନରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେବାଣିଜ୍ୟ ଓ ପରିବହନ ବିଭାଗ ତରଫରୁ ଆହୂତ ସଡ଼କ ସୁରକ୍ଷା ସଂପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟଶାସନ ସଚିବ ଏ ସଂପର୍କରେ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟଶାସନ ସଚିବ ଅନୁ ଗର୍ଗ, ଗୃହବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଶ୍ରୀୱାଇ.ବି.ଖୁରାନିଆ, କ୍ରୁଟ୍ ର ପରିଚାଳନା ନିର୍ଦ୍ଦେଶକ ଅରୁଣ ବୋଥ୍ରା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱଥିଏସ୍ , ପରିବହନ କମିଶନର ଶ୍ରୀ ଅମିତାଭ ଠାକୁର, ପୂର୍ତ୍ତବିଭାଗ, ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏବଂ ଅନ୍ୟ ସଂପୃକ୍ତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତଥିଲେ। ବୈଠକରେ ବିଗତ ୫ବର୍ଷରେ ରାଜ୍ୟରେ ସଡ଼କ ଦୁର୍ଘଟଣା ସଂପର୍କିତ ଏତ ତୁଳନାତ୍ମକ ଦୃଷ୍ଟିପାତ କରାଯାଇଥିଲା। ରାଜ୍ୟରେ ବର୍ଷକୁ ପ୍ରାୟ ୫ ହଜାର ଓ ଦିନକୁ ପ୍ରାୟ ୧୬ ଜଣଙ୍କର ସଡ଼କ ଦୁର୍ଘଟଣାରେ ପ୍ରାଣହାନୀ ଘଟୁଛି। ଦୁର୍ଘଟଣାରେ ଜାତୀୟ ମୃତ୍ୟୁ ସଂଖ୍ୟା ହାର ୩୭ ପ୍ରତିଶତ ଥିବାବେଳେ ଓଡ଼ିଶାରେ ଏହା ୪୭ ପ୍ରତିଶତରହିଛି। ୨୦୨୩ ମସିହାରେ ଗ୍ରାମାଞ୍ଚଳରେ ଅଧିକ ଦୁର୍ଘଟଣା (୬୩.୧%) ଘଟିଥିବା ବେଳେ ମୃତ୍ୟୁସଂଖ୍ୟା ୬୭.୭% ରହିଥିଲା। ସେହିପରି ସହରାଞ୍ଚଳରେ ଦୁର୍ଘଟଣା ସଂଖ୍ୟା ୩୬.୯% ଥିବାବେଳେ ମୃତ୍ୟୁସଂଖ୍ୟା ୩୨.୩% ରହିଥିଲା।

# ସଡ଼କ ସୁରକ୍ଷା ପଦକ୍ଷେପରେ ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ ସମ୍ମାନ

**ଭୁବନେଶ୍ୱର,୨୯।୮ (ମହାଭାରତ):** ସଡ଼କ ସୁରକ୍ଷାରେ ପଦକ୍ଷେପ ନେବାରେ ଦେଶରେ ଓଡ଼ିଶା ଶ୍ରେଷ୍ଠ ରାଜ୍ୟର ମାନ୍ୟତା ପାଇଛି। ଦିଲ୍ଲୀରେ ଫିକି ପକ୍ଷରୁ ଆୟୋଜିତ ଷଷ୍ଠ ସଡ଼କ ସୁରକ୍ଷା କନକ୍ଲେଭ ଅବସରରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଓଡ଼ିଶାକୁ ସମ୍ମାନିତ କରିଛନ୍ତି। ଓଡ଼ିଶା ପକ୍ଷରୁ ଯୁଗ୍ମ ପରିବହନ କମିସନର (ସଡ଼କ ସୁରକ୍ଷା) ପ୍ରଦୀପ କୁମାର ମହାନ୍ତି କେନ୍ଦ୍ରମନ୍ତ୍ରୀଙ୍କ ନିକଟରୁ ସମ୍ମାନ ଗ୍ରହଣ କରିଛନ୍ତି ।

ସଡ଼କ ଦୁର୍ଘଟଣା ହ୍ରାସ ଦିଗରେ ସମସ୍ତ ରାଜ୍ୟ ନେଉଥିବା ପଦକ୍ଷେପ ମଧ୍ୟରେ ଓଡ଼ିଶାର ପଦକ୍ଷେପ ଉଚ୍ଚ ପ୍ରଶଂସିତ ହୋଇଛି। କେନ୍ଦ୍ରମନ୍ତ୍ରୀ ଶ୍ରୀ ନୀତିନ ଗଡ଼କରୀ ଓଡ଼ିଶାକୁ ସମ୍ମାନିତ କରିବା ସହ ଏନଫୋର୍ସମେଂଟ, ରୋଡ୍ ଇଞ୍ଜିନିୟରିଂ ଉପରେ ଅଧିକରୁ ଅଧିକ ପ୍ରାଧାନ୍ୟ ଦେବାକୁ ପରାମର୍ଶ ଦେଇଛନ୍ତି। ସଡ଼କ ସୁରକ୍ଷା ଦିଗରେ ଚାଳକମାନଙ୍କ ପ୍ରଶିକ୍ଷଣ ଏକ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ଏକ୍ଷେତ୍ରରେ ଓଡ଼ିଶାର 'ସୁବାହକ' ଯୋଜନାକୁ




ସମଗ୍ର ଦେଶରୁ ସମବେତ ସଡ଼କ ସୁରକ୍ଷା ବିଶେଷଜ୍ଞମାନେ ଉଚ୍ଚ ପ୍ରଶଂସା କରିଛନ୍ତି। ସରକାର ସମସ୍ତ ଖର୍ଚ୍ଚ ବହନ କରି ରାଜ୍ୟରେ ଚାରିଟି ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠାପୂର୍ବକ ଯାନଚାଳକମାନଙ୍କୁ ଦେଉଥିବା ପ୍ରଶିକ୍ଷଣ ପଦ୍ଧତି ଓ ସେଠାରୁ ପ୍ରଶିକ୍ଷିତ ଚାଳକମାନଙ୍କ ଶୂନ୍ୟ ଦୁର୍ଘଟଣା କୀର୍ତିମାନ ଅନ୍ୟ ରାଜ୍ୟ ପାଇଁ ଉଦାହରଣ ସାବ୍ୟସ୍ତ ହୋଇଛି ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡ଼କରୀ ଅଭିଭାଷଣରେ କହିଥିଲେ ଯେ ଦେଶରେ ସଡ଼କ ଦୁର୍ଘଟଣା ସଂଖ୍ୟା ହ୍ରାସ ଦିଗରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଛନ୍ତି। ଏହି ପଦକ୍ଷେପଗୁଡ଼ିକ ସ୍ୱଚ୍ଛ ଓ ପାରଦର୍ଶୀ କରିବାକୁ ଅଧିକରୁ ଅଧିକ ଆଧୁନିକ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରିବାକୁ ସମସ୍ତ ରାଜ୍ୟଙ୍କୁ କୁହାଯାଇଛି । ବେପରୁଆ ଗାଡ଼ି ଚାଳକଙ୍କୁ ନିୟନ୍ତ୍ରଣ କରିବାକୁ କେନ୍ଦ୍ର ସରକାର ଜରିମାନା ରାଶି ପରିମାଣ ବୃଦ୍ଧି କରିଛନ୍ତି। ତଥାପି ଅନେକ ଚାଳକ ଆଇନ ପ୍ରତି ଭୟ ଓ ସମ୍ମାନ ପ୍ରଦର୍ଶନ କରୁନାହାନ୍ତି। ସେମାନଙ୍କୁ ଧରିବାକୁ ସ୍ୱୟଂକ୍ରିୟ ବ୍ୟବସ୍ଥାଗୁଡ଼ିକ ଲାଗୁ କରାଯାଉଛି । ସେହିଭଳି ରାସ୍ତାର ଇଞ୍ଜିନିୟରିଂ ଠିକ୍ ରଖିବାକୁ ସେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଆୟୋଜିତ ଆଲୋଚନାଚକ୍ରରେ ଓଡ଼ିଶା ପକ୍ଷରୁ ଯୁଗ୍ମ ପରିବହନ କମିସନର ଶ୍ରୀ ପ୍ରଦୀପ କୁମାର ମହାନ୍ତି ରାଜ୍ୟ ପକ୍ଷରୁ ସଡ଼କ ସୁରକ୍ଷା ଦିଗରେ ନିଆଯାଇଥିବା ଅଭିନବ ଯୋଜନା ସଂପର୍କରେ ବିସ୍ତୃତ ତଥ୍ୟ ରଖିଥିଲେ । ଆର୍ଟିଫିସିଆଲ ଇଣ୍ଟେଲିଜେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଇଏମଏସ), ସ୍ୱୟଂଚାଳିତ ଯାନ ପରୀକ୍ଷଣ ବ୍ୟବସ୍ଥା, ଫିଟନେସ ଯାଂଚ ପାଇଁ ସ୍ୱୟଂକ୍ରିୟ କେନ୍ଦ୍ର ଏବଂ 'ସୁବାହକ' ଯୋଜନା ଉପରେ ସେ ଉଲ୍ଲେଖ କରିଥିଲେ । ଯାନଚାଳକମାନଙ୍କୁ ପ୍ରଶିକ୍ଷିତ କରିବା ସହ ସେମାନଙ୍କ ବ୍ୟକ୍ତିତ୍ୱ ବିକାଶ ଦିଗରେ ଓଡ଼ିଶା କାର୍ଯ୍ୟ କରୁଛି ବୋଲି ସେ ସୂଚନା ଦେଇଥିଲେ ।

# ଖାଦ୍ୟ ସୁରକ୍ଷା ସମ୍ପର୍କିତ ସହଭାଗିତା ଉପରେ ଆଲୋଚନା

**ଭୁବନେଶ୍ୱର,୨୯।୮ (ମହାଭାରତ):** ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର କାର୍ଯ୍ୟକ୍ରମ ତଥା ନୀତି ବିକାଶ ବିଭାଗର ସହକାରୀ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାଲେରୀ ଏନ୍. ଗୁଆନେରୀ, ଓଡିଶାର ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସାକ୍ଷାତ କରି ରାଜ୍ୟରେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ବର୍ତମାନ ଏବଂ ଭବିଷ୍ୟତ ସହଭାଗିତା ଆଲୋଚନା କରିଛନ୍ତି । ରାଜ୍ୟରେ ଖାଦ୍ୟ ନିରାପତା ତଥା ପୁଷ୍ଟିହୀନତାର ହ୍ରାସ ପାଇଁ ରଣନୀତି ବିଷୟରେ ଆଲୋଚନା ନିମନ୍ତେ ତାଙ୍କର ବହୁମୂଲ୍ୟ ସମୟ ଦେଇଥିବାରୁ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ଦ୍ୱାରା ବିଭାଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଅଧିକାରୀଙ୍କ ସହଯୋଗ ନିମନ୍ତେ ସେ କୃତଜ୍ଞତା ଜଣାଉଛନ୍ତି ବୋଲି ଶ୍ରୀମତୀ ଗୁଆନେରୀ ପ୍ରକାଶ କରିଛନ୍ତି ।ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୃଷି କ୍ଷେତ୍ରରେ ସହଯୋଗୀ ଅଭିବୃଦ୍ଧି ତଥା ସ୍ଥିରତାକୁ ସୁନିଶ୍ଚିତ କରିବା ପାଇଁ ତାଙ୍କ ସରକାରଙ୍କ ପ୍ରତିବଦ୍ଧତା ସହିତ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ବୈଷୟିକ ଜ୍ଞାନକୌଶଳ ଏବଂ ଯୋଜନାଯୁକ୍ତ ସମନ୍ୱୟକୁ ଆମେ ଗୁରୁତ୍ୱ ଦେଉଛୁ, ଯାହାକି ଓଡିଶାର ଅସୁରକ୍ଷିତ ସମ୍ପ୍ରଦାୟର ଖାଦ୍ୟ ନିରାପତା ତଥା ଜୀବିକା ନିର୍ବାହ ପାଇଁ ସହାୟକ ହେବ।

ଅମଳ ପରବର୍ତୀ କ୍ଷତି ହ୍ରାସ କରିବାରେ ଶୀତଳ ଭଣ୍ଡାର କ୍ଷମତା ବୃଦ୍ଧି ପାଇଁ ରାଜ୍ୟ ସରକାର ନେଇଥିବା ନିଷ୍ପତିକୁ ଶ୍ରୀମତୀ ଗୁଆନେରୀ ପ୍ରଶଂସା କରିଥିଲେ ଏବଂ ଏହି ପଦକ୍ଷେପ ଉପରେ ବିଭାଗକୁ ସହାୟତା କରିବାକୁ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ପ୍ରତିବଦ୍ଧତା ପ୍ରକାଶ କରିଥିଲେ ।

ଶ୍ରୀମତୀ ଗୁଆନେରୀ, ଉପ-ମୁଖ୍ୟମନ୍ତ୍ରୀଙ୍କୁ ସୂଚନା ଦେଇଛନ୍ତି ଯେ ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତନ ମନ୍ତ୍ରଣାଳୟ, ଏବଂ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ମିଳିତ ସମନ୍ୱୟରେ ଆଜି ଏକ ଆଂଚଳିକ ଅନୁକୂଳନ ପ୍ରକଳ୍ପ ପାଇଁ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି, ଯାହା ମଧ ଓଡିଶାରେ କାର୍ଯ୍ୟକାରୀ ହେବ ।

କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀ କହିଛନ୍ତି ଯେ ବିଭାଗର ନୀତି ଏବଂ ଯୋଜନା ପ୍ରଣୟନ କରିବାରେ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମର ଉପସ୍ଥିତି ଏବଂ ସହଯୋଗ ପାଇଁ ଏହାର ଅବଦାନ ପ୍ରଶଂସନୀୟ ।

# ମାସେ ଭିତରେ ଇ-କେୱାଇସି ନକରିପାରିଲେ କଟିବନି ରାସନ କାର୍ଡ

**ଭୁବନେଶ୍ୱର,୨୯।୮ (ମହାଭାରତ):** ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀ ମାନଙ୍କ ପାଇଁ ଇ-କେୱାଇସି କରାଇବା ପ୍ରକ୍ରିୟା ଆରମ୍ଭ କରାଯିବାର ଉଦ୍ଦେଶ୍ୟ ହେଲା ଯେ ଏହି ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା। ଏହାକୁ କଡା କଡି ଭାବେ ଲାଗୁ କରାଯାଉ ନାହିଁ। ଏକ ମାସ ଭିତରେ ଇ- କେୱାଇସି ପୂରଣ ନ କରେ ରାସନ କାର୍ଡ କଟିବ ନାହିଁ । ରାସନ କାର୍ଡର ଇ- କେୱାଇସି ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟ ସୀମା ନାହିଁ । ଏହା କହି ଗୃହକୁ ଆଜି ଆଶ୍ୱସ୍ତ କରିଛନ୍ତି ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ପକ୍ଷରୁ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ବିଧାୟକ ଅମର ନାୟକଙ୍କ ଦ୍ୱାରା ପ୍ରଶ୍ନକାଳରେ ପଚାରା ଯାଇଥିବା ମୂଳ ପ୍ରଶ୍ନ ଉପରେ ଆଲୋଚନା ବେଳେ ବାସୁଦେବପୁର ବିଧାୟକ ଅଶୋକ ଦାସ ଅନ୍ୟ ରାଜ୍ୟରେ କାମ କରୁଥିବା ଦାଦନ ଶ୍ରମିକ ମାନେ କେମିତି ଇ କେୱାଇସି କରିବେ ବୋଲି ଖାଉଟି କଲ୍ୟାଣ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ଅନୁପସ୍ଥିତିରେ ତାଙ୍କ ସ୍ଥାନରେ ଉତ୍ତର ରଖି ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଥିଲେ ଯେ ବିଗତ ଦିନରେ ବଣ୍ଟନ ବ୍ୟବସ୍ଥାରେ ସ୍ୱଚ୍ଛତା ନଥିଲା। ତେଣୁ ଭୂତ କାର୍ଡ, ମୂଷା କାର୍ଡ ବାହାରୁଥିଲା । ତେଣୁ ଏହାକୁ ସ୍ୱଚ୍ଛ କରିବାକୁ ଏହି ପଦକ୍ଷେପ ନିଆଯାଇଛି। ତେବେ ଏକ ମାସ ଭିତରେ ଇକେୱାଇସି ନକରିପାରିଲେ ରାସନ କାର୍ଡ କଟିବ ନାହିଁ ବୋଲି ସେ କହିଛନ୍ତି।

# କୌଣସି ବ୍ୟକ୍ତିଙ୍କଠାରେ ବାର୍ଡ-ଫ୍ଲୁ ଚିହ୍ନଟ ହୋଇନାହିଁ : ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୯।୮ (ମହାଭାରତ):** ରାଜ୍ୟରେ ବାର୍ଡ-ଫ୍ଲୁକୁ ପ୍ରତିହତ କରିବା ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିବିଧ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ପ୍ରକାଶ କରିଛନ୍ତି ।

ଅନ୍ୟପକ୍ଷରେ କୁକୁଡ଼ା କଟାଳିଙ୍କ ମଧ୍ୟରୁ ଜଣେ ବ୍ୟକ୍ତିଙ୍କର ଥଣ୍ଡା, କାଶ ଓ ଜ୍ୱର ଲକ୍ଷଣ ଥିବାରୁ ତାଙ୍କୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପୃଥକ କକ୍ଷରେ ରଖାଯାଇ ତାଙ୍କ ନମୁନାକୁ ଆଂଚଳିକ ଭେଷଜ ଗବେଷଣା କେନ୍ଦ୍ର, ଭୁବନେଶ୍ୱରକୁ ପ୍ରେରଣ କରାଯାଇଛି । ତାଙ୍କୁ ଓସେଲ୍ ଟାମିଭିର ଔଷଧ ପ୍ରଦାନ କରାଯାଇଛି । ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରୁ ପ୍ରାପ୍ତ ସୂଚନା ଅନୁଯାୟୀ ଅଦ୍ୟାବଧି ଓଡ଼ିଶାର କୌଣସି ବ୍ୟକ୍ତିବିଶେଷଙ୍କଠାରେ ବାର୍ଡ-ଫ୍ଲୁ ଚିହ୍ନଟ ହୋଇନାହିଁ । ବାର୍ଡ-ଫ୍ଲୁ ନେଇ କୌଣସି ବ୍ୟକ୍ତିବିଶେଷ ଆତଙ୍କିତ ନହେବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

ମନ୍ତ୍ରୀ କହିଛନ୍ତି ଯେ ପୁରୀ ଜିଲ୍ଲାର ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ରାଇଚକ୍ରଧରପୁର ଏବଂ ପିପିଲି ବ୍ଲକ୍ ଅନ୍ତର୍ଗତ ଅବଲପୁରଠାରେ ଅଗଷ୍ଟ ୨୩ ତାରିଖରେ ବାର୍ଡ-ଫ୍ଲୁ ବ୍ୟାପିଥିବାର ଖବର ପ୍ରକାଶ ପାଇବା ପରେ ତ୍ୱରିତ ପ୍ରତିକ୍ରିୟା ଦଳ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। କୁକୁଡ଼ାମାନଙ୍କଠାରୁ ନମୁନା ସଂଗ୍ରହ କରାଯାଇ ଭୋପାଳସ୍ଥିତ ନ୍ୟାସନାଲ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ହାଏ- ସିକ୍ୟୁରିଟି ଆନିମଲ୍ ଡିଜିଜେସ୍ (ଏନଆଇଏଚ୍ଏସ୍ଏଡି)କୁ ପ୍ରେରଣ କରାଯାଇଥିଲା। ଏହି ନମୁନାରୁ ଫ୍ଲୁ ଥିବା ଜଣାପଡ଼ିବା ପରେ ଉକ୍ତ ଅଂଚଳରେ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସଂପଦ ବିଭାଗ ପକ୍ଷରୁ କୁକୁଡ଼ାମରା ଅଭିଯାନ ଆରମ୍ଭ କରାଯିବା ସହ ବିଭାଗ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି । ଏହାକୁ ନିୟନ୍ତ୍ରଣ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଜାରି ଆଭିଏନ୍ ଇନ୍ଫ୍ଲୁଏଞ୍ଜା ପ୍ରୋଟୋକଲ୍ ଅନୁଯାୟୀ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇ ଏ ସଂପର୍କୀୟ ସୂଚନା ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଅବଗତ କରାଯାଇଥିଲା ।

ଏହି ସୂଚନାକୁ ଗୁରୁତର ସହ ଗ୍ରହଣ କରି ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପୂର୍ବକ ଉପରୋକ୍ତ ଦୁଇଟି ସ୍ଥାନର ମାଇକ୍ରୋ ପ୍ଲାନ୍ ପ୍ରସ୍ତୁତ କରିଛନ୍ତି । ତଦନୁଯାୟୀ ସ୍ୱାସ୍ଥ୍ୟକର୍ମୀମାନେ ପ୍ରତିଦିନ ଘରକୁ ଘର ଯାଇ ଥଣ୍ଡା, କାଶ, ଜ୍ୱର ରୋଗୀମାନଙ୍କର ସର୍ବେକ୍ଷଣ କରୁଛନ୍ତି। ରାଜ୍ୟସ୍ୱରୀୟ ତ୍ୱରିତ ପ୍ରତିକ୍ରିୟା ଦଳ ମଧ୍ୟ ଏହିସବୁ ସ୍ଥାନକୁ ଯାଇ ସମସ୍ତ ପଦକ୍ଷେପର ଅନୁଧ୍ୟାନ କରୁଛନ୍ତି। ପ୍ରତ୍ୟେକ ଦିନ କୁକୁଡ଼ା କଟାଳି, ଫାର୍ମ ମାଲିକ ଓ କର୍ମଚାରୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ପ୍ରତିଷେଧକ ଭାବେ ସେମାନଙ୍କୁ ଓସେଲ୍ଟାମିଭିର ଔଷଧ ପ୍ରଦାନ କରାଯାଉଛି ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବାର୍ଡ-ଫ୍ଲୁକୁ ନେଇ ବ୍ୟାପକ ସଚେତନତା ସୃଷ୍ଟି କରାଯିବା ସହ ସଂପୃକ୍ତ ଗ୍ରାମମାନଙ୍କରେ ଥିବା ସ୍ୱାସ୍ଥ୍ୟକାନ୍ଥଗୁଡ଼ିକରେ ବାର୍ଡ--ଫ୍ଲୁ ନିରାକରଣ ବାର୍ତା ପ୍ରଦାନ କରାଯାଉଛି । ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବାର୍ଡ-ଫ୍ଲୁ ରୋଗର ଲକ୍ଷଣ ଥିବା ବ୍ୟକ୍ତିମାନଙ୍କ ପାଇଁ ସଂଘରୋଧ ବ୍ୟବସ୍ଥା ସହ ଚିକିତ୍ସା ପାଇଁ ପୃଥକ କକ୍ଷ ପ୍ରସ୍ତୁତ କରାଯାଇଛି।

# ସାମସଙ୍ଗ ଟିଭି ଚ୍ୟାନେଲ ପ୍ରଦାନକୁ ସଂପ୍ରସାରିତ

**ଭୁବନେଶ୍ୱର,୨୯।୮ (ମହାଭାରତ):** ସାମସଙ୍ଗ ଟିଭି ପ୍ଲସ, ଭାରତରେ ଏହି ବ୍ରାଣ୍ଡର ବିଜ୍ଞାପନ ମୁକ୍ତ ସମର୍ଥିତ ପ୍ରଦାନକାରୀ ଟିଭି (ଏଫଏଏସଟି) ସେବା, ଏହାର ପୋର୍ଟଫୋଲିଓରେ ଆଜ ତକ ଏଚ୍‌ଡ଼ି ତଥା ଲାଲ୍ଲନଟପ ଶୁଭାରମ୍ଭର ଘୋଷଣା କରିଛି। ସାମସଙ୍ଗ ଟିଭି ପ୍ଲସ ଏବଂ ଟିଭି ଟୁଡ଼େ ନେଟୱାର୍କର ମିଳିତ ସହଯୋଗରେ ସାମସଙ୍ଗ ନିଜର ପ୍ରତିଶ୍ରୁତିବଦ୍ଧତାକୁ, ଉଚ୍ଚମାନର କାର୍ଯ୍ୟକ୍ରମ ତଥା ବୃଦ୍ଧି ପାଉଥିବା ଦର୍ଶକ ମାନଙ୍କୁ ସେମାନଙ୍କର ସୁବିଧା ପ୍ରଦାନ ଆବଶ୍ୟକତାକୁ ସମଗ୍ର ପୃଥିବୀ ସହିତ ସଂଯୋଗ କରିପାରିଛି। ଟିଭି ଟୁଡ଼େ ନେଟୱାର୍କର ଏଫଏଏସଟି ଚ୍ୟାନେଲ ଲାଲ୍ଲନଟପ ତଥା ଆଜ ତକ ଏଚ୍‌ଡ଼ି ଏହାର ଦର୍ଶକମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରିମିୟମ ମୁକ୍ତ ପ୍ରସଙ୍ଗକୁ ସେମାନଙ୍କର ଘରେ ବଡ଼ ପରଦାରେ ଯୋଗାଇବାର ପ୍ରୟାସ ଜାରି ରଖିଛି। "ଆମର ପ୍ରଚେଷ୍ଟା ଅସମାନ୍ତରାଳ ତଥା ଅଦ୍ୱିତୀୟ ମୂଲ୍ୟଯୁକ୍ତ ସେବାକୁ ଦର୍ଶକଙ୍କ ପାଖରେ ପହଂଚାଇବା ଏବଂ ସାମସଙ୍ଗ ଟିଭି ପ୍ଲସରେ ବିଜ୍ଞାପନ ପ୍ରସାରଣ କରିବା। ଆଜ ତକ ଏଚ୍‌ଡ଼ି ଏବଂ ଲାଲ୍ଲନଟପ ଚ୍ୟାନେଲ ବୃଦ୍ଧି ପାଉଥିବା ଅଧୁନତମ ସମଗ୍ର ପୃଥିବୀର ବିଭିନ୍ନ ଉତ୍ସରୁ ପ୍ରାପ୍ତ ସମ୍ବାଦକୁ ଯୋଗାଇବା ଯାହା ମଧ୍ୟରେ ରହିଛି, ବ୍ୟବସାୟ, ରାଜନୀତି, ମନୋରଞ୍ଜନ ତଥା ଆହୁରି ଅଧିକ ପ୍ରତିଶ୍ରୁତିବଦ୍ଧତାର ଏକ ଦସ୍ତାବିଜ ଭାବରେ ଟିଭି ଟୁଡ଼େ ନେଟୱାର୍କର ସହଭାଗୀତା ଆଜି ବିଦ୍ୟମାନ ହୋଇପାରିଛି" ଏହା ଅତି ଦୃଢ଼ଭାବରେ ମତବ୍ୟକ୍ତ କରି କହିଛନ୍ତି କୁନାଲ ମେହଟ୍ଟା ସହଭାଗୀତା ମୁଖ୍ୟ ସାମସଙ୍ଗ ଟିଭି ପ୍ଲସ ଇଣ୍ଡିଆ।

## ଭାରତ ସହ ବାଂଲାଦେଶର ସମ୍ପର୍କ

ଶେଖ ହାସିନା ବାଂଲାଦେଶର ସବୁଠାରୁ ଲୋକପ୍ରିୟ ନେତ୍ରୀଭାବେ ଏହି ନିର୍ବାଚନରେ ବିଜୟୀ ହେବାରେ କିଛି ବିସ୍ମିତ ହେବାର ନଥିଲା। ହାସିନା ଦେଶକୁ ଏକ ସ୍ଥିର ସରକାର ପ୍ରଦାନ କରିଥିଲେ। ତାଙ୍କ ସମୟରେ ଦେଶର ଅର୍ଥନୈତିକ ବିକାଶ ହୋଇଛି। ପାକିସ୍ତାନ ଏବଂ ଶ୍ରୀଲଙ୍କା ଭଳି ଦେଶ ଆର୍ଥିକ ସଙ୍କଟରେ ପଡ଼ିଥିବା ବେଳେ ବାଂଲାଦେଶର ସ୍ଥିତି ଯଥେଷ୍ଟ ଭଲ। କିନ୍ତୁ ମାସକ ତଳେ ଦେଶରେ ସଂରକ୍ଷଣ ବିରୋଧୀ ଛାତ୍ର ଆନ୍ଦୋଳନ ଆରମ୍ଭ ହୋଇଥିଲା ଏବଂ ଏହା ଏତେ ଉଗ୍ର ରୂପ ନେଇଥିଲା ଯେ ତାହା ଦେଶରେ ଅରାଜକତା ସୃଷ୍ଟି କରିଥିଲା ଏବଂ ଛାତ୍ର ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା। ସରକାର ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ବିଫଳ ହେଲେ। ହିଂସା ଏବଂ ସଂଘର୍ଷରେ ୨୦୦ରୁ ଅଧିକ ପ୍ରାଣ ହରାଇଲେ। ଆଲେଶଚନା ନିମନ୍ତେ ହାସିନାଙ୍କ ପ୍ରସ୍ତାବକୁ ଛାତ୍ରମାନେ ଅଗ୍ରାହ୍ୟ କଲେ। ତେବେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏଥିରେ ହସ୍ତକ୍ଷେପ କରି ସଂରକ୍ଷଣ ଉପରେ ରୋକ ଲଗାଇବା ଫଳରେ ପରିସ୍ଥିତିରେ ସାମାନ୍ୟ ସୁଧାର ଆସିଥିଲା। ଆଶା କରାଯାଉଥିଲା ଯେ, ଏବେ ସବୁ କିଛି ନିୟନ୍ତ୍ରିତ ହୋଇଯିବ। କିନ୍ତୁ ରବିବାର ହଠାତ ପୁଣି ପରିସ୍ଥିତି ବିଗିଡ଼ି ଗଲା। ସାରା ଦେଶରେ ହିଂସାରେ ୯୩ ଜଣ ପ୍ରାଣ ହରାଇଲେ। ଦେଶବ୍ୟାପୀ କର୍ଫ୍ୟୁ ଜାରି କରାଗଲା। ପରିସ୍ଥିତି ଏକରକମ ଅଣାୟତ ହୋଇପଡ଼ିଲା। ଏଥର ଆନ୍ଦୋଳନକାରୀ ଛାତ୍ରମାନେ ସିଧାସଳଖ ପ୍ରଧାନମନ୍ତ୍ରୀ ପଦରୁ ଶେଖ ହାସିନାଙ୍କ ଇସ୍ତଫା ଦାବି କଲେ। ସୋମବାର ସେନାବାହିନୀ ପକ୍ଷରୁ ହାସିନାଙ୍କୁ ଇସ୍ତଫା ଦେଇ ଦେଶଛାଡ଼ି ପଳାଇଯିବାକୁ ବାଧ୍ୟ କରାଗଲା। ହାସିନା ପ୍ରାଣ ବିକଳରେ ବାଂଲାଦେଶ ସେନାର ଏକ ହେଲିକପ୍ଟରରେ ଭାରତ ଚାଲିଆସିଲେ। ଏବେ ସେ ଇଂଲଣ୍ଡରେ ରାଜନୈତିକ ଆଶ୍ରୟ ନେବାକୁ ଚାହୁଁଛନ୍ତି। ଦୁଇ ବର୍ଷ ତଳେ ଶ୍ରୀଲଙ୍କାରେ ଯେପରି ଉତ୍ତ୍ୟକ୍ତ ଜନତା ଦେଶର ରାଷ୍ଟ୍ରପତି ଭବନକୁ ଅକ୍ତିଆର କରି ଲୁଟପାଟ କରିଥିଲେ, ଏବେ ବାଂଲାଦେଶରେ ଠିକ ତାହା ହିଁ ଘଟିଲା। ଏଥିରେ ଇସ୍ତଫା ବ୍ୟତିତ ହାସିନାଙ୍କ ନିକଟରେ ଅନ୍ୟ ଉପାୟ ନଥିଲା। ହାସିନାଙ୍କ ପରେ ଦେଶରେ ଏକ ବିକଳ୍ପ ସରକାର ଗଠନର ଅନ୍ୟ କିଛି ଉପାୟ ନଥିଲା। ତେଣୁ ସେନା ନିଜ ହାତକୁ ଶାସନ କ୍ଷମତା ନେଲା ଏବଂ ଦେଶରେ ଏକ ଅନ୍ତରୀଣ ସରକାର ଗଠିତ ହେଲା। ସାମରିକ ସରକାର ଦେଶର ସଂସଦକୁ ଭାଙ୍ଗି ଦେଇଛନ୍ତି। ଏବେ ଦେଶରେ ସାନି ନିର୍ବାଚନ ସମ୍ଭାବନା କ୍ଷୀଣ। ଯାହା ଆଶା କରାଯାଉଛି ବେଶ କିଛି ଦିନ ଦେଶରେ ସାମରିକ ସରକାର ଚାଲିବ। ବାଂଲାଦେଶରେ ଏହା ନୂଆ ନୁହେଁ। ଅତୀତରେ ବହୁ ବର୍ଷ ଦେଶରେ ସାମରିକ ସରକାର ଚାଲିଥିଲା। ୧୯୭୧ରେ ଶେଖ ମୁଜିବୁର ରହମାନଙ୍କ ନେତୃତ୍ୱରେ ମୁକ୍ତି ଆନ୍ଦୋଳନ ଯୋଗୁ ପୂର୍ବ ପାକିସ୍ତାନ ବାଂଲାଦେଶ ନାମରେ ଏକ ନୂଆ ଦେଶ ଭାବେ ଜନ୍ମ ନେଇଥିଲା। ବଙ୍ଗବନ୍ଧୁ ମୁଜିବୁର ହୋଇଥିଲେ ଦେଶର ପ୍ରଧାନମନ୍ତ୍ରୀ। କିନ୍ତୁ ସେ ମାତ୍ର ୪ ବର୍ଷ ପରେ ସାମରିକ ବିଦ୍ରୋହରେ ପ୍ରାଣ ହରାଇଥିଲେ। ମୁଜିବୁର ହେଉଛନ୍ତି ଶେଖ ହାସିନାଙ୍କ ପିତା। ହାସିନା ସେତେବେଳେ ବିଦେଶରେ ଥିବାରୁ ବଂଚି ଯାଇଥିଲେ। ଏହା ପରେ ଦେଶରେ ଦୀର୍ଘ ବର୍ଷ ଧରି ସାମରିକ ଶାସନ ଚାଲିଥିଲା। ତେବେ ହାସିନା ଦେଶକୁ ଫେରିଆସି ଆୱାମୀ ଲିଗର ନେତୃତ୍ୱ ନେଲେ ଏବଂ ବାଂଲାଦେଶର ପ୍ରଧାନମନ୍ତ୍ରୀ ହେଲେ। ସେ ଜଣେ ସୁସିକା ଥିଲେ। କିନ୍ତୁ ତାଙ୍କର କିଛି ନିଷ୍ପତ୍ତି ତାଙ୍କ ପତନକୁ ଡାକି ଆଣିଲା। ଯାହା ବି ହେଉ ହାସିନା ଭାରତର ଜଣେ ବନ୍ଧୁ ଥିଲେ। ତାଙ୍କର ଏପରି ବିଦାୟ ଏବଂ ବାଂଲାଦେଶରେ ସାମରିକ ଶାସନ ଭାରତ ପାଇଁ ଚିନ୍ତାର କାରଣ। ଅତୀତରେ ବାଂଲାଦେଶରେ ଯେତେବେଳେ ବି ସାମରିକ ଶାସନ ପ୍ରତିଷ୍ଠା ହୋଇଛି ସେତେବେଳେ ଭାରତ ସହ ବାଂଲାଦେଶର ସମ୍ପର୍କ ତିକ୍ତ ହୋଇଛି।

## ପୂର୍ଣ୍ଣଚ୍ଛେଦ ଟାଣନ୍ତୁନି ଜୀବନରେ

**॥ ଉମେଶ ଚନ୍ଦ୍ର ପାତ୍ର ॥**

> “ ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡ଼େଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ ।

ଅଙ୍ଗଗ୍ରହିତାଙ୍କ ପାଇଁ ପ୍ରତ୍ୟାରୋପଣ ଅର୍ଥ ହେଉଛି ପୁନର୍ଜୀବନର ସୁଯୋଗ। ଏହା ଅନେକଙ୍କୁ ପୁଣି ଥରେ ସ୍ୱାଭାବିକ ଜୀବନକୁ ଫେରାଏ। ଆଗରୁ ଲୋକେ ଅଙ୍ଗଦାନ କ'ଣ ତାହା ଠିକ୍ ଭାବରେ ବୁଝିପାରୁନଥିଲେ। ଏବେ କିନ୍ତୁ ଲୋକେ ସଚେତନ ହେଲେଣି। ମୃତ୍ୟୁ ପରେ ଅଙ୍ଗପ୍ରତ୍ୟଙ୍ଗର ପୁନଃଚକ୍ରଣ ଯେ ହୋଇପାରେ ସେ କଥା ସାଧାରଣ ଲୋକେ ବି ବୁଝିଲେଣି। ମୃତ୍ୟୁପରେ ନିଜ ଅଙ୍ଗଦାନ ପାଇଁ ରାଜି ହେଲେଣି। ହେଲେ ଏତିକିରେ କ'ଣ ଦାୟିତ୍ୱ ସରିଗଲା ? ଆପଣ ଅଙ୍ଗଦାନ ପାଇଁ ରାଜି ହୋଇଗଲେମାନେ କ'ଣ ମୃତ୍ୟୁ ପରେ ଆପଣଙ୍କ ଅଙ୍ଗ କାମରେ ଲାଗିଯିବ ? ଏହାର ନିର୍ଦ୍ଦିଷ୍ଟ କାର୍ଯ୍ୟ ପ୍ରକ୍ରିୟା ଅଛି। ଆଇନଗତ ବ୍ୟବସ୍ଥା ଅଛି। ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଇବାକୁ ଚାହୁଁଥିଲେ ପ୍ରଥମେ ନିଜ ନାମ ପଞ୍ଜିକରଣ କରାନ୍ତୁ। ନାମ ପଞ୍ଜିକରଣ କରାଇଥିଲେ ପ୍ରତ୍ୟାରୋପଣ ଯୋଗ୍ୟ ଅଙ୍ଗପ୍ରତ୍ୟଙ୍ଗକୁ କାମରେ ଲଗାଇବା ଉଭୟ ଡାକ୍ତର ଓ ପ୍ରତ୍ୟାରୋପଣକାରୀଙ୍କ ପାଇଁ ସହଜ ହେବ। ନାମ ପଞ୍ଜିକରଣ ଅଙ୍ଗଦାନ ପ୍ରକ୍ରିୟାରେ ଅଯଥା ବିଳମ୍ବକୁ ହ୍ରାସ କରେ ଫଳରେ ପ୍ରତ୍ୟାରୋପଣର ସଫଳତା ବୃଦ୍ଧି ପାଏ। ବର୍ତ୍ତମାନ ଭାରତରେ କେନ୍ଦ୍ରୀୟ ପଞ୍ଜିକରଣ ବ୍ୟବସ୍ଥା ନାହିଁ। କିନ୍ତୁ ଏ ଦିଗରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଏନ୍‌ଜିଓ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଛି।

ଆଗରୁ ଅନେକ ଧାର୍ମିକ ଅନ୍ଧବିଶ୍ୱାସ ଯୋଗୁଁ ଅଙ୍ଗଦାନ ପ୍ରତି ବୀତସ୍ପୃହ ଥିଲେ। ଶୋକସନ୍ତପ୍ତ ପରିବାରକୁ ଅଙ୍ଗଦାନ ପାଇଁ କହିବାକୁ ଡାକ୍ତରମାନେ ମଧ୍ୟ ସାହସ କରିପାରୁନଥିଲେ। କିନ୍ତୁ ଏବେ ଅନେକେ ଏ ନେଇ ଦୃଷ୍ଟିଭଙ୍ଗୀ ବଦଳାଇଲେଣି। ପ୍ରିୟଜନଙ୍କୁ ହରାଇବାର କ୍ଷତିକୁ ତ ଅସ୍ୱୀକାର କରିହେବନି। କିନ୍ତୁ ଏ ଭିତରେ ବି ଅନ୍ୟକୁ ଜୀବନ ଦେଇପାରିବାରେ ଆତ୍ମ ସନ୍ତୋଷ ଅଛି ଏକଥା ଅନେକ ଅନୁଭବ କଲେଣି। ଅଧ୍ୟୟନରୁ ଜଣାପଡ଼ିଛି ନିଜ ପ୍ରିୟଜନର ଅଙ୍ଗରେ ଅନ୍ୟଜଣେ ବଞ୍ଚିପାରିବା ପରିବାରର ଦୁଃଖର ବୋଝକୁ ଲାଘବ କରୁଛି। ଅନେକ ଅଙ୍ଗଦାତା ପରିବାର ଅନୁଭବ କରସାରିଲେଣି ସେମାନଙ୍କ କ୍ଷତି ଭିତରେ ଏଇ ଗୋଟିଏ ମାତ୍ର ସକାରାତ୍ମକ ଦିଗ ରହିଛି।

ପ୍ରତିବର୍ଷ ଜାତୀୟ ଅଙ୍ଗଦାନ ଦିବସ ପାଳିତ ହେଉଛି। ଜଣେ ବ୍ୟକ୍ତିଙ୍କ ମସ୍ତିଷ୍କର ମୃତ୍ୟୁ ହେବାପରେ କିଡ଼ନୀ, ହାର୍ଟ, ଫୁସଫୁସ, ଲିଭର, ଅଗ୍ନାଶୟ, ପାନକ୍ରିୟାଜ ଆଦି ପ୍ରତିରୋପଣ କରାଯିବାର ବ୍ୟବସ୍ଥା ରହିଛି। ସମଗ୍ର ବିଶ୍ୱରେ ଅଙ୍ଗ ପ୍ରତିରୋପଣ କ୍ଷେତ୍ରରେ ଆମେରିକା ଓ ଚୀନ ପରେ ଭାରତର ସ୍ଥାନ ତୃତୀୟ। ୨୦୧୩ରେ ୪୯୯୦ଟି ଅଙ୍ଗଦାନ ହୋଇଥିବାବେଳେ ୨୦୨୨ରେ ଏହି ସଂଖ୍ୟା ୧୫୫୬୧କୁ ବୃଦ୍ଧି ପାଇଛି। ଭାରତରେ କେବଳ ପାଖାପାଖି ୨ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କର କିଡ଼ନୀ ପ୍ରତିରୋପଣ ଦରକାର ପଡ଼ିଥାଏ। ତେବେ ସର୍ବପ୍ରଥମେ ଭାରତରେ ୧୯୯୪ ମସିହାରେ ସରକାରଙ୍କ ଦ୍ୱାରା ମାନବ ଅଙ୍ଗ ପ୍ରତିରୋପଣ ଆଇନ ଗୃହୀତ ହେବାପରେ ୧୯୯୭ ମାର୍ଚ୍ଚ ୨୭ରେ ମୁମ୍ବାଇ ଠାରେ ସର୍ବପ୍ରଥମ କାଡ଼ାଭରିକ୍ କିଡ଼ନୀ ପ୍ରତିରୋପଣ ହୋଇଥିଲା। କିନ୍ତୁ ଏହାର ପୂର୍ବରୁ ପ୍ରଥମ ସଫଳ କାଡ଼ାଭରିକ ହାର୍ଟ ପ୍ରତିରୋପଣ ଅଗଷ୍ଟ ୩, ୧୯୯୪ରେ ହୋଇଥିଲା। ସ୍ୱାସ୍ଥ୍ୟଗତ କ୍ଷେତ୍ରରେ ଏଭଳି ଏକ ଚିକିତ୍ସା ସେବାକୁ ସ୍ମରଣ କରିବା ପାଇଁ ଜାତୀୟ ଅଙ୍ଗଦାନ ଦିବସ ପାଳନ କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ସଚେତନତା ବୃଦ୍ଧି କରାଯାଉଛି। ଅଙ୍ଗଦାନ ହାରକୁ ବୃଦ୍ଧି କରିବା ପାଇଁ ବ୍ୟାପକ ସଚେତନତା ଦ୍ୱାରା ଏକ ବଡ଼ ବାର୍ତ୍ତା ଦିଆଯିବା ପାଇଁ କାର୍ଯ୍ୟ କରୁଛି ତାହା ହେଉଛି 'ମୃତ୍ୟୁ ପରେ ଜଣେ ଅଙ୍ଗଦାତା କିପରି ଅନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ଜୀବିତ ରୁହେ ତାକୁ ନେଇ ସଚେତନତା ସୃଷ୍ଟି କରିବା।' ୨୦୨୦ ଫେବୃଆରୀରେ ଓଡ଼ିଶାରେ ସର୍ବପ୍ରଥମେ କାଡ଼ାଭରିକ କିଡ଼ନୀ ପ୍ରତିରୋପଣ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ କରାଯାଇଥିଲା। ଓଡ଼ିଶା ସରକାର ଅଙ୍ଗଦାତାଙ୍କୁ ସେମାନଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷ ସମ୍ମାନ ପ୍ରଦାନ କରିବା ସହ ତାଙ୍କ ପରିବାରକୁ ସୁରଜ ସମ୍ମାନରେ ସମ୍ମାନିତ କରାଯାଉଛି। ଏହା ରାଜ୍ୟରେ ଅଙ୍ଗଦାନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ପାଇଁ ସଚେତନତା ଦେବ। ବର୍ତ୍ତମାନ ସୁଦ୍ଧା ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ୨୧୨ଟି କିଡ଼ନୀ ପ୍ରତିରୋପଣ କରାଯାଇଛି। ସେମାନଙ୍କ ଭିତରୁ କେବଳ ୧୪ଟି କାଡ଼ାଭରିକ୍ ପ୍ରତିରୋପଣ। ଚଳିତ ବର୍ଷ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅଗଷ୍ଟ ୫ ତାରିଖ ଦିନ ଅନୁଷ୍ଠିତ ହେବାକୁ ଯାଉଛି । ଏହି କାର୍ଯ୍ୟକ୍ରମରେ ସଚେତନଧର୍ମୀ ସ୍ଲୋଗନ ରହିଛି - 'ମୁଁ ଜଣେ ଅଙ୍ଗଦାତା'। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ଲିଭର ପ୍ରତିରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ରାଜ୍ୟରେ ଏ ପର୍ଯ୍ୟନ୍ତ ୭ଟି ଲିଭର ପ୍ରତିରୋପଣ ସଫଳତାର ସହ ହୋଇଥିବାବେଳେ ସେଥିମଧ୍ୟରୁ ୨ଟି ହେଉଛି କାଡ଼ାଭରିକ ପ୍ରତିରୋପଣ। ୨ଟି କାଡ଼ାଭରିକ ଲିଭର ପ୍ରତିରୋପଣରୁ ଗୋଟିଏ ଏସସିବିରେ ହୋଇଛି।

ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡ଼େଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ବାରେ ଚିରାଯାଏ । ଅଙ୍ଗ ବାହାର କରିବା ସମୟରେ ଶରୀରକୁ ସମ୍ପୂର୍ଣ୍ଣ ସମ୍ମାନର ସହ ରଖାଯାଏ । ଅଙ୍ଗ ଗ୍ରହଣ କରାଯାଇ ସାରିବା ପରେ ଏହାକୁ ସଫା କରି ପରିଜନଙ୍କୁ ଅର୍ପଣ କରାଯାଏ । ଏହି ପ୍ରକ୍ରିୟାରେ ପ୍ରାୟ ୬-୭ଘଣ୍ଟା ଲାଗିଯାଏ । ଅର୍ଗାନ୍ ଡୋନେସନ୍ ଆକ୍ଟ, ୧୯୯୪ର ନିୟମ ଅନୁଯାୟୀ ଯେଉଁ ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ଅଛି କେବଳ ସେହିଠାରେ ଅଙ୍ଗଦାନ କରିହେବ । ଏହା ଏକ କଷ୍ଟକର ନିୟମ । ଏହାଦ୍ୱାରା ଦୂରଦୂରାନ୍ତରେ ଥିବା ଲୋକମାନେ ଅଙ୍ଗଦାନ କରି ମହତ୍ କାର୍ଯ୍ୟରୁ ବଞ୍ଚିତ ହୁଅନ୍ତି । ଏହି ସମସ୍ୟାକୁ ଦେଖି ସରକାର ୨୦୧୧ ମସିହାରେ ଏ ନିୟମରେ କିଛି ପରିବର୍ତ୍ତନ କରିଛନ୍ତି । ନୂଆ ନିୟମ ଅନୁଯାୟୀ କୌଣସି ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ନଥିଲେ ବି ସେଠାରେ ଆଇସିୟୁ ଥିଲେ ଅଙ୍ଗଦାନ କରିହେବ । ଏହା ଲାଗୁ ହେବା ପରେ ଅଙ୍ଗଦାନ ଆଉ ଦ୍ରୁତ ଓ ସୁବିଧାଜନକ ହେବ । ବର୍ତ୍ତମାନ ଅଙ୍ଗଦାନ ସହ ଜଡ଼ିତ ଆଇନ କଷ୍ଟକର ଥିବାରୁ ବର୍ଷରେ ମାତ୍ର ୫୦-୬୦ଜଣ ବ୍ୟକ୍ତିହିଁ ଅଙ୍ଗଦାନ କରିପାରୁଛନ୍ତି । ଡାକ୍ତର ଏସବୁ ଅଙ୍ଗକୁ ଶୀଘ୍ର ଏପରି ରୋଗୀଙ୍କ ଠାରେ ପ୍ରତ୍ୟାରୋପଣ କରିଦିଅନ୍ତି ଯାହାଙ୍କୁ ଏହାର ଆବଶ୍ୟକତା ଥାଏ । ଡାକ୍ତରଖାନା ପାଖରେ ଅର୍ଗାନ୍ ଡୋନେସନ୍‌ର ଏକ ୱେଟିଙ୍ଗ ଲିଷ୍ଟ ଥାଏ । ଅଙ୍ଗ ପ୍ରତ୍ୟାରୋପଣ ପାଇଁ ବ୍ଲଡ଼ ଗ୍ରୁପ୍ ମେଳକ ଓ ଅନ୍ୟ କେତେକ ଟେଷ୍ଟ କରାଯାଏ । ଯକୃତ କଢ଼ାଯିବାର ୬ଘଣ୍ଟା ମଧ୍ୟରେ ପ୍ରତ୍ୟାରୋପିତ ହେବା ଆବଶ୍ୟକ । ବୃକକ୍ ୧୨ ଘଣ୍ଟା ମଧ୍ୟରେ ଓ ଆଖି ୩ ଦିନ ମଧ୍ୟରେ ଲଗାଇ ଦିଆଯିବା ଆବଶ୍ୟକ । ଦାତାଙ୍କ ଶରୀରରୁ କଢ଼ାଯାଇଥିବା ଅଙ୍ଗ ଯେତେ ଶୀଘ୍ର ପ୍ରତ୍ୟାରୋପଣ କରାଯାଏ ତାର କାମ କରିବା କ୍ଷମତା ଓ ସମ୍ଭାବନା ସେତେ ଅଧିକ ହୋଇଯାଏ । ନିଜ ମୃତ୍ୟୁ ପରେ ଚକ୍ଷୁଦାନ କରିବା ସମ୍ପର୍କରେ ନିଷ୍ପତ୍ତି ଯେ କୌଣସି ବ୍ୟକ୍ତି ନେଇପାରିବେ, ଏହାର କୌଣସି ସର୍ବୋଚ୍ଚ ବୟସ ସୀମା ନାହିଁ । ଜୀବିତ ବ୍ୟକ୍ତି ଆଖିଦାନ କରିପାରିବେ ନାହିଁ । ଆଖିରେ ସମସ୍ୟା ଥିଲେ, ମଧୁମେହ ରୋଗୀ ହୋଇଥିଲେ ବି ଜଣେ ଚକ୍ଷୁଦାନ କରିପାରିବ । ଏପରିକି ଅପ୍ଟିକାଲ ନର୍ଭ ସମସ୍ୟା ଯୋଗୁଁ ଦୃଷ୍ଟିହୀନ ହୋଇଥିବା ବ୍ୟକ୍ତିଙ୍କର ସୁସ୍ଥ କନିନିକା (କର୍ଣ୍ଣିଆ) ମଧ୍ୟ ଦାନ କରାଯାଇପାରିବ । କର୍ଣ୍ଣିଆରେ ରକ୍ତକୋଷ ନଥିବାରୁ ଏହା ଯେକୌଣସି ବ୍ୟକ୍ତିଠାରେ ପ୍ରତ୍ୟାରୋପିତ ହୋଇପାରିବ । ଏଥିପାଇଁ ମେଳକ ଆବଶ୍ୟକ ହୁଏ ନାହିଁ । ଯଦି କୌଣସି ମୃତ ବ୍ୟକ୍ତିର ଆଖି ଦାନ କରିବାକୁ ହୁଏ କିମ୍ବା ଜୀବିତ ବ୍ୟକ୍ତି ଚକ୍ଷୁଦାନ କରିବାକୁ ଚାହାନ୍ତି ତେବେ ଏଥିପାଇଁ ଫର୍ମ ପୂରଣ କରିବାକୁ ଚକ୍ଷୁବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ହେବ । ଆପଣ ଯେଉଁ ଅଙ୍ଗଦାନ କରିବାକୁ ଚାହୁଁଛନ୍ତି ସେଥିପାଇଁ ଉଦ୍ଦିଷ୍ଟ ଫର୍ମରେ ଉଲ୍ଲେଖ କରିପାରିବେ । ଏହାପରେ ଆପଣଙ୍କୁ ଏକ ଡୋନ୍‌ର କାର୍ଡ଼ ମିଳିବ । ଯଦି ଆପଣ ଏ ସମ୍ପର୍କରେ ନିଜ ପରିଜନଙ୍କୁ ନଜଣାନ୍ତି, ତେବେ ଏହାର କୌଣସି ମୂଲ୍ୟ ରହିବ ନାହିଁ । କାରଣ ଆପଣଙ୍କ ମୃତ୍ୟୁ ପରେ ସେମାନେ ହିଁ ଔପଚାରିକ ଭାବେ ଏହାକୁ ଦାନ କରିବେ । ପରିଜନ ଚାହିଁଲେ ଆପଣ ଫର୍ମ ପୂରଣ କରିନଥିଲେ ବି ଅଙ୍ଗଦାନ କରିପାରିବେ । ଆଖି ବ୍ୟତୀତ ଅନ୍ୟ କୌଣସି ଅଙ୍ଗ ଦାନ କରିବା ପାଇଁ କାହାକୁ ଯୋଗାଯୋଗ କରିବାକୁ ହୁଏନି । କାରଣ କେବଳ ବ୍ରେନ୍ ଡେଥ୍ ଘୋଷିତ ହେବା ପରେ ଡାକ୍ତରମାନେ ଲାଇଫ୍ ସର୍ପୋଟ ସିଷ୍ଟମରେ ରଖିଲେ ହିଁ ଅନ୍ୟ ଅଙ୍ଗ ଦାନ ହୋଇପାରିବ । ଅଙ୍ଗଦାନ କରିବା ପାଇଁ ପରିଜନଙ୍କୁ କୌଣସି ଖର୍ଚ୍ଚ କରିବାକୁ ହୁଏ ନାହିଁ । ଜୀବିତ ବ୍ୟକ୍ତି ଅଙ୍ଗଦାନ କରିବା ପ୍ରକ୍ରିୟାରେ ଆଇନଗତ ପ୍ରତିବନ୍ଧକ ଅଛି । ପରିସ୍ଥିତିର ସମ୍ପୂର୍ଣ୍ଣ ଆକଳନ ପରେ ହିଁ ଏପରି କରିବା ସମ୍ଭବ । ଆମ ଦେଶରେ 'ଦି ଟ୍ରାନ୍ସପ୍ଲାଣ୍ଟ ଅଫ୍ ହ୍ୟୁମାନ ଅର୍ଗାନ୍ ଆକ୍ଟ-୧୯୯୪' ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରତ୍ୟାରୋପଣ କାର୍ଯ୍ୟକ୍ରମ ହୁଏ । କୌଣସି ବ୍ୟକ୍ତି ଅଙ୍ଗ କିଣାବିକା କରିପାରିବେ ନାହିଁ । ଯେଉଁ ବ୍ୟକ୍ତିଠାରେ ପ୍ରତ୍ୟାରୋପଣ ହେବ କେବଳ ତାର ପରିବାର, ପରିଜନ ଓ ନିକଟତମ ସମ୍ପର୍କୀୟମାନେ ହିଁ ଅଙ୍ଗଦାନ କରିପାରିବେ।

## ସରକାରୀ ଓକିଲ ନିଯୁକ୍ତି ବନାମ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ

**॥ ସତ୍ୟବ୍ରତ ପଟ୍ଟନାୟକ ॥**

ରତୀୟ ସାମ୍ବିଧାନିକ ବ୍ୟବସ୍ଥାରେ ଏକ ଅଲିଖିତ ଆଇନଗତ ବ୍ୟବସ୍ଥା ରହିଛି ତାହାହେଲା କେନ୍ଦ୍ର ହେଉ ବା ରାଜ୍ୟ, ସରକାର ବଦଳିବା ମାତ୍ରେ ପ୍ରଶାସନିକ ବ୍ୟବସ୍ଥା ସହ ଆଇନଗତ ବ୍ୟବସ୍ଥା କୁହାଯାଉଥିବା ଓକିଲ ନିଯୁକ୍ତି ବ୍ୟବସ୍ଥାରେ ମଧ୍ୟ ପରିବର୍ତ୍ତନ ହୋଇଥାଏ। ଓଡ଼ିଶାରେ ପାଞ୍ଚପାଳିର ବିଜେଡି ସରକାରକୁ ଧୂଳିସାତ୍ କରି ବିଜେପି ସରକାର ଗଢ଼ିବା ପରେ ପାଖାପାଖି ଦେଢ଼ମାସ ପରେ ବରିଷ୍ଠ ଆଇନଜୀବୀ ପିତାମ୍ବର ଆଚାର୍ଯ୍ୟଙ୍କୁ ଏହି ଗୁରୁଦାୟିତ୍ୱ ନ୍ୟସ୍ତ କରାଗଲା। ରାଜ୍ୟରେ ସରକାରୀ ବ୍ୟବସ୍ଥା ପରିବର୍ତ୍ତନ ହେଲେ ସ୍ୱାଭାବିକ ଭାବେ ହାଇକୋର୍ଟ ଓ ତଳକୋର୍ଟରେ ସରକାରୀ ଓକିଲ ନିଯୁକ୍ତି ପାଇଁ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଥାଏ। ବିଳମ୍ବରେ ହେଲେ ମଧ୍ୟ ସରକାର ଜଣେ ଦକ୍ଷ ଓ ରାଜ୍ୟର ବରିଷ୍ଠ ଆଇନଜୀବୀଙ୍କୁ ଆଡ଼ଭୋକେଟ ଜେନେରାଲ ଭାବେ ନିଯୁକ୍ତି ଦେଇଛନ୍ତି ଯାହାକୁ ହାଇକୋର୍ଟର ଓକିଲଙ୍କ ସମେତ ଓଡ଼ିଶାର ଓକିଲ ମହଲ ସ୍ୱାଗତ କରିଛନ୍ତି। ତେବେ ନୂଆ ଆଡ଼ଭୋକେଟ ଜେନେରାଲ ଭାବେ ପିତାମ୍ବର ଆଚାର୍ଯ୍ୟଙ୍କ ନିଯୁକ୍ତି ପରେ ଏବେ ସରକାରୀ ଆଇନଜୀବୀ ବା ଜିଏ, ଏଜିଏ (ଅତିରିକ୍ତ ସରକାରୀ ଆଇନଜୀବୀ), ଷ୍ଟାଣ୍ଡିଂ କାଉନସିଲ ଓ ଅତିରିକ୍ତ ଷ୍ଟାଣ୍ଡିଂ କାଉନସିଲ ପଦକୁ ନେଇ ଧାଁ ଧଉଡ଼ ଆରମ୍ଭ ହୋଇଯାଇଛି। ବର୍ତ୍ତମାନ ହାଇକୋର୍ଟ ଓ ତଳକୋର୍ଟରେ ସରକାରୀ ଓକିଲ ନିଯୁକ୍ତି ପାଇଁ ବିଜେପି ଦଳ ପ୍ରତି ଆନୁଗତ୍ୟ ଥିବା ଅନେକ ଓକିଲ ଆଶାୟୀ ରହିଛନ୍ତି।

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଦକ୍ଷ, ସଚ୍ଚୋଟ ଓ ଅନୁଭବୀ ତଥା କୋର୍ଟ ମାମଲା ପରିଚାଳନାରେ ପାରଙ୍ଗମତା ଥିବା ସଚ୍ଚୋଟ ଟ୍ରାକ ରେକର୍ଡ଼ଧାରୀ ଓକିଲ ମାନଙ୍କୁ ସରକାରୀ ଓକିଲ ଭାବେ ନିଯୁକ୍ତି ଦିଆଯିବା କଥା। ମାତ୍ର ଚଳି ଆସିଥିବା ପ୍ରଥା ଅନୁଯାୟୀ ଦଳୀୟ ରାଜନୀତି ଯୋଗୁଁ ଦଳପ୍ରତି ଆନୁଗତ୍ୟ ଥିବା ଓକିଲ ମାନଙ୍କୁ ସରକାରୀ ଓକିଲ ଭାବେ ନିଯୁକ୍ତି ଦିଆଯାଉଛି। ଦଳ ପ୍ରତି ଆନୁଗତ୍ୟ ଥିବା ଅନେକ ଦକ୍ଷ ଓକିଲ କିନ୍ତୁ ନେତା ମାନଙ୍କ ଆଶୀର୍ବାଦ, ପୃଷ୍ଠପୋଷକତା ନପାଇବା କାରଣରୁ ସରକାରୀ ଓକିଲ ହୋଇପାରୁ ନାହାଁନ୍ତି। ଏଠାରେ କୁହାଯାଇପାରେ ଯେ ଗତ ବିଜେପି-ବିଜେଡ଼ି ମେଣ୍ଟ ସରକାର ଥିବା ସମୟରେ ଅନେକ ଓକିଲ ସରକାରୀ ଓକିଲ ହୋଇ ସରକାରଙ୍କ ଠାରୁ ଦରମା ଓ ସବୁ ପ୍ରକାର ସୁବିଧା ସୁଯୋଗ ପାଇ ମଧ୍ୟ ପ୍ରତିପକ୍ଷଙ୍କ ଠାରୁ ଉତ୍କୋଚ ନେଇ ସରକାରଙ୍କୁ ଅପଦସ୍ତ କରାଇଛନ୍ତି। ଅନେକ ମାମଲାରେ ସରକାର ହାରିବା ସହ ପ୍ରତିପକ୍ଷ ବିଜେତା ହୋଇ ସରକାରଙ୍କ ନାକ କଟି ଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏଥର ସରକାରୀ ଓକିଲ ଚୟନରେ ସଚ୍ଚୋଟ, ଦକ୍ଷ, ଅନୁଭବୀସମ୍ପନ୍ନ ଓ ଯୁବ ଓକିଲ ମାନଙ୍କୁ ସୁଯୋଗ ଦେବାକୁ ଓକିଲାମାନଙ୍କ ସମେତ ବୁଦ୍ଧିଜୀବୀ ଓ ଓଡ଼ିଶାବାସୀଙ୍କ ତରଫରୁ ଦୃଢ଼ ଦାବୀ ହେଉଛି। ପୁନଶ୍ଚ ଯେଉଁ ଓକିଲମାନେ କେନ୍ଦ୍ର ସରକାର ଓ ସେଣ୍ଟ୍ରାଲ ଆଡମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ ପ୍ୟାନେଲରେ ଅଛନ୍ତି ସେମାନଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପ୍ୟାନେଲରେ ନରଖିବାକୁ ମଧ୍ୟ ଦାବୀ ଉଠୁଛି। ରାଜ୍ୟ ଆଇନମନ୍ତ୍ରୀ ଜଣେ ଅନୁଭବୀସମ୍ପନ୍ନ ନେତା ଓ ତାଙ୍କ ବାପା ବିଶ୍ୱଭୂଷଣ ବାବୁ ରାଜ୍ୟର ଆଇନମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ତେଣୁ ରାଜ୍ୟ ଆଇନମନ୍ତ୍ରୀ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଗତ ମେଣ୍ଟ ସରକାରରେ ଯେଉଁ ସରକାରୀ ଓକିଲମାନେ ପ୍ରତିପକ୍ଷ ମାନଙ୍କ ଠାରୁ ଉତ୍କୋଚ ନେଇ ସରକାରଙ୍କୁ ବଦନାମ ଓ କ୍ଷତିରେ ପହଞ୍ଚାଇଥିଲେ ଏହାର ତଦନ୍ତ କରି ଯୁବ ଓକିଲ ମାନଙ୍କୁ ଅଗ୍ରାଧିକାର ଭାବରେ ସରକାରୀ ଓକିଲ ଭାବେ ନିଯୁକ୍ତି ଦିଅନ୍ତୁ।

ସରକାରୀ ଆଇନଜୀବୀ ବ୍ୟବସ୍ଥାରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ଯେଉଁ ନିର୍ଦ୍ଦେଶାବଳୀ ରହିଛି ତାହା ହେଉଛି ଅଦାଲତରେ ମାମଲା ପରିଚାଳନା ସମୟରେ ଏଜି ବା ଆଡ଼ଭୋକେଟ ଜେନେରାଲ ହେଉଛନ୍ତି ସରକାରଙ୍କ ଆଇନ ପ୍ରତିନିଧି ଏବଂ ତାଙ୍କ ଦ୍ୱାରା ଆଇନଜୀବୀ ପ୍ୟାନେଲ ଗଠିତ ହୋଇଥାଏ। କୋର୍ଟରେ ଆଡ଼ଭୋକେଟ ଜେନେରାଲ ତଥା ସରକାରୀ ଆଇନଜୀବୀ ପ୍ୟାନେଲ ଉପରେ ସରକାରଙ୍କ ଜିତାପଟ ଓ ଅନେକ ମାମଲାରେ ସ୍ଥିତି ରକ୍ଷା ନିର୍ଭର କରେ। ସରକାର ଯାହା କରୁଛନ୍ତି ତାହା କେତେ ଦୂର ଠିକ ବା ତାହା ସାଧାରଣ ଲୋକଙ୍କ ପାଇଁ କ'ଣ ଆବଶ୍ୟକତା ରହିଛି ଏବଂ ସର୍ବୋପରି ସମସ୍ତ କାର୍ଯ୍ୟ ଆଇନର ନିୟମ କାନୁନ ପରିସୀମା ଭିତରେ ହେଉଛି କି ନାହିଁ ଏହାକୁ ବୁଝାଇବାର କାମ ହେଉଛି ଏହି ପ୍ୟାନେଲର। ଏଠାରେ ସୂଚନା ଦିଆଯାଇପାରେ ଯେ, ଏଜିଙ୍କ ପ୍ୟାନେଲରେ ଯେତେ ଦକ୍ଷ ଆଇନଜୀବୀ ରହିବେ ସେହିକ୍ରମରେ ସରକାର ମଧ୍ୟ ସେତେଟା ସକ୍ରିୟ ରହିବେ। ଆଇନଗତ ବ୍ୟବସ୍ଥା ଅନୁଯାୟୀ ଓଡ଼ିଶା ହାଇକୋର୍ଟରେ ଆଡ଼ଭୋକେଟ ଜେନେରାଲଙ୍କୁ ମିଶାଇ ଏହି ପ୍ୟାନେଲରେ ବିଭିନ୍ନ କୋର୍ଟରେ ମାମଲା ପରିଚାଳନା ପାଇଁ ୭୩ଜଣ ଆଇନଜୀବୀ ରହିବେ। ଜଣେ ଜିଏଙ୍କ ବ୍ୟତୀତ ୩୫ଜଣ ଏଜିଏ, ଜଣେ ଷ୍ଟାଣ୍ଡିଂ କାଉନସିଲ ଓ ୩୫ ଜଣ ଅତିରିକ୍ତ ଷ୍ଟାଣ୍ଡିଂ କାଉନସିଲ ରହିବେ। ଏହି ପ୍ୟାନେଲରେ କେଉଁ ଆଇନଜୀବୀ, କେଉଁ ମାନଦଣ୍ଡ ଆଧାରରେ ମନୋନୀତ ହେବେ ଓ ସେମାନଙ୍କୁ ନିଯୁକ୍ତି ମିଳିବ ଏ ସଂକ୍ରାନ୍ତରେ ୨୦୧୫ ମସିହାରେ ସୁପ୍ରିମକୋର୍ଟଙ୍କ ଏକ ନିର୍ଦ୍ଦେଶାବଳୀ ରହିଛି। ସୁପ୍ରିମକୋର୍ଟର ତତ୍କାଳୀନ ପ୍ରଧାନ ବିଚାରପତି ନ୍ୟାୟମୂର୍ତ୍ତି ପି.ଏସ.ଠାକୁର, ନ୍ୟାୟମୂର୍ତ୍ତି କୁରିଏନ୍ ଯୋଶେଫଙ୍କ ଏକ ଖଣ୍ଡପୀଠ ସ୍ୱଷ୍ଟ ଭାବେ ନିର୍ଦ୍ଦେଶାବଳୀରେ କହିଥିଲେ କି ଯେ ରାଜନୈତିକ ଆନୁଗତ୍ୟ ଆଧାରରେ ଲ'ଅଫିସର ବା ଆଇନଜୀବୀଙ୍କୁ ନିଯୁକ୍ତି କରାଗଲେ ନ୍ୟାୟିକ କାର୍ଯ୍ୟ ଚାଲିପାରିବ ନାହିଁ ବରଂ ଦଳୀୟ ଆନୁଗତ୍ୟ ପରିବର୍ତ୍ତେ ଆଇନ ସମ୍ପର୍କରେ ଜ୍ଞାନ ଥିବା ସଚ୍ଚୋଟ ଓ ମେଧାବୀ ବ୍ୟକ୍ତିଙ୍କୁ ସରକାରୀ ଆଇନଜୀବୀ ଭାବେ ନିଯୁକ୍ତି ଦିଆଯିବା ଆବଶ୍ୟକ। କେବଳ ସେତିକି ନୁହେଁ ସୁପ୍ରିମକୋର୍ଟ ଆହୁରି ମଧ୍ୟ କହିଥିଲେ ଯେ ସରକାରୀ ଆଇନଜୀବୀଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ସରକାର ଏକ ପ୍ୟାନେଲ ପ୍ରସ୍ତୁତ କରିବେ ଏହା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ନିକଟକୁ ପଠାଯିବ। ମୁଖ୍ୟ ବିଚାରପତିଙ୍କ ସହମତି ଅନୁମୋଦନ ପରେ ଏହି ପ୍ୟାନେଲ ଚୂଡ଼ାନ୍ତ ହେବ ଯଦିଓ ତତ୍କାଳୀନ ପଞ୍ଜାବ-ହରିୟାଣା ସରକାରଙ୍କ ସମୟରେ ସେଠାକାର ହାଇକୋର୍ଟରେ ସରକାରୀ ଆଇନଜୀବୀ ନିଯୁକ୍ତିକୁ ନେଇ ଦେଖାଦେଇଥିବା ସମସ୍ୟା ପରିପ୍ରେକ୍ଷୀରେ ସର୍ବୋଚ୍ଚ ଅଦାଲତ ଏହି ଆଦେଶ ଦେବା ସହ ସମଗ୍ର ଦେଶରେ ସରକାରୀ ଆଇନଜୀବୀ ନିଯୁକ୍ତି ପ୍ରକ୍ରିୟାରେ ସଂସ୍କାର ଆଣିବା ପାଇଁ ଏହି ଆଦେଶକୁ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନେକ ରାଜ୍ୟରେ ଏବେ ସର୍ବୋଚ୍ଚ ଅଦାଲତଙ୍କ ଆଦେଶ ଆଧାରରେ ଏଜିଙ୍କ ପ୍ୟାନେଲ ଗଠନ ହୋଇ ଆସୁଅଛି ତଥାପି ଅନେକ ସମୟରେ ଅନେକ ରାଜ୍ୟରେ ଏଭଳି ଦଳୀୟ ଆନୁଗତ୍ୟକୁ ଗୁରୁତ୍ୱ ଦିଆଯାଉଛି ଯାହାର ବିଷମ ପରିଣତି ସ୍ୱରୂପ ଅନେକ ମାମଲାରେ ରାଜ୍ୟ ସରକାର ହାରି ଯାଉଛନ୍ତି ଏବଂ ସରକାରଙ୍କ ଆଇନଗତ ସମ୍ମାନ ତଳେ ପଡ଼ିଯାଉଛି। ତେଣୁ ଓଡ଼ିଶାରେ ସରକାର ଏହି ଦିଗ ପ୍ରତି ଗୁରୁତ୍ୱ ଦେବା ବାଞ୍ଛନୀୟ।

*ଅବସରପ୍ରାପ୍ତ ଜିଲ୍ଲା ଜଜ୍,*
*ପ୍ଲଟ ନଂ. ୧୨(ଏନ୍), ସୂର୍ଯ୍ୟ ବିହାର*

## ପରମହଂସ ପ୍ରଜ୍ଞାନାନନ୍ଦ

**॥ ହେମନ୍ତ କୁମାର ପରିଡ଼ା ॥**

ସାଧୁସନ୍ଥମାନେ ହେଉଛନ୍ତି ଯୁଗେ ଯୁଗେ ଆମ୍ଭମାନଙ୍କର ମାର୍ଗଦର୍ଶକ ତଥା ଏ ଧରଣୀର ଆଶୀର୍ବାଦ । ସେମାନେ ତାଙ୍କର ସତ୍ ସଂକଳ୍ପ, ସତ୍ ଚିନ୍ତନ ଓ ସତକର୍ମ ଦ୍ୱାରା ସାରା ସଂସାରର ଅଶେଷ କଲ୍ୟାଣ ସାଧନ କରିଥାଆନ୍ତି । ଏହିଭଳି ଜଣେ ସତ୍‌ପୁରୁଷ ହେଉଛନ୍ତି ବିଶ୍ୱବିଦିତ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ । ତାଙ୍କର ଜନ୍ମ ଓ କର୍ମରେ ଦିବ୍ୟତା ତାଙ୍କୁ ମହାମାନବ କରିବା ସହିତ ବିଶ୍ୱବିଦିତ କରିଛି ।

କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ସନ୍ନିକଟ ବେଲତଳ ଗ୍ରାମର ବନ୍ଧପଡ଼ା ଠାରେ ୧୯୫୯ ମସିହା ଅଗଷ୍ଟ ୧୦ ତାରିଖ ଦିନ ତାଙ୍କର ଜନ୍ମ । ପବିତ୍ର ଶ୍ରାବଣମାସ ଶୁକ୍ଳ ସପ୍ତମୀର ଏକ ଶ୍ରାବଣୀ ସକାଳେ ସେ ମାତା ବୈଦେହୀ ଦେବୀଙ୍କ କୋଳ ମଣ୍ଡନ କରିଥିଲେ । ପିତା ହେଉଛନ୍ତି ଶ୍ରୀ ନିରଞ୍ଜନ ଦାଶ । କୁଳୀନ ଅଧିକାରୀ ବ୍ରାହ୍ମଣ ପରିବାର । ଜନ୍ମର କିଛି ଦିନ ପୂର୍ବରୁ ଜଣେ ସନ୍ନ୍ୟାସୀ ଆସି ତାଙ୍କ ମାଙ୍କୁ କହିଥିଲେ "ମା' ତୁମ କୋଳରେ ଜଣେ ମହାତ୍ମା ଆସୁଛନ୍ତି । ସେ ଏ ବିଶ୍ୱର ଗୁରୁ ହୋଇ ବହୁଲୋକଙ୍କୁ ଦିବ୍ୟ ମାର୍ଗ ପ୍ରଦର୍ଶନ କରିବେ । ସନ୍ନ୍ୟାସୀଙ୍କ କଥା ସତ୍ୟ ହେଲା । ଉପଯୁକ୍ତ ସମୟରେ ପୁତ୍ର ସନ୍ତାନଟିଏ ଜନ୍ମ ଲାଭ କଲେ । ସନ୍ନ୍ୟାସୀଙ୍କ ଭବିଷ୍ୟ ବାଣୀକୁ ସମ୍ମାନ ଜଣାଇ ପିଲାଟିର ନାମ ରଖାଗଲା ତ୍ରିଲୋକୀ । ଗ୍ରାମ୍ୟ ପାଠଶାଳାରୁ ପଟ୍ଟାମୁଣ୍ଡାଇ ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ଓ ପରେ ପରେ ରେଭେନ୍ସା ମହାବିଦ୍ୟାଳୟରୁ ଅର୍ଥଶାସ୍ତ୍ରରେ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିଲେ । ଅର୍ଥନୀତିର ଜଣେ ଅଧ୍ୟାପକ ଭାବେ ରେଭେନ୍ସା ମହାବିଦ୍ୟାଳୟ ସମେତ କେତକ ସରକାରୀ କଲେଜରେ ଅଧ୍ୟାପନା କରିଥିଲେ । ସେ ଥିଲେ ଅତ୍ୟନ୍ତ ମେଧାବୀ, ମଧୁରଭାଷୀ, ଛାତ୍ରପ୍ରିୟ ଓ ବନ୍ଧୁବତ୍ସଳ । ଜଣେ ଦକ୍ଷ୍ୟ ଅଧ୍ୟାପକ ଭାବେ ତାଙ୍କର ସୁନାମ ଥିଲା। ପିଲାଟି ଦିନରୁ ତାଙ୍କ ଭିତରେ ବୈରାଗ୍ୟଭାବ ପରିଲକ୍ଷିତ ହୋଇଥିଲା । ସାଧୁ ସନ୍ଥଙ୍କୁ ଦେଖିଲେ ସେ ଅତ୍ୟନ୍ତ ଆନନ୍ଦ ଅନୁଭବ କରୁଥିଲେ । ସେମାନଙ୍କ ସେବା ପାଇଁ ଆବଶ୍ୟକ ହେଲେ ଛୁଟି ନେଇ ସେମାନଙ୍କ ସହ ସମୟ ବିତାଉଥିଲେ । ଯେତେବେଳେ ସମୟ ପାଉଥିଲେ ହିମାଳୟ ପଳାଉଥିଲେ । ମା'ଗଙ୍ଗାଙ୍କ କୂଳରେ ରହି ଜପଧ୍ୟାନ, ସ୍ୱାଧ୍ୟାୟ ଓ ତପସ୍ୟାରେ ସମୟ ଅତିବାହିତ କରିଥିଲେ । ଗୁରୁଙ୍କ ଅନୁସନ୍ଧାନରେ ସେ ସାରା ଭାରତ ଭ୍ରମଣ କରିଛନ୍ତି । ଶେଷରେ କ୍ରିୟାଯୋଗ ଧାରାର ମହାନ ସନ୍ଥ ପରମହଂସ ହରିହରାନନ୍ଦଙ୍କ ପାଦତଳେ ନିଜକୁ ସମର୍ପି ଦେଇଥିଲେ । ଗୁରୁଙ୍କ ନିର୍ଦ୍ଦେଶକ୍ରମେ ଚାକିରି ପଦପଦବୀ ତ୍ୟାଗକରି ସେ କ୍ରିୟାଯୋଗର ପ୍ରଚାର ପାଇଁ ବିଦେଶ ଯାତ୍ରା କରିଥିଲେ । ୧୯୯୫ ମସିହା ଏପ୍ରିଲ ୨୫ ତାରିଖ ଦିନ ଶ୍ରୀଗୁରୁଙ୍କ ଠାରୁ ପବିତ୍ର ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରି ସେ ହେଲେ ସ୍ୱାମୀ ପ୍ରଜ୍ଞାନାନନ୍ଦ ଗିରି । ଏହି ନାମରେ ସେ ସେବେଠାରୁ ପରିଚିତ ହେଲେ । ନିଜର ଗଭୀର ଆତ୍ମ ପ୍ରତ୍ୟୟ ଓ ଦୃଢ଼ ସାଧନା ଯୋଗୁଁ ସେ ଗୁରୁଙ୍କର ବହୁପ୍ରିୟ ଓ ନିକଟତମ ଶିଷ୍ୟ ଥିଲେ । ସାଧନାର ଗଭୀରତାକୁ ଲକ୍ଷ୍ୟ କରି ଗୁରୁଦେବ ହରିହରାନନ୍ଦ ଶିଷ୍ୟ ପ୍ରଜ୍ଞାନାନନ୍ଦ ଭିତରେ ସିଦ୍ଧିର ଅନେକ ଦିବ୍ୟ ଲକ୍ଷଣ ଦେଖିପାରିଥିଲେ । ତେଣୁ ତାଙ୍କର ୩୯ତମ ଜନ୍ମ ଉତ୍ସବ ପାଳନ ଅବସରରେ ସର୍ବ ସମକ୍ଷରେ ତାଙ୍କୁ ପରମହଂସ ଉପାଧିରେ ଭୂଷିତ କରିଥିଲେ । ପରମହଂସ ଅବସ୍ଥା ଆଧ୍ୟାତ୍ମ ଜଗତର ଏକ ଉଚ୍ଚତମ ସ୍ଥିତି । ମାତ୍ର ୩୯ ବର୍ଷରେ ପ୍ରଜ୍ଞାନାନନ୍ଦ ଏହି ସ୍ଥିତିରେ ପହଞ୍ଚି ପାରିଥିଲେ । ପରେ ପରମହଂସ ପ୍ରଜ୍ଞାନାନନ୍ଦ ଭାବେ ସେ ବିଶ୍ୱ ପ୍ରସିଦ୍ଧ ହେଲେ । ପ୍ରେମ, ପବିତ୍ରତା ଓ ପ୍ରଖର ପ୍ରଜ୍ଞାର ସେ ଜଣେ ମୂର୍ତ୍ତିମନ୍ତ ପ୍ରତୀକ । ଯେତିକି ବିଜୟୀ ସେତିକି ନମ୍ର ଓ ଧୀର । ସାଦ ସାହାସ୍ୟ ବଦନ । ନାମ ଗୁଣର ମଧୁର ସମନ୍ୱୟ ତାଙ୍କଠାରେ ଏକତ୍ର ଦେଖିବାକୁ ମିଳେ । ଜଗତର କଲ୍ୟାଣ ପାଇଁ ଦୁଃସ୍ଥ ଜନତାର ସେବା ପାଇଁ ସେ ଶତତ ଚେଷ୍ଟିତ । ତାଙ୍କ ସତ୍ ସଙ୍କଳ୍ପରୁ ଗଢ଼ି ଉଠିଛି ହରିହରାନନ୍ଦ ବାଳାଶ୍ରମ । ଯେଉଁଠାରେ ଅସହାୟ ନିସହାୟ ପିଲାମାନଙ୍କୁ ସାରା ଓଡ଼ିଶାରୁ ଖୋଜି ଖୋଜି ଅଣାଯାଇ ବିଦ୍ୟାଳୟରେ ସମସ୍ତ ସୁବ୍ୟବସ୍ଥା କରାଯାଇଥାଏ । ବାଳାଶ୍ରମ ଏକ ଉଚ୍ଚମାନର ଇଂରାଜୀ ମାଧ୍ୟମ ଆବାସିକ ବିଦ୍ୟାଳୟ । ଦେଶର ବହୁସ୍ଥାନରେ ସେ ଗଢ଼ିଛନ୍ତି ହରିହରାନନ୍ଦ ଦାତବ୍ୟ ଚିକିତ୍ସାଳୟ । ଯେଉଁଠାରେ ରୋଗୀ ମାନଙ୍କୁ ମାଗଣାରେ ଚିକିତ୍ସା ସହ ଔଷଧ ବିତରଣ କରାଯାଇଥାଏ । ଅନେକ କ୍ରିୟାଯୋଗ ଆଶ୍ରମ ଦେଶ ବିଦେଶରେ ପ୍ରତିଷ୍ଠା କରି ଲୋକମାନଙ୍କ ଭିତରେ ଶାନ୍ତି ଆନନ୍ଦ ଓ ଭାତୃଭାବର ପ୍ରତିଷ୍ଠା ପାଇଁ ଉଦ୍ୟମ କରିଛନ୍ତି । ହରିହରାନନ୍ଦ ଗୁରୁକୁଳମ୍ ହେଉଛି ଏକ ଅପୂର୍ବ ଅଧ୍ୟାତ୍ମ ସାଧନା କେନ୍ଦ୍ର । ଏକ ସୁନ୍ଦର ମନୋରମ ଆଶ୍ରମ । ପୁରୀ କୋଣାର୍କ ବେଳାମାର୍ଗର ପୂର୍ବ ପାର୍ଶ୍ୱରେ ଅବସ୍ଥିତ ଏହି ଆଶ୍ରମ ଦର୍ଶନ ପାଇଁ ଟିକିଏ ବିଶ୍ରାମ ପାଇଁ ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ଶ୍ରଦ୍ଧାଳୁ ବ୍ୟକ୍ତିମାନେ ଧାଇ ଆସୁଛନ୍ତି। ପ୍ରଜ୍ଞାନାନନ୍ଦଜୀ ଜଣେ ବହୁଭାଷାବିତ୍ ଶାସ୍ତ୍ରଜ୍ଞ ବିଦ୍ୱାନ । ବିଶ୍ୱର ବହୁଧର୍ମ ଦର୍ଶନ ଉପରେ ତାଙ୍କର ଗଭୀର ପ୍ରବେଶ ଅଛି । ସାରା ବିଶ୍ୱ ଭ୍ରମଣ କରି ସେ ବଡ଼ ବଡ଼ ବିଶ୍ୱବିଦ୍ୟାଳୟ ଓ ପ୍ରଖ୍ୟାତ ପୀଠମାନଙ୍କରେ ଧର୍ମ, ଦର୍ଶନ, ଯୋଗ ଓ ସଂସ୍କୃତି ଉପରେ ତାଙ୍କର ବକ୍ତୃତା ପ୍ରଦାନ କରିଛନ୍ତି । ବିଶ୍ୱଧର୍ମ ସମ୍ମିଳନୀରେ ପ୍ରବଚନ ଦେଇ ଉପସ୍ଥିତ ବିଶ୍ୱବଦ୍ୟ ବ୍ୟକ୍ତିମାନଙ୍କୁ ମୁଗ୍ଧ କରିଦେଇଥିଲେ । ତାଙ୍କ ଲିଖିତ ଶତାଧିକ ପୁସ୍ତକ ଏବେ ବିଶ୍ୱର ମୁମୁକ୍ଷୁ ସାଧକ ମାନଙ୍କୁ ମାର୍ଗଦର୍ଶନ ଦେଉଛି । ହିନ୍ଦୁ ଧର୍ମର ଜଣେ ପ୍ରବକ୍ତା ହୋଇଥିଲେ ମଧ୍ୟ ସବୁ ଧର୍ମକୁ ସମାନ ସମ୍ମାନ ପ୍ରଦର୍ଶନ କରି ଜଣେ ସର୍ବଜନପ୍ରିୟ ସନ୍ଥ ଭାବେ ସର୍ବତ୍ର ପରିଚିତ । ସେ ଅତ୍ୟନ୍ତ ଜଗନ୍ନାଥ ପ୍ରେମୀ । ଜଗନ୍ନାଥଙ୍କ ପ୍ରତି ତାଙ୍କର ଅହେତୁକ ଭକ୍ତି ।

# କାୟା ମେଲାଇଛି ଜାଲ୍ ପ୍ରମାଣପତ୍ର ନେଟ୍‌ୱର୍କ

## ଆଧାର ଓ ଭୋଟରକାର୍ଡରେ ବି ବହୁଳ ଜାଲିଆତି ସନ୍ଦେହ

**ନୂଆଗାଁ,(ମହାଭାରତ) :** ଜଣେ ବ୍ୟକ୍ତିଙ୍କୁ ଜାଲ୍ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରିଥିବା ଘଟଣାରେ କିଛି ଦିନ ପୂର୍ବେ ଜଣେ ଜେରକ୍ସ ଦୋକାନୀକୁ ନୂଆଗାଁ ପୁଲିସ ଗିରଫ କରିବା ପରେ ନୂଆଗାଁ ଅଞ୍ଚଳରେ ବର୍ତ୍ତମାନ କୋକୁଆ ଭୟ ଦେଖାଦେଲାଣି । କିଛି ଜେରକ୍ସ ଦୋକାନୀଙ୍କ ଦୋକାନରେ ତାଲା ଝୁଲୁଥିବା ନଜରକୁ ଆସିବା ସହ ବିଭିନ୍ନ ଜେରକ୍ସ ଦୋକାନରୁ ଆଣିଥିବା ପ୍ରମାଣପତ୍ର ଅସଲି କି ନକଲି ତାକୁ ନେଇ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହେଲାଣି । ତେବେ ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍‌ରେ ଜାଲ୍ ପ୍ରମାଣପତ୍ର ପ୍ରସ୍ତୁତ ପାଇଁ ଏକ ସ୍ୱତନ୍ତ୍ର ନେଟ୍‌ୱର୍କ କାମ କରୁଥିବା ଅନୁମାନ କରାଯାଉଛି । କିଛିଦିନ ତଳେ ନୂଆଗାଁ ବ୍ଲକ୍‌ର ୨ଟି ପଞ୍ଚାୟତରୁ ୫୭ ଜଣ ଭେଣ୍ଡିଆଙ୍କ ଭତ୍ତା ବନ୍ଦ କରାଯିବା ଘଟଣା ଏହାର ଏକ ଜ୍ୱଳନ୍ତ ଉଦାହରଣ । ବର୍ତ୍ତମାନ ନୂଆଗାଁ ପୁଲିସ ହାତରେ ଗୋଟିଏ ମାତ୍ର ପ୍ରମାଣ ଲାଗିଥିବା ବେଳେ ଆହୁରି ଅନେକ ଜେରକ୍ସ




ଦୋକାନୀ ଏଭଳି ଜାଲ୍ ପ୍ରମାଣପତ୍ର ପ୍ରସ୍ତୁତ କରି ସରକାରୀ ଯୋଜନାକୁ ଅସାଧୁ ଉପାୟରେ ହାତଉଛନ୍ତି । ସୂଚନା ମୁତାବକ, ନୟାଗଡ଼ ପୁଲିସ ଚୋରି, ଡକାୟତି ଠାରୁ ଆରମ୍ଭ କରି ମଦ, ଗଞ୍ଜେଇ ଜବତ କରିବା ପର୍ଯ୍ୟନ୍ତ ସବୁଥିରେ ସଫଳତା ପାଉଛି । କିଛିଦିନ ତଳେ ଜାଲ୍ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରିବା ଘଟଣାରେ ନୂଆଗାଁ ଅଞ୍ଚଳର ଜଣେ ଯୁବକଙ୍କୁ ଗିରଫ କରାଯାଇଛି । ହେଲେ ନୂଆଗାଁ ଅଞ୍ଚଳର ଆହୁରି ଅନେକ ଜେରକ୍ସ ଦୋକାନରେ ଏଭଳି ଜାଲ୍ ସାର୍ଟିଫିକେଟ, ଆଧାର, ଭୋଟର କାର୍ଡ, ଇନ୍‌କମ୍ଯାୟା ମେଲାଇଛି ଜାଲ୍ ପ୍ରମାଣପତ୍ର ନେଟ୍‌ୱର୍କ : ଆଧାର ଓ ଭୋଟରକାର୍ଡରେ ବି ବହୁଳ ଜାଲିଆତି ସନ୍ଦେହ ।

# +୩ ବିଭାଗ ଖୋଲିବା ନିମନ୍ତେ ପ୍ରକ୍ରିୟା ତ୍ୱରାନିତ

**କପ୍ତିପଦା,(ମହାଭାରତ) :** କପ୍ତିପଦା -ସଂପୂର୍ଣ୍ଣ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଶରତରେ ଅବସ୍ଥିତ ଏକମାତ୍ର +୨ କଳା ମହାବିଦ୍ୟାଳୟରେ +୩ ବିଭାଗ ଖୋଲିବା ନିମନ୍ତେ ଓଡ଼ିଶା ଉଚ୍ଚ ଶିକ୍ଷା ବିଭାଗଙ୍କ ଦ୍ୱାରା ପ୍ରକ୍ରିୟା ତ୍ୱରାନିତ ହୋଇଛି । ଉକ୍ତ କଲେଜରେ ବର୍ତ୍ତମାନ ଶ୍ରେଣୀପିଛା ୨୫୬ଜଣ ଛାତ୍ରଛାତ୍ରୀ ଅର୍ଥାତ ୫୧୨ଜଣ ପାଠ ପଢି ପରିବାର ବ୍ୟବସ୍ଥା ରହିଛି । ଉକ୍ତ କଲେଜରେ +୩ ବିଭାଗ ଖୋଲି ପାରିଲେ ଶରତ ଅଞ୍ଚଳର ଗରିବ ଆଦିବାସୀ ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲା ଅଳପ ଖର୍ଚ୍ଚରେ ପାଠ ପଢି ପାରିବେ । ଶରତ P.R.M କଲେଜରେ +୩ ବିଭାଗ ଖୋଲିବା ନିମନ୍ତେ ଶରତ ଅଞ୍ଚଳର ଅଗ୍ରଣୀ ସାମାଜିକ ସଂଗଠନ "ଶରତ ବିକାଶ ମଞ୍ଚ' ତରଫରୁ ବାରମ୍ବାର ରାଜ୍ୟ ସରକାରଙ୍କ ପାଖରେ ଦାବି ଉପସ୍ଥାପନା କରାଯାଉଥିଲା । ଓଡ଼ିଶାର ମୁଖ୍ୟମନ୍ତ୍ରୀ, ମୁଖ୍ୟଶାସନ ସଚିବ, ଉଚ୍ଚଶିକ୍ଷା ବିଭାଗର ସଚିବ ପାଖରେ ବାରମ୍ବାର ଦାବି ଉପସ୍ଥାପନା କରାଯାଇଥିଲା । ୨୮ February ୨୦୨୪ରେ "ଶରତ ବିକାଶ ମଞ୍ଚ' ସଭାପତି ଗାମାୟ ରୀମିଲ ସିଂ ଗୋଇପାଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଶରତ କଲେଜରେ +୩ ବିଭାଗ ଖୋଲିବା ପାଇଁ Online ଯୋଗେ ଅଭିଯୋଗ ପଞ୍ଜିକରଣ କରିଥିଲେ, Complain No. CMO2024468997) – +୩ ବିଭାଗ ଖୋଲିବା ନିମନ୍ତେ Kaptipada Blocke Additional Education Officer Sri Akshya Kumar Beheraଙ୍କୁ Inquiry officer ଭାବେ ନିଯୁକ୍ତି ପ୍ରଦାନ କରି ତଦନ୍ତ କରିବା ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଶରତ କଲେଜରେ +୩ ବିଭାଗ ଖୋଲିବା ନିମନ୍ତେ ଭିତ୍ତିଭୂମିର ଆବଶ୍ୟକତା ଉପରେ ଉପରେ ତଦନ୍ତ ହୋଇଛି । ଶରତ କଲେଜ ଅଧକ୍ଷ Dr. Bhagaban Panda ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଛନ୍ତି । +୩ ବିଭାଗ ଖୋଲି ପାରିଲେ ଶରତ ଅଞ୍ଚଳରେ ବାଲ୍ୟ ବିବାହ ବନ୍ଦ ହେବା ସହିତ ଅଞ୍ଚଳର ହୋ' ଏବଂ ସାନ୍ତାଳୀ ଆଦିବାସୀଙ୍କ ମଧ୍ୟରେ ସର୍ବାଙ୍ଗୀନ ଉନ୍ନତି ଘଟି ପାରିବ ବୋଲି କହିଛନ୍ତି । ଆଜିକାର ଏହି ତଦନ୍ତ ସମୟରେ "ଶରତ ବିକାଶ ମଞ୍ଚ' ସଭାପତି ଗାମାୟ ରୀମିଲ ସିଂ ଗୋଇପାଇ, ସମ୍ପାଦକ କୁସୁନୁ ଗିଲୁଆ, ଉପ-ସଭାପତି ତୁବରାଜ ବଇପାଇ, ଶରତ ଏ.ଚ ନାୟବ ସରପଞ୍ଚ DULARAM BANARA, ସମାଜସେବୀ Amor Ranjan Bhoi, Bira Tubid, Jamadar Balmuchu, Pitambar Sahu, Jagadish Murmu, ଶିକ୍ଷକ ଗୌରବ Turam Singh Deogam ପ୍ରମୁଖ ଉପସ୍ଥିତ ଥିଲେ । INQUIRY Officerbûûa Addl. BEO Aksya Kumar Behera ନିଯୁକ୍ତି ହୋଇଛନ୍ତି ଏବଂ ତାଙ୍କୁ ସାହାଯ୍ୟ କରିବା ପାଇଁ BEO-CUM-CRCC ଘନଶ୍ୟାମ ସିଂ ମଧ୍ୟ ତାଙ୍କ ସହିତ ଆସିଥିଲେ । ଶରତ ଅଞ୍ଚଳର ଜନସାଧାରଣଙ୍କ ଅଭିଯୋଗ ଉପରେ ସରକାର ଧ୍ୟାନ ଦେଇ ଶରତ PRM COLLEGEରେ +୩ ବିଭାଗ ଖୋଲିବା ନିମନ୍ତେ ଭିତ୍ତିଭୂମିର ଆବଶ୍ୟକତା ଉପରେ Status Report ମାଗିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅନେକ ଆଶା ସଞ୍ଚାର ହୋଇଛି ।



# ପ୍ରାଣୀ ସମ୍ପଦ ଗଣନା ୨୦୨୪ ପ୍ରଶିକ୍ଷଣ


**ଗଜପତି,(ମହାଭାରତ) :** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଆର ଏସ୍ ଇ ଟି ଆଇ ର କନଫେରେନ୍ସ ହଲ ଠାରେ ଜିଲ୍ଲା ସ୍ତରୀୟ ୨୧ ତମ ପ୍ରାଣୀ ସମ୍ପଦ ଗଣନା ୨୦୨୪ ଗଜପତି ଜିଲ୍ଲାର ସମସ୍ତ ଗଣନାକାରୀ ଓ ତଦାରଖକାରୀ ମାନଙ୍କର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।ଭାରତ ସରକାରଙ୍କ ଦ୍ୱାରା ୨୧ ତମ ପଶୁପକ୍ଷୀ ଗଣନା କାର୍ଯ୍ୟ ଆରମ୍ଭ ହେବାକୁ ଥିବା ବେଳେ ଏହି କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାସ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ । ଡାକ୍ତର ତୁଷାର ରଞ୍ଜନ ସାହୁ ମୁଖ୍ୟ ଜିଲ୍ଲା



ପ୍ରାଣୀ ଚିକିତ୍ସା ଅଧିକାରୀ ଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଡାକ୍ତର ଗିରିଶ କୁମାର ମହାନ୍ତି, ପ୍ରାଧ୍ୟାପକ ସ୍କୁଲ ଅଫ ଭେଟେନେରୀ ଓ ଆନିମଲ ସାଇନ୍ସ (CUTM) ପ୍ରମୁଖ ମଞ୍ଚାସିନ ଥିଲେ । ଅତିଥି ମାନେ ଗଣନା କାରୀ ଓ ତଦାରଖ କାରୀଙ୍କୁ କିପରି ସଠିକ ଓ ନିର୍ଭୁଲ ଭାବରେ ପଶୁପକ୍ଷୀ ଗଣନା କରିବେ ସେ ସମ୍ପର୍କରେ ବୁଝାଇଥିଲେ । ଡାକ୍ତର ରମା କାନ୍ତ ରାଣା, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ତଥା ନୋଡାଲ ଅଧିକାରୀ ଓ ଗଜପତି ଜିଲ୍ଲାର ସମସ୍ତ ଗଣନା କାରୀ ଓ ତଦାରଖକାରୀ ମାନଙ୍କୁ ପ୍ରଶିକ୍ଷଣର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।ମୋବାଇଲ ଆପ ଓ ଡ୍ୟାସ୍ ବୋର୍ଡ ମାଧ୍ୟମରେ ସଠିକ ଓ ନିର୍ଭୁଲ ପ୍ରାଣୀ ଗଣନା ତଥ୍ୟ ସଂଗ୍ରହ କରିବା ତଥା ଜିଲ୍ଲା ସ୍ତରକୁ ପଠାଇବା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ରାୟଗଡ ପ୍ରାଣୀ ଚିକିତ୍ସା ଅଧିକାରିଣୀ ଡାକ୍ତର ଲିମା ମହାନ୍ତି ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିଲେ । ଇଉଠଙ ନାରାୟଣ ମହାପାତ୍ର, ଡାକ୍ତର ଶ୍ରୀକାନ୍ତ ଖଟୁଆ, ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଶୁଭଙ୍କର ସେଠୀ ତଥା ପ୍ରାଣୀ ଚିକିତ୍ସା ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ ।

# ସମସ୍ୟା ଘେରରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ

**ଗଜପତି,(ମହାଭାରତ) :** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ସମାଜ କଲ୍ୟାଣ ବିଭାଗ ସମସ୍ୟା ଘେରରେ ଥିବାର ଦେଖିବାକୁ ମିଳିଛି ।ବିଭାଗ ପକ୍ଷରୁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଅଛି । ତାହା କେତେ ସଫଳ ହୋଇ ପାରିଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।ଶିଶୁ ବିକାଶ ଯୋଜନା ଲକ୍ଷ୍ୟ ଠାରୁ ବହୁ ଦୂରରେ । ଜିଲ୍ଲାରେ ସାତୋଟି ବ୍ଲକରେ ଶିଶୁ ବିକାଶ ଯୋଜନା ଚାଲିଛି ।ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ ସହ ଶିକ୍ଷାର ବିକାଶ ପାଇଁ ସମସ୍ତ ଗ୍ରାମରେ ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପନ କରାଯାଇଛି । ସେହି ସବୁ କେନ୍ଦ୍ର ରେ ଅଙ୍ଗନବାଡ଼ି କର୍ମୀ ନିର୍ଯୁକ୍ତି ହୋଇଛନ୍ତି ।ଅଙ୍ଗନବାଡ଼ି କର୍ମୀ ସରକାରଙ୍କ ସବୁ ଯୋଜନା କାର୍ଯ୍ୟକାରୀ କରିଥାନ୍ତି ।ହେଲେ ବର୍ତ୍ତମାନ ସୁଦ୍ଧା ଅନେକ




ଗ୍ରାମ ରହିଛି ଯେଉଁଠି ଅଙ୍ଗନବାଡ଼ି କର୍ମୀ ଥିଲେ ମଧ୍ୟ ନିଜସ୍ୱ ଅଙ୍ଗନବାଡ଼ି ଗୃହ ନଥିବା ଯୋଗୁଁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।ଯାହା ଫଳରେ ଶିଶୁ ଙ୍କୁ ଶିକ୍ଷା ଦେବାରେ ଅସୁବିଧା ର ସମ୍ମୁଖୀନ ହେବାକୁ ପଡୁଛି । ଜିଲ୍ଲାରେ କେତେ ଜାଗାରେ ଅଙ୍ଗନବାଡ଼ି କେନ୍ଦ୍ର ଅଧାପନ୍ତରିଆ ଅବସ୍ଥାରେ ପଡି ରହିଛି ତ କେଉଁଠି ଅଙ୍ଗନବାଡ଼ି କେନ୍ଦ୍ର ଟିଏ ମଧ୍ୟ ନିର୍ମାଣ ହୋଇ ପାରି ନାହିଁ ।ଦୀର୍ଘ ଦିନ ହେଲା ଏହି ସମସ୍ୟା ଲାଗି ରହିଥିଲେ ସୁଦ୍ଧା ଏଥି ପ୍ରତି ଜିଲ୍ଲା ପ୍ରଶାସନ ନା ବ୍ଲକ ପ୍ରଶାସନ ସମସ୍ୟା ର ସମାଧାନ ହୋଇ ପାରୁ ନଥିବାର ଦେଖିବାକୁ ମିଳିଛି ।ବିଭାଗ କେବଳ ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ କୁ ଦେଖାଇ ହାତ ଟେକିଦେଇଛି । ବିଭାଗରେ କର୍ମଚାରୀଙ୍କ ବଦଳି ହେଉ ନ ଥିବାର ଅଭିଯୋଗ ହେଉଛି ।ତିନି ବର୍ଷ ପରେ କର୍ମଚାରୀ ବଦଳୀ ହେବା କଥା କିନ୍ତୁ କର୍ମଚାରୀ ମାନେ ଦୀର୍ଘ ବର୍ଷ ହେଲା ବଦଳି ହଉ ନଥିବା ଅଭିଯୋଗ ହଉଛି ତେଣୁ ଏଥି ପ୍ରତି ନୁତନ ସରକାର ଓ ଲୋକଙ୍କର ସରକାର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଓ ଛନ୍ତି କିପରି ଏହି ସମସ୍ୟ ସମାଧାନ ହେବ ସରକାର ତୁରନ୍ତ ପଦକ୍ଷେପ ନେଲେ ଜିଲ୍ଲା ବାସୀ ଉପକୃତ ହେବେ ବୋଲି ଆଶା କରାଯାଉଛି ।

# ସରକାରଙ୍କ ସୁଭଦ୍ରା ଯୋଜନା ପାଇଁ ମୋ ସେବାକେନ୍ଦ୍ର ଅପ୍ରେଟରଙ୍କୁ ଶିକ୍ଷାଦାନ

**କନ୍ଧମାଳ,(ମହାଭାରତ) :** ଜିଲ୍ଲା କନୂଆଗାଁ ବ୍ଲକ ପରିସରରେ ଦୁଇଟି ବ୍ଲକର ଜନ ସେବାକେନ୍ଦ୍ର ଅପ୍ରେଟର ମାନଙ୍କ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।



ଏହି କର୍ମଶାଳାରେ ବାଲିଗୁଡା ବ୍ଲକ ଓ କନୂଆଗାଁ ବ୍ଲକ ପ୍ରତି ପଞ୍ଚାୟତ ର ମୋ ସେବା କେନ୍ଦ୍ର ଅପେରଟର ମାନେ ଉପସ୍ଥିତ ଥିଲେ ।ଏହି ବୈଠକ ରେ କେନ୍ଦ୍ର ସରକାର ଙ୍କ ସୁଭଦ୍ରା ଯୋଜନାରେ ଲୋକମାନେ କିଭଳି ସହଜ ଏବଂ ସୁବିଧା ରେ ସେବା ପାଇପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା ଓ ଏହି ବୈଠକ ରେ ମୋ ସେବା କେନ୍ଦ୍ରର ଜିଲ୍ଲା ମ୍ୟାନେଜେର ରାଜେଶ ପାଣିଗ୍ରାହୀ ଓ କନୂଆଗାଁ ବ୍ଲକ ସିପି ରାକେଶ ନାୟକ ଉପସ୍ଥିତ ଥିଲେ ଓକେନ୍ଦ୍ର ସରକାରଙ୍କ ସୁଭଦ୍ରା ଯୋଜନା ରେ ମହିଳା ମାନେ ବର୍ଷକୁ ଦୁଇଟି କିସ୍ତିରେ ୧୦ହଜାର ଟଙ୍କା ଲେଖାଏଁ ୫ବର୍ଷରେ ୫୦ହଜାର ଟଙ୍କା ପାଇ ପାରିବେ । ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବାକୁ ସରକାରଙ୍କ ଏଭଳି କାଯ୍ୟକୁ ପ୍ରଶଂସା କରିଛନ୍ତି ମହିଳା ମାନେ । ଏହି ଯୋଜନା ଫଳରେ ମହିଳା ମାନେ ବିଭିନ୍ନ ପ୍ରକାରର ବ୍ୟବସାୟ କରି ନିଜ ପରିବାର ପ୍ରତିପୋଷଣ କରିପାରିବେ ।ସରକାରଙ୍କ ଏହି ଯୋଜନା ସେବା ଜନସେବା କେନ୍ଦ୍ରରେ ନିଶୁଳ୍କ ଭାବରେ ଯୋଗାଇ ଦିଆଯିବାକୁ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି କହିଛନ୍ତି ମୋ ସେବାକେନ୍ଦ୍ର ର ଜିଲ୍ଲା ମ୍ୟାନେଜର ରାଜେଶ ପାଣିଗ୍ରାହୀ ।

# କାର ସହ ଗଞ୍ଜେଇ ଜବତ, ୨ଗିରଫ

**ମୁନିଗୁଡା,(ମହାଭାରତ) :** ରାୟଗଡ଼ା ଜିଲ୍ଲା ମୁନିଗୁଡା ଅବକାରୀ ବିଭାଗକୁ ମିଳିଛି ବଡ ସଫଳତା ଗଞ୍ଜେଇ ଚୋରା ଚାଲାଣ ସମୟରେ ମାଡିବସିଲା ଅବକାରୀ ପୋଲିସ ସୂଚନା ଅନୁଯାଇ: କିଶୋର ନାଗ ଓ ଟୁନା କନ୍ଧପାଣି ନାମକ ଦୁଇଜଣ ଯୁବକ କନ୍ଧମାଳ ଜିଲ୍ଲା ବାଲିଗୁଡା ଠାରୁ କେରଳ ରାଜ୍ୟ ଆର୍ଣାକୁଲମ ଅଭିମୁଖେ ଏକ ମାରୁତି ଆର୍ଟିକା କାର ଯୋଗେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ସମୟରେ ଏକ ବିଶେଷ ସୂତ୍ରରୁ ଖବର ପାଇ ମୁନିଗୁଡ଼ା ଅବକାରୀ ଉପ-ନିରୀକ୍ଷକ ପଙ୍କଜ କୁମାର ନାଏକ ନିଜର ଷ୍ଟାଫ ଙ୍କ ସହ ମୁନିଗୁଡା ରେଳ ଷ୍ଟେସନ ସମ୍ମୁଖ ମୁଖ୍ୟ ରାସ୍ତାରେ ଅଭିଯୁକ୍ତ ଙ୍କୁ ମାଡି ବସିଥିଲେ । ଅଭିଯୁକ୍ତ ଙ୍କ ଠାରୁ ୧୪.୪୫ କେଜି ଗଞ୍ଜେଇ ଜବତ ସହ ଚୋରା ଚାଲାଣ ରେ ବ୍ୟବହୃତ ଏକ ମାରୁତି ଆର୍ଟିକା କାର କୁ ଜବତକରିଛି ଅବକାରୀ ପୋଲିସ୍ । ଜବତ ଗଞ୍ଜେଇ ର ଆନୁମାନିକ ମୂଲ୍ୟ ୧ ଲକ୍ଷ ୪୫ ହଜାର ଟଙ୍କା ହେବା ସହ ଅଭିଯୁକ୍ତ ଙ୍କ ନାମରେ କେସ ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ପଙ୍କଜ ନାୟକ ସୂଚନା ଦେଇଛନ୍ତି ।



# ଜିଲ୍ଲାପାଳଙ୍କ ଅଧକ୍ଷତାରେ ଏକ ଜନଶୁଣାଣି ଶିବିର



**ଭବାନୀପାଟଣା,(ମହାଭାରତ) :** ଆଜି ଏମ ରାମପୁର ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାରଙ୍କ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଜନ ଶୁଣାଣି ଶିବିରରେ ଆଇ ଏ ଏସ ପ୍ରୋବେସନାରୀ କସ୍ତୁରୀ ପଣ୍ଡା, କେସିଙ୍ଗା ଏସ ଡି ପି ଓ ବିନୋଦ ପାଟିଲ, ସି ଡି ଓ,ଜିଲ୍ଲା ପରିଷଦ କଳାହାଣ୍ଡି ଦୟାମୟ ପାଢ଼ୀ,ଉପ ଜିଲ୍ଲାପାଳ( ଭାର ପ୍ରାପ୍ତ),ଭବାନୀପାଟଣା ଜୟଦେବ ଦାସ, ଏମ ରାମପୁର ବ୍ଲକ ଅଧକ୍ଷା ମନ୍ଦାକିନୀ ସିଂହଦେଓଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଜନ ଶୁଣାଣି ଶିବିରରେ ମୋଟ ୧୦୯ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୭୬ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୩୩ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା ।୧୨ ଟି ଅଭିଯୋଗର ସମାଧାନ ତୁରନ୍ତ କରଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ୨ ଜଣ ଏବଂ ରେଡକ୍ରସ ପାଣ୍ଠିରୁ ୧ ଜଣଙ୍କୁ ସହାୟତା ପ୍ରଦାନ ମଞ୍ଜୁର କରାଯାଇଥିଲା ।

# ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଠାରୁ ଲୁଟିନେଲେ ଲକ୍ଷାଧିକ ଟଙ୍କା

**ହିନ୍ଦୋଳ,(ମହାଭାରତ) :** ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ହିନ୍ଦୋଳ ଥାନା ଅନ୍ତର୍ଗତ କଡ଼ଲା ପଞ୍ଚାୟତ ପିଇଓ ଅନିରୁଦ୍ଧ ମହାଭୋଇ ପଞ୍ଚାୟତରେ ଭତ୍ତା ବାଣ୍ଟି ସାରି ବଳକା ଭତ୍ତା ଓ ନିଲାମ ଟଙ୍କା ଧରି ନିଜ ହୋଣ୍ଡା ଇଉନିକନ ନଂ ଓଡି ୦୫ବି ଏଚ ୦୩୭୦ ବାଇକରେ ହିନ୍ଦୋଳ ବ୍ଲକ ଅଫିସ ରେ ପୈଠ କରିବାକୁ ଆସୁଥିବା ବେଳେ ଅପରାହ୍ନ ୩ଟା ସମୟରେ ହିନ୍ଦୋଳ ଥାନା ଅନ୍ତର୍ଗତ ସାତମାଇଲ ରୁ ପାଞ୍ଚ ମାଇଲ ରାସ୍ତା ଭିତରେ ବାହାଳ ଛକନିକଟରେ କିଛି ମାରଣାସ୍ତ୍ର ଧାରୀ ଡକାୟତ ଅଟକାଇବା ସହ ମାରଣାସ୍ତ୍ର ଦେଖାଇ ମାରଧର କରି ପ୍ରାୟ ଏକଲକ୍ଷ ଟଙ୍କା ଓ ଅନ୍ୟାନ୍ୟ ଜିନିଷ ଲୁଟି ନେଇଥିଲେ । ଖବରପାଇ ସାତମାଇଲ ଫାଣ୍ଡି ଏଏସଆଇ ଦିଲିପ ସାହୁ ତୁରନ୍ତ ଘଟଣାସ୍ଥଳରେ ପହଂଚି ଆହତ ପିଇଓ



ଅନିରୁଦ୍ଧଙ୍କୁ ହିନ୍ଦୋଳ ଡାକ୍ତରଖାନା ଚିକିତ୍ସା ପାଇଁ ଆଣିଥିଲେ । ଏଥିସହ ଖବରପାଇ ତୁରନ୍ତ ହିନ୍ଦୋଳ ଏସଡିପିଓ ଦୀପକ ଜେନା ସଦଳେବଳେ ଲୁଟେରା ମାନଙ୍କୁ ଧରିବାକୁ ଟ୍ରାକିଙ୍ଗ କରି ପିଛା କରୁଛନ୍ତି ଏବଂ ଅଧିକ ଅନୁସନ୍ଧାନ ଜାରି ରଖିଛନ୍ତି !ଲୁଟେରା ମାନେ ଅନିରୁଦ୍ଧଙ୍କ ଠାରୁ ପ୍ରାୟ ଏକଲକ୍ଷ ଟଙ୍କା ଥିବା ବ୍ୟାଗ, ଦୁଇଟି ଏଟିଏମ, ଦୁଇଟି ମୋବାଇଲ ଓ ପାସ୍ବୁକ ଲୁଟି ନେଇ ଫେରାର ହୋଇଯାଇଥିବା ଜଣାପଡିଛି । ହିନ୍ଦୋଳରେ ଦିନକୁ ଦିନ ଗୁଳିମାଡ଼, ରାସ୍ତା ଉପରେ ରାହାଜାନି, ଗୋଚାଲାଣ, ଚୋରା ମଦ ଇତ୍ୟାଦି ବାରମ୍ବାର ଘଟୁଥିବାରୁ ଅଞ୍ଚଳବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ଏବଂ ବାହାରକୁ ଯିବାକୁ ଲୋକେ ସୁରକ୍ଷିତ ମଣୁ ନାହାନ୍ତି । କିଛି ଦିନତଳେ ଡକାୟତ ମାନେ ଦିନ ଦ୍ୱିପହରରେ ଗୁଳି ମାରି ଜଣକୁ ହତ୍ୟା କରିବା ଏବଂ କୁଖ୍ୟାତ ଗୋରୁ ବେପାରୀ ମାନେ ଗୁଳି ଚାଳନା କରି ଆତଙ୍କ ସୃଷ୍ଟି କରିବା, କିମ୍ବା ଗୋରୁ ଚୋରା ବେପାରୀ, ଦୁର୍ଦ୍ଧାନ୍ତ ଅପରାଧୀ, ମଦବେପାରୀ, ଖଣି ଚୋରା ବେପାରୀ ମାନଙ୍କ ଆତଙ୍କ ଦିନକୁ ଦିନ ବୃଦ୍ଧି ପାଉଥିବା ରୁ ସାଧାରଣ ଜନତା ଆତଙ୍କିତ ଅବସ୍ଥାରେ ରହୁଥିବା ବେଳେ ସ୍ଥାନୀୟ ପୋଲିସ ପାଇଁ ଏହା ମୁଣ୍ଡ ବିନ୍ଧାର କାରଣ ପାଲଟିଛି ।

# କ୍ଷିତିଜ୍ୟୋତିଃ ଆଶ୍ରମ ତରଫରୁ ଗୀତା ବଣ୍ଟନ




**ପାଟଣା,(ମହାଭାରତ) :** ବୁଧବାର ଘଟଗାଁ ତାରିଣୀ ପବ୍ଲିକ ସ୍କୁଲ ପରିସରରେ ଜଗନ୍ନାଥ ସାହାଙ୍କ ଅଧକ୍ଷତାରେ ଏକ ଆଧାତ୍ମିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ତରା ଗ୍ରାମ ପଂଚାୟତ ସରପଞ୍ଚ ଶ୍ରୀମତୀ ଚୂଡ଼ାମଣି ହେମ୍ବ୍ରମ ଓ ବିଶ୍ୱ ହିନ୍ଦୁ ପରିଷଦ ଘଟଗାଁ ବ୍ଲକ ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ କ୍ଷତିଜ୍ୟୋତିଃ ଆଶ୍ରମ ଘଟଗାଁ କେନ୍ଦ୍ର ପରିଚାଳକ ଅର୍ଜୁନ ଚରଣ ମହାନ୍ତ, କେନ୍ଦ୍ର ସଂଗଠକ ଚରମାନନ୍ଦ ଦାସ ପ୍ରତାପ ଓ ସମାଜସେବୀ ରାମ ଚନ୍ଦ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଶିଶୁ ଉପଯୋଗୀ ହିତାପଦେଶ ମାନ ଉପସ୍ଥାପନ କରିଥିଲେ ।ଏହାପରେ କ୍ଷିତିଜ୍ୟୋତିଃ ଆଶ୍ରମ ଘଟଗାଁ ଶାଖା ତରଫରୁ ସର୍ବଶାସ୍ତ୍ର ଶିରୋମଣି ଶ୍ରୀମଦ ଭାଗବତ ଗୀତା ପୁସ୍ତକ ଛାତ୍ର ଛାତ୍ରୀ ତଥା ଗୁରୁଜୀ, ଗୁରୁମା ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲ । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ତାରିଣୀ ପବ୍ଲିକ ସ୍କୁଲର ସହ ସମ୍ପାଦକ ଗୁରୁ ସଞ୍ଜୟ କୁମାର ଦାସ । କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଗୁରୁଜୀ ମଧୁସୂଦନ ସାହୁ, ଜୟନ୍ତୀ ସୂତାର, ରାଜ ନନ୍ଦିନୀ ନାଏକ, ଶ୍ରୁତି ପ୍ରିୟଦର୍ଶିନୀ ସେଠି, ସୁନିତା ଦାସ, ସ୍ୱାଗତିକା ବଳ, ଶୁଭସ୍ମିତା ନାଏକ ପ୍ରବୀଣ ନାରାୟଣ ନନ୍ଦ ।

# ସ୍ଥାୟୀ ନିଯୁକ୍ତି ଦାବିରେ ଜାତୀୟ ରାଜପଥ ୨୬ ଅବରୋଧ

**ଜୁନାଗଡ,(ମହାଭାରତ) :** କଳାହାଣ୍ଡି ଜିଲ୍ଲା – ଜୁନାଗଡ଼ ବ୍ଲକ ଅନ୍ତର୍ଗତ ତଲ ଜାରିଙ୍ଗ ଠାରେ ନିର୍ମାଣ ହେଉଥିବା ଇଣ୍ଡିଆନ ପଟାସ ଲିମିଟେଡ୍ କମ୍ପାନୀ ସ୍ଥାନୀୟ ବ୍ଲକ ଅଞ୍ଚଳର ଶ୍ରମିକଙ୍କୁ ଅଣଦେଖା ଓ ବିସ୍ଥାପିତଙ୍କୁ ଅଣଦେଖା କରିବା ଓ ଅନ୍ୟ ରାଜ୍ୟର ଶ୍ରମିକଙ୍କୁ କାମ ଯୋଗାଇ ଦେଉଥିବା ଅଭିଯୋଗ ନେଇ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଜାତୀୟ ରାଜପଥ ଅବରୋଧ । ଅଭିଯୋଗ ଅନୁଯାୟୀ ତଲ ଜାରିଙ୍ଗ ଠାରେ ଇଣ୍ଡିଆନ୍ ପଟାସ୍ ଲିମିଟେଡ କମ୍ପାନୀ ପାଇଁ ଇଡକୋ ଜମି ଅଧିଗ୍ରହଣ କରିବା ପରେ କମ୍ପାନୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ବିସ୍ଥାପିତଙ୍କୁ ଥଇଥାନ ସହ ସ୍ଥାନୀୟ ଯୁବକ ଓ ଶ୍ରମିକଙ୍କୁ ନିଯୁକ୍ତିର ପ୍ରତିଶୃତି ଦେଇଥିବା ବେଳେ , କମ୍ପାନୀ କାର୍ଯ୍ୟ ଆରମ୍ଭ ପର ଠାରୁ ସ୍ଥାନୀୟ ଶ୍ରମିକ କିମ୍ବା ଯୁବକ ଯୁବତୀଙ୍କୁ ନିଯୁକ୍ତି ନ ଦେଇ ଅନ୍ୟ ରାଜ୍ୟରୁ ଶ୍ରମିକଙ୍କୁ ଆଣି ନିଯୁକ୍ତି କରାଉଥିବା ବେଳେ , ବିସ୍ଥାପିତଙ୍କୁ ବର୍ତ୍ତମାନ ସୁଦ୍ଧା




ଥଇଥାନ ନ କରାଇବା ନେଇ ସ୍ଥାନୀୟ ଲୋକେ ବାରମ୍ବାର କମ୍ପାନୀ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନର ନିକଟରେ ଅଭିଯୋଗ କରିବାପରେ ମଧ୍ୟ କେହି କର୍ଣ୍ଣପାତ ନ କରିବାରୁ ଆଜି ସ୍ଥାନୀୟ ଲୋକେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଛନ୍ତି । ସ୍ଥାନୀୟ ଶ୍ରମିକ ଓ ଯୁବକ ଯୁବତୀଙ୍କୁ ଶିକ୍ଷାଗତ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି ସହ ବିସ୍ଥାପିତଙ୍କୁ ଥଇଥାନ ଦାବିରେ ସ୍ଥାନୀୟ ଲୋକେ ବରଗଡ ବାରିଗୁମା ଜାତୀୟ ରାଜପଥ ୨୬ କୁ ଜୁନାଗଡ଼ ଥାନା ଅନ୍ତର୍ଗତ ଜାରୀଙ୍ଗ ଠାରେ ଅବରୋଧ କରିଛନ୍ତି । ରାସ୍ତା ଅବରୋଧ ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଯାନବାହାନ ଅଟକି ରହିଥିବା ବେଳେ, ଘଟଣା ସ୍ଥଳରେ ପୋଲିସ ଫୋର୍ସ ମୁତୟନ ହୋଇଛି । ରାସ୍ତା ଅବରୋଧ ଫଳରେ ଦିର୍ଘ ୪ ଘଣ୍ଟା ହେଲା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ବେଳେ , ବର୍ତ୍ତମାନ ସୁଦ୍ଧା କୌଣସି ସରକାରୀ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ନଥିବା ଜଣାପଡିଛି ।

# ରାଷ୍ଟ୍ରୀୟ ପର୍ଯ୍ୟାବରଣ ଦିବସ ପାଳନ

**ଅନୁଗୋଳ,(ମହାଭାରତ):** ଭାରତୀୟ ମଜ୍‌ଦୂର ସଂଘ ସହବନ୍ଧିତ ଆଲୁମିନିୟମ ଠିକା ମଜ୍‌ଦୂର ସଂଘ ତରଫରୁ ଅନୁଗୋଳ ନାଲକୋନଗର ସ୍ଥିତ




ଆଲୁମିନିୟମ ଠିକା ମଜ୍‌ଦୂର ସଂଘ କାର୍ଯ୍ୟଳୟ ଠାରେ ରାଷ୍ଟ୍ରୀୟ ପର୍ଯାବରଣ ଦିବସ (ଅମୃତାଦେବୀ ବଳିଦାନ ଦିବସ) ପାଳନ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଭାରତୀୟ ମଜଦୂର ସଂଘ ର ଓଡ଼ିଶା ପ୍ରଦେଶ ର ରାଜ୍ୟ କୋଷାଧକ୍ଷ ଶ୍ରୀ ସଞ୍ଜୟ ଦେହୁରୀ ସମସ୍ତ ଙ୍କୁ ବୃକ୍ଷ ରୋପଣ ଓ ପରିବେଶ ସୁରକ୍ଷା ନିମନ୍ତେ ଶପଥ ପାଠ କରାଇଥିଲେ । ସମ୍ମାନିତ ଅତିଥି ଭାବେ ଭାରତୀୟ ମଜଦୂର ସଂଘ ର ଅନୁଗୋଳ ଜିଲ୍ଲା ସଭାପତି-ଶ୍ରୀଯୁକ୍ତ ପ୍ରଶାନ୍ତ ସାହୁ ଓ ପି. ଏସ.ଇ.ଏନ୍.ସି.ଇ ର ସାଙ୍ଗଠନିକ ସମ୍ପାଦକ ଶ୍ରୀ ଗୋପାଳ ମଲ୍ଲିକ ଓ ଭାରତୀୟ ମଜ୍‌ଦୂର ସଂଘ ର ଅନୁଗୋଳ ଜିଲ୍ଲା କୋଷାଧକ୍ଷ ଶ୍ରୀ ତ୍ରିପତି ସେନାପତି ଯୋଗଦେଇ ଥିଲେ । ଆଲୁମିନିୟମ ଠିକା ମଜଦୂର ସଂଘ ର ସାଧାରଣ ସମ୍ପାଦକ ଶ୍ରୀ ପ୍ରମୋଦ ସେଠୀ, ସଭାପତି ଅଶୋକ ବେହେରା ,କାର୍ଯ୍ୟକାରି ସଭାପତି ଶ୍ରୀ ଅଶୋକ ଛୋଟରାୟ, ସହ ସାଧାରଣ ସମ୍ପାଦକ ଶ୍ରୀ ମଳୟ ପରିଡ଼ା, ସାଙ୍ଗଠନିକ ସମ୍ପାଦକ ଶ୍ରୀ ଇନ୍ଦ୍ରମଣି ରାଉଳ, ଉପସଭାପତି ବିନୟ ପାତ୍ର, କୋଷାଧକ୍ଷ ଶ୍ରୀ ଲଳିତ ସାହୁ,ଓ ମହେନ୍ଦ୍ର ମହାନ୍ତି, ଆଲୋକ ରାଉତ ,ସୁବ୍ରତ ମହାନ୍ତି ଙ୍କ ସହ ସଙ୍ଗଠନ ର ବହୁ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ ।



ମହାଭାରତ
ଅଞ୍ଚଳ କଥା



ଆପଣା ମାଟିର କଥା ଓ ବ୍ୟଥା



# ପ୍ରଶାସନର ଦୃଷ୍ଟି ଆଢୁଆଳରେ ପଞ୍ଚୁପାଣ୍ଡବ ପୀଠ

## ପୀଠର ବିକାଶ ମହୋତ୍ସବରେ ସୀମିତ



ନୂଆଗାଁ, ( ମହାଭାରତ ) : ନୂଆଗାଁ ବ୍ଲକ୍ ସଦର ମହକୁମା ଠାରୁ ୧୦୦ ମିଟର ଦୂରରେ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପଞ୍ଚୁପାଣ୍ଡବ ପାହାଡ଼ ଅବସ୍ଥିତ। ପାଣ୍ଡବଙ୍କ ବନବାସ କାଳରେ ପାଣ୍ଡବ ପାଞ୍ଚ ଭାଇ ଏହି ପାହାଡ଼ରେ ଥିବା ଏକ ପ୍ରଶସ୍ତ ଗୁମ୍ଫାରେ କିଛିକାଳ ଅବସ୍ଥାନ କରିଥିବାରୁ ସେହି ଅନୁସାରେ ଏହି ପାହାଡ଼ର ନାମ ପଞ୍ଚୁପାଣ୍ଡବ ହୋଇଛି। ସମ୍ଭବତଃ ଏହି ପାହାଡ଼ରେ କ୍ରମାନ୍ୱୟରେ ଲାଗି ରହିଥିବା ପାଞ୍ଚଟି ଚୂଳ ମଧ୍ୟ ରହିଛି। ବିଭିନ୍ନ ସମୟରେ ଅନେକ ବାବାଜୀ ଆସି ପୂଜାପାଠ କରିବା ପରେ କିଛି ବର୍ଷ ରହି ତା' ପରେ ଚାଲି ଯାଆନ୍ତି।ଏପରି ବର୍ଷ ବର୍ଷ ଧରି ନାମଯଜ୍ଞ ମଧ୍ୟ ସ୍ଥାନୀୟ ଲୋକଙ୍କ ଦ୍ୱାରା ଆୟୋଜିତ ହୋଇଥାଏ। କିଛି ବର୍ଷ ପୂର୍ବେ ଶାସନ ଗ୍ରାମର ପ୍ରାଥମିକ ଶିକ୍ଷକ ଭଗବାନ ଦାଶ ନାମକ ଜଣେ ବ୍ୟକ୍ତି ନୂଆଗାଁ ଅଞ୍ଚଳର କିଛି ବଦାନ୍ୟ ବ୍ୟକ୍ତିଙ୍କ ଠାରୁ ମନ୍ଦିରର ଉନ୍ନତୀକରଣ ନିମନ୍ତେ ଆର୍ଥିକ ସାହାଯ୍ୟ ସହଯୋଗ ଲୋଡ଼ିଥିଲେ ଏବଂ ସେଥିରେ ମଧ୍ୟ ସଫଳତା ଲାଭ କରିଥିଲେ। ପରବର୍ତୀ ସମୟରେ ସେ ଏକ ଭବ୍ୟ ମଣ୍ଡପ ନିର୍ମାଣ କରିବା ସହ ଯାତ୍ରୀ ରହଣି ପାଇଁ ତିନି ବଖରା ଟାଇଲ ଛପର ପକ୍କାଘର ନିର୍ମାଣ କରିଥିଲେ ଏବଂ କିଛି ବର୍ଷ ହେବ ନିଜେ ଅଷ୍ଟପ୍ରହର ନାମଯଜ୍ଞ ଓ ଅନ୍ନ ଭୋଜନର ଆୟୋଜନ କଲେ। ବର୍ତମାନ ଏହି ସ୍ଥାନଟି ସମ୍ପୂର୍ଣ୍ଣ ଭାବେ ଅଣଦେଖା ହୋଇପଡିଛି। ତଥାପି ପ୍ରତିବର୍ଷ ବହୁ ଛାତ୍ରଛାତ୍ରୀ, ସାଧାରଣ ଲୋକ ଏଠାକୁ ବଣଭୋଜି କରିବା ସହ ବିହାରବ୍ରତ ପାଇଁ ଆସିଥାନ୍ତି। ପ୍ରାୟ ସମୟ ବିଭିନ୍ନ ରାଜନୈତିକ ଦଳ ସଭାସମିତି କରୁଥିବା ବେଳେ ଆଜି ପର୍ଯ୍ୟନ୍ତ କେହି ଦୃଷ୍ଟି ଦେଇ ନଥିବା କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ସ୍ଥାନ ଭୁବନେଶ୍ୱର-ବଲାଙ୍ଗୀର ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ହୋଇଥିବାରୁ ବିଭିନ୍ନ ସମୟରେ ଅନେକ ପର୍ଯ୍ୟଟକ ଏହି ବାଟ ଦେଇ ଯାଉଥିବା ବେଳେ ବିଶ୍ରାମ ନେବା ପାଇଁ ଏହା ଉପଯୁକ୍ତ ସ୍ଥାନ ହୋଇଥିବା ଯୋଗୁ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ନିମନ୍ତେ ପୂର୍ତ୍ତବିଭାଗ ଦ୍ୱାରା ୪ ବର୍ଷ ତଳୁ ୨ କୋଟି ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ପ୍ରଶାସନିକ ଏବଂ ରାଜନୈତିକ ବୈମାତୃକ ମନୋଭାବ ଯୋଗୁ ତାହା ବର୍ତମାନ ସୁଦ୍ଧା କାର୍ଯ୍ୟକ୍ଷମ ନହୋଇ ପଡ଼ିରହିଥିବା ଜଣାପଡ଼ିଛି।୨୦୧୬ ଡିସେମ୍ବର ୨୧ ତାରିଖରେ ପର୍ଯ୍ୟଟନ ମନ୍ତ୍ରୀ ଓ ଅନେକ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହି ଫଳକ ଲଗାଇ ଶୁଭ ଦେଇଯାଇଥିଲେ ଏବଂ ମଝିରେ ମଝିରେ କିଛି ପ୍ରଶାସନିକ ଅଧିକାରୀ ଆସି ପର୍ଯ୍ୟବେକ୍ଷଣ କରି ଚାଲିଯାଇଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ତାହାର କୌଣସି ଅଗ୍ରଗତି ହୋଇନଥିବା ଯୋଗୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ତେବେ ନୂଆଗାଁ ସଦର ମହକୁମାର ଜାତୀୟ ରାଜପଥ କଡ଼ରେ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପଞ୍ଚୁପାଣ୍ଡବ ପାହାଡ଼ ସ୍ମାରକୀ ପାଲଟିଥିବା ବେଳେ ପର୍ଯ୍ୟଟକଙ୍କ ପାଇଁ ଗୁମ୍ଫା ଗୁଡ଼ିକୁ ଆକର୍ଷଣୀୟ କରୁଥିବା ବେଳେ ସେହି ଜାଗାକୁ ଯିବାପାଇଁ ଭଲ ରାସ୍ତା ଓ ପାହାଚ ନଥିବା ଯୋଗୁ ପ୍ରତିବର୍ଷ ବହୁ ପର୍ଯ୍ୟଟକ ଫେରି ଯାଉଥିବା ଦେଖିବାକୁ ମିଳୁଛି। ନୂଆଗାଁ ରେ ୬ ବର୍ଷଧରି ଚାଲୁରହିଥିବା ମହୋତ୍ସବକୁ ପଞ୍ଚୁପାଣ୍ଡବ ମହୋତ୍ସବ ନାମରେ ନାମିତ କରାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ବହୁ ମନ୍ତ୍ରୀ ଓ ବିଧାୟକ ଯୋଗ ଦେଉଥିବା ବେଳେ କେହି ମଧ୍ୟ ପଞ୍ଚୁପାଣ୍ଡବ ପାହାଡ଼ର ରକ୍ଷଣାବେକ୍ଷଣ ପାଇଁ କିପରି ଦୃଷ୍ଟି ଦେଇନାହାନ୍ତି। ଯାହାଫଳରେ ପଞ୍ଚୁପାଣ୍ଡବ ପୀଠର ବିକାଶ କେବଳ ମହୋତ୍ସବରେ ସୀମିତ ରହିଯାଇଛି। ତେବେ ଦେଖିବାକୁ ବାକି ରହିଲା ପ୍ରଶାସନ ଏହି ଐତିହାସିକ ପର୍ଯ୍ୟଟନସ୍ଥଳୀର ବିକାଶ କରିବା ସଙ୍ଗେ ସଙ୍ଗେ ପର୍ଯ୍ୟଟନଙ୍କ ବିଶ୍ରାମସ୍ଥଳୀ ନିର୍ମାଣ ପାଇଁ କେବେ ଉଚ୍ଚସ୍ତରୀୟ ପ୍ରଶାସନିକ ଅଧିକାରୀଙ୍କୁ ପଠାଇ କାର୍ଯ୍ୟ ଆରମ୍ଭ କରୁଛନ୍ତି।

## ଟାଟା ଷ୍ଟିଲକୁ ବେଷ୍ଟ ସିଏସ୍ଆର୍ ପୁରସ୍କାର




ଯୋଡ଼ା, (ମହାଭାରତ) କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଯୋଡ଼ା ଟାଟା ଷ୍ଟିଲ ୟୁବିଏସ୍ ଫୋରମ୍ ପକ୍ଷରୁ ଆୟୋଜିତ ଏକାଦଶ ସିଏସ୍ଆର୍ ସମ୍ମିଳନୀ-୨୦୨୪ ରେ ଟାଟା ଷ୍ଟିଲ କୁ 'ବେଷ୍ଟ ସିଏସ୍ଆର୍ ଟିମ୍ ଅଫ୍ ଦି ଇୟର' ପୁରସ୍କାର ପ୍ରଦାନ କରାଯାଇଛି। ଓଡିଶା ର ସୁନ୍ଦରଗଡ଼ ଏବଂ କେନ୍ଦୁଝର ଜିଲ୍ଲାର ସୀମାନ୍ତବର୍ତୀ କଲମଙ୍ଗ ଏବଂ ଗନ୍ଧଲପଦା ଅଞ୍ଚଳରେ ଗୋଷ୍ଠୀ କଲ୍ୟାଣ ପାଇଁ ଟାଟା ଷ୍ଟିଲର ପ୍ରତିବଦ୍ଧତାକୁ ସ୍ୱୀକୃତି ଦେଇ ନୂଆଦିଲ୍ଲୀରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଏହି ପୁରସ୍କାର ବୁଧବାର ପ୍ରଦାନ କରାଯାଇଛି। ୟୁବିଏସ ଫୋରମ୍ ହେଉଛି ଶିଳ୍ପ ଓ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ପରିବର୍ତନଶୀଳ ନେତୃତ୍ୱକୁ ପ୍ରେରଣା ଦେଉଥିବା ଭାରତର ଏକ ଅଗ୍ରଣୀ ବ୍ୟବସାୟିକ ସଂସ୍ଥାଏହି କାର୍ଯ୍ୟକ୍ରମରେ ଜେ କେ ସିମେଣ୍ଟର ର ସିଏସ୍ଆର୍ ମୁଖ୍ୟ ଶିଳ୍ପା ଜୟସ୍ୱାଲ୍, ସ୍ୱାର୍କ ମିଣ୍ଡା ଗ୍ରୁପ୍ର ସଷ୍ଟେନେବିଲିଟି ଆଣ୍ଡ୍ ସିଏସ୍ଆର୍ ର ଗ୍ରୁପ୍ ମୁଖ୍ୟ ପ୍ରବୀଣ କର୍ଣ୍ଣ ଓ ଜିଟି ଜିଏସ୍, ସିମେନ୍ସର ଇଏଚ୍ଏସ୍ ମୁଖ୍ୟ ପଓ୍ୱନ ସିଂହଙ୍କ ସମେତ ଶିଳ୍ପ ସଂସ୍ଥାଗୁଡିକ ର ବିଶିଷ୍ଟ ଗଣ୍ୟମାନ୍ୟ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।ସିଏସ୍ଆର୍ ପ୍ରତି ଟାଟା ଷ୍ଟିଲ୍ର ପ୍ରତିବଦ୍ଧତା ଏବଂ ନିଜ କାର୍ଯ୍ୟକ୍ଷେତ୍ର ଅଞ୍ଚଳର ଦୀର୍ଘସ୍ଥାୟୀ ବିକାଶ ଓ ଅଭିବୃଦ୍ଧିକୁ ସୁଦୃଢ଼ କରିବାରେ ଏହାର ଭୂମିକାକୁ ଏହି ପୁରସ୍କାର ପ୍ରେରଣା ଦେଇଛି।

## ସଡକ ଦୁର୍ଘଟଣାରେ ଅବସରପ୍ରାପ୍ତ ଶିକ୍ଷକଙ୍କ ଅକାଳ ବିୟୋଗ

ଜୁନାଗଡ଼,(ମହାଭାରତ):କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚରବାହାଲ ଗ୍ରାମର ପୂର୍ବତନ ଶିକ୍ଷକ ସୁନୀଲ କୁମାର ପଣ୍ଡାଙ୍କ ସଡ଼କ ଦୁର୍ଘଟଣରେ ମୃତ୍ୟୁ ଘଟିଛି। ପ୍ରକାଶ ଥାଉ କି ଆଜି ସକାଳୁ ସକାଳୁ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ମ୍ୟୁନିସିପାଲିଟି ଛକ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିବା ଦେଖିବାକୁ ମିଳିଛି। ଶ୍ରୀ ପଣ୍ଡା ଏକ ସରଳ ନିଷ୍ଠାପର ଶିକ୍ଷକ ଓ ମହାନତା ମଣିଷ ଟିଏ ତାଙ୍କ ଦୁଃଖଦ ଖବର ଶୁଣି ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।ଦ୍ରୁତଗତିରେ ଯାଉଥିବା ଏକ ୭୦୯ ଗାଡି ଚକତଳେ ଚାପି ହୋଇ ସ୍କୁଟି ଆରୋହୀ ସୁନୀଲ କୁମାର ପଣ୍ଡାଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇଥିବା ଗାଡି ଚାଳକ ସ୍ଥାନୀୟ ଟାଉନଥାନାରେ ଆତ୍ମ ସମର୍ପଣ କରିଥିବା ଜଣାପଡିଛି । ଘଟଣାସ୍ଥଳରେ ପୁଲିସ ପହଂଚିଛି। ସହର ମଧ୍ୟରେ ଭାରୀଯାନ ଚଳାଚଳ ଉପରେ କଟକଣା ରହିଥିଲେ ହେଁ,ସହର ଭିତରକୁ ଭାରୀଯାନ ପ୍ରବେଶ ବନ୍ଦ ହୋଇପାରିନାହିଁ। ଏହାକୁ ନେଇ ଜନ ଅସନ୍ତୋଷ ବଢୁଥିବାବେଳେ ପୂର୍ବରୁ ଲୋକେ ରାସ୍ତାରୋକ ମଧ୍ୟ କରିଥିଲେ,ପରିସ୍ଥିତିରେ ସୁଧାର ଆସିନାହିଁ। ଯାହାଫଳରେ ସହରରେ ଭାରୀଯାନ ଯୋଗୁଁ ଦୁର୍ଘଟଣା ଘଟି ବିଭିନ୍ନ ସମୟରେ ଧନ ଜୀବନ ହାନୀ ହେଉଛି ।ଶ୍ରୀ ପଣ୍ଡାଙ୍କ ଅକାଳ ବିୟୋଗରେ ଚରବାହାଲ ସମେତ ବିଭିନ୍ନ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବିଜେପି ପାରାଦୀପ ମଣ୍ଡଳ ସ୍ତରୀୟ ସଦସ୍ୟତା ଅଭିଯାନ କର୍ମଶାଳା

## ପାରାଦୀପରେ ଯୋଡି ହେବେ ୨୦ ହଜାର ସଦସ୍ୟ




ପାରାଦୀପ(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ନିର୍ଦ୍ଦେଶ କ୍ରମେ ସାରା ଦେଶରେ ବିଜେପି ଶକ୍ତି ବୃଦ୍ଧି ପାଇଁ ସଦସ୍ୟତା ଗ୍ରହଣ ଅଭିଯାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ପାରାଦୀପ ବିଜେପି ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଙ୍କ ପରାମର୍ଶ କ୍ରମେ ସମଗ୍ର ନିର୍ବାଚନ ମଣ୍ଡଳୀରେ ସଭ୍ୟ ସଂଗ୍ରହ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ପାରାଦୀପ ନଗର ବିଜେପି ପକ୍ଷରୁ ସଦସ୍ୟତା ଅଭିଯାନ କର୍ମଶାଳା ବିଜେପି କାର୍ଯ୍ୟାଳୟ ପରିସରରେ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ସଦସ୍ୟତା ଅଭିଯାନ ସେପ୍ଟେମ୍ବର ୧ରୁ ଆରମ୍ଭ ହୋଇ ୪୦ ଦିନ ପଯ୍ୟନ୍ତ ଚାଲିବୟ ପାରାଦୀପ ନଗର ବିଜେପି ପକ୍ଷରୁ ୨୦ ହଜାର ସଦସ୍ୟ ଯୋଡିବା ପାଇଁ ସ୍ଥିର କରାଯାଇଛି। ପାରାଦୀପ ର ପ୍ରତ୍ୟେକ ୱାର୍ଡରୁ ୩୦ ଜଣ ଲେଖାଏଁ ସଦସ୍ୟତା ଗ୍ରହଣ କରିବେୟ ଦିନକୁ ଜଣେ ସଦସ୍ୟ ୨୫ଟି ସଦସ୍ୟ କରି ୪୦ ଦିନରେ ୧୦୦୦ ସଦସ୍ୟ କରିବାକୁ ସ୍ଥିର ହୋଇଛି । ସେପ୍ଟେମ୍ବର ୩୧ରେ ପାରାଦୀପ ବିଧାନସଭା ନିର୍ବାଚନ ମଣ୍ଡଳୀର ୨୩୧ଟି ବୁଥ୍ରେ ବୈଠକ କରାଯିବ। ସଦସ୍ୟ ଅଭିଯାନ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ତଥା ପାରାଦୀପ ବିଧାନସଭା ନିର୍ବାଚନ ମଣ୍ଡଳୀ ସଦସ୍ୟତା ପ୍ରମୁଖ ଯୁଗଳ ପ୍ରଧାନ ଯୋଗଦେଇ ସଦସ୍ୟତା ଗ୍ରହଣ ଉପରେ ଉପସ୍ଥିତ କର୍ମୀ ମାନଙ୍କୁ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ପାରାଦୀପ ନଗର ବିଜେପି ସଭାପତି ସୁବ୍ରତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମଶାଳାରେ ବିଜେପି ନେତା, ସର୍ବେଶ୍ୱର ବଳିଆର ସିଂହ, ଜିଲ୍ଲା ବିଜେପି ସମ୍ପାଦକ ତପନ ତ୍ରିପାଠୀ, ଭାବେନ୍ଦ୍ର ଦାଶ,ବଜରଙ୍ଗ ପ୍ରସାଦ ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରି ସଦସ୍ୟତା ଗ୍ରହଣ ଉପରେ ଆଲୋକପାତ କରିଥିଲେ। ଶେଷରେ ସୋଲେମନ ରାଜୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଦିଲ୍ଲୀପ ବଳିଆର ସିଂହ ଓ ସର୍ବେଶ୍ୱର ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ହାତୀ ଦଳ ଚକଟାରେ ପରିବା ଫସଲ ଓ କଦଳୀ ଗଛ ନଷ୍ଟ ସହ ପାଚେରୀ ଭାଙ୍ଗିଲା

ବେଗୁନିଆ,(ମହାଭାରତ): ବେଗୁନିଆ ବ୍ଲକ ଦେଉଳି ପଂଚାୟତ ଅନ୍ତର୍ଗତ ଗୋଡ଼ା ଗ୍ରାମର ହଟ ପାଇକରାୟ ୨ ଏକର ଜମିରେ କଖାରୁ,ଜହ୍ନି,କାକୁଡି ଓ ବାଇଗଣ ଆଦି ପରିବା ଚାଷ କରି ଜୀବିକା ଉପାର୍ଜନ କରୁଥିଲେ । ତେବେ ବଣୁଆ ଜଂଗଲୀ ହାତୀ ଖାଦ୍ୟ ଅନ୍ୱେଷଣରେ ଆସି ଫସଲ କିଆରିରେ ପଶି ଦଳି ଚକଟି ନଷ୍ଟ କରିଦେଇଛି। ଏପରିକି ଆଲୋକ ଚମ୍ପତିଙ୍କ ଘରର ପାଚେରୀ ଭାଙ୍ଗି ଦେବା ସହ ଚକରା ପାଇକରାୟଙ୍କ ବାଡ଼ିରେ ଥିବା କଦଳୀ ଗଛ ନଷ୍ଟ କରିଛି ।ତାଙ୍କୁ ତୁରନ୍ତ କ୍ଷତି ପୂରଣ ପ୍ରଦାନ ପାଇଁ ସ୍ଥାନୀୟ ଅଞ୍ଚଳରେ ଦାବୀ କରିଛନ୍ତି ।

## ମଣ୍ଡଳ ସ୍ତରୀୟ ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ କର୍ମଶାଳା

କଣିହାଁ (ମହାଭାରତ ) ପାଲଲହଡ଼ା ନିର୍ବାଚନ ମଣ୍ଡଳୀ କଣିହାଁ ବ୍ଲକ ହନୁମାନପୁର ପଞ୍ଚାୟତ ଝରକ୍ଷବେରଣୀ କଲ୍ୟାଣ ମଣ୍ଡପ ପରିସରରେ ରେଙ୍ଗାଳି ମଣ୍ଡଳ ଭାଜପା ପକ୍ଷରୁ ବୁଧବାର ସଦସ୍ୟତା ଅଭିଯାନ କର୍ମଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ରେଙ୍ଗାଳି ମଣ୍ଡଳ ସଭାପତି ତ୍ରିପୁରାରୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଏଥିରେ ଅତିଥି ଭାବେ ନାରୀ ନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ ଜିଲ୍ଲା ଉପସଭାପତି ନୃସିଂହ ବରାଳ କୃଷକ ମୋର୍ଚ୍ଚା ସଭାପତି ସୁମନ୍ତ କୁମାର ପ୍ରଧାନ ଅନୁସୂଚିତ ଜାତି ଅନୁସୂଚିତ ଜନଜାତି ର ରାଜ୍ୟ ସାଧାରଣ ସମ୍ପାଦକ ଚନ୍ଦନ ସ୍ୱରାଜ ଯୋଗ ଦେଇ ଥିଲେ । ଏହି କର୍ମଶାଳାରେ ସଦସ୍ୟତା ଅଭିଯାନକୁ ସଫଳ କରିବା ପାଇଁ ତୃଣମୂଳ କର୍ମୀ ମନକୁ ଆହ୍ୱାନ ଦେଇଥିଲେ । ପ୍ରତ୍ୟେକ ଶକ୍ତି କେନ୍ଦ୍ର ସ୍ତରରେ କର୍ମଶାଳା ଆୟୋଜନ କରିବା ସହିତ ବୁଥ ସ୍ତରରେ ଘରକୁ ଘର ଯାଇ ବିଜେପି କାର୍ଯ୍ୟର୍କ୍ତା ମନେ ସଦସ୍ୟତା ପଞ୍ଜି କରଣ କରିବା ଉପରେ ଆଲୋକ ପାତ କରିଥଲେ । କିଭଳି ଭାବେ ସଦସ୍ୟତ ସଂଖ୍ୟା ବୃଦ୍ଧି କରାଯିବ ସେ ସମ୍ପର୍କ ରେ କର୍ମୀ ମାନଙ୍କୁ ପ୍ରଶିକ୍ଷଣ ଦିଆ ଯାଇଥିଲା। ଚଳିତମାସ,୨୯ ରୁ ୩୧ ତାରିଖ ତିନିଦିନ ଧରି ସମସ୍ତ ଶକ୍ତି କେନ୍ଦ୍ର ମାନଙ୍କରେ ପର୍ଶିକ୍ଷଣ ସାରିବା ପାଇଁ ନିଷ୍ପତି ନିଆଯାଇଛି । ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶେଷ ହେଲା ପରେ ସେପ୍ଟେମ୍ବର ପ୍ରଥମ ଦିନ ରୁ ୪୫ ଦିନ ଧରି ସଦସ୍ୟତା ସଂଗ୍ରହ କାର୍ଯ୍ୟକ୍ରମ ଅଭିଯାନ ଚାଲିବ ଅତିଥି ମାନେ ମତ ଦେଇଛନ୍ତି। ଏହି ପ୍ରଶିକ୍ଷଣ ଶିବିର ରେ କଷ୍ଟୁ ଚରଣ ସାମଲ ଟିକନ ପ୍ରଧାନ ରାଜୁ ନାୟକ ବିନୟ ପ୍ରଧାନ ଲିପୁ ପ୍ରଧାନ ପଦ୍ମଲୋଚନ ନାୟକ ପ୍ରମୁଖ କାର୍ଯ୍ୟକର୍ତା ଉପସ୍ଥିତ ରହି ସହଯୋଗ କରିଥିଲେ । ସେହିପରି ପବିତ୍ର ନଗର ଭାଜପା ମଣ୍ଡଳ ସଭାପତି ପ୍ରହଲ୍ଲାଦ ସାମଲ ଅଧ୍ୟକ୍ଷତା ରେ ପବିତ୍ର ନଗର କଲ୍ୟାଣ ମଣ୍ଡପ ପରିସରରେ ସଦସ୍ୟତା କର୍ମଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କର୍ମଶାଳାରେ ମଣ୍ଡଳ ସ୍ତରୀୟ କାର୍ଯ୍ୟକର୍ତା ଅଂଶଗ୍ରହଣ କରି ସହଯୋଗ କରିଥିଲେ ।

## ପାରାଦୀପ ବନ୍ଦର କ୍ରୀଡ଼ା ପରିଷଦ ଦ୍ୱାରା ଜାତୀୟ କ୍ରୀଡା ଦିବସ ପାଳିତ



ପାରାଦୀପ(ମହାଭାରତ): ପାରାଦୀପ ବନ୍ଦର କ୍ରୀଡା ପରିଷଦ ପକ୍ଷରୁ ଜାତୀୟ କ୍ରୀଡା ଦିବସ-୨୦୨୪ ସ୍ଥାନୀୟ ଗୋପାବନ୍ଧୁ ଷ୍ଟାଡିୟମ ଠାରେ ଗୁରୁବାର ଦିନ ପାଳିତ ହୋଇଯାଇଛି । ପ୍ରତିବର୍ଷ ଅଗଷ୍ଟ ୨୯ ତାରିଖ ହକି କିମ୍ବଦନ୍ତୀ ପୁରୁଷ ମେଜର ଧ୍ୟାନ ଚାନ୍ଦ ଙ୍କ ଜନ୍ମ ବାର୍ଷିକୀ କୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଜାତୀୟ କ୍ରୀଡା ଦିବସ ପାଳନ କରାଯାଇଥାଏ । ଏହି ଦିବସ କ୍ରୀଡା ଏବଂ ଶାରୀରିକ ସୁସ୍ଥତାର ମହତ୍ୱ ବିଷୟରେ ସଚେତନତା ପାଇଁ ଉତ୍ସର୍ଗୀକୃତ । ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର କ୍ରୀଡା ପରିଷଦର ସଭାପତି ଡି.ଏନ.ସୋଣ୍ଡି, କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ପ୍ରସାଦ ସେଠୀ, ସମ୍ପାଦକ ରଞ୍ଜନ ରଶ୍ମି ବେଉରା ପ୍ରମୁଖ ଉପସ୍ଥିତ ରହି ଜାତୀୟ କ୍ରୀଡ଼ା ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଭଲିବଲ ପ୍ରଶିକ୍ଷକ ସଞ୍ଜୟ କୁମାର ଦାସ,ଗୋପବନ୍ଧୁ କ୍ରୀଡା ସଂସଦ ର ଯୁଗ୍ମ ସମ୍ପାଦକ ଇତିଶ୍ରୀ ମହାନ୍ତି ଓ ଧ୍ରୁବ ଚନ୍ଦ୍ର ତରାଇ ଙ୍କ ସମେତ କ୍ରୀଡା ସଂସଦ ର ସମସ୍ତ କାର୍ଯ୍ୟର୍କ୍ତା, ବୈଷୟିକ ସଦସ୍ୟ ଏବଂ ଖେଳାଳି ମାନେ ଉପସ୍ଥିତ ଥିଲେ।

## ନେସ୍ ର ୨୪ ତମ ପ୍ରତିଷ୍ଠା ଦିବସ ପାଳିତ


ଅନୁଗୋଳ,(ମହାଭାରତ):ନବରତ୍ନ କାରଖାନା ନାଲକୋ ର ବୃହତ ଶ୍ରମିକ ସଂଗଠନ ନେସ୍ ଆଜି ୨୪ ବର୍ଷ ରେ ପଦାର୍ପଣ କରିଛି ।ନେସ୍ ର ସଭାପତି ନିର୍ମଳ କୁମାର୍ ସାମଲ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଏନ.ଏସ୍ ସୁବ୍ରମନ୍ୟମ୍ ନରେଲା ଉପସ୍ଥିତ ଥିଲେ ।ମୁଖ୍ୟ ବକ୍ତା ଭାବରେ ନାଲକୋ ଗ୍ରୁପ୍ ଜେନେରାଲ ମ୍ୟାନେଜର ଅମରେନ୍ଦ୍ର କୁମାର ମିଶ୍ର , ସମ୍ମାନିତ ଅତିଥି ଭାବରେ ସ୍ମେଲଟର ର ଗ୍ରୁପ୍ ଜେନେରାଲ ମ୍ୟାନେଜର ସଚ୍ଚିଦାନନ୍ଦ ଜେନା ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଗ୍ରୁପ୍ ମ୍ୟାନେଜର ଶୁଭେନ୍ଦୁ କୁମାର ନାୟକ , ଆଇ.ଏନ.ଟି.ୟୁ.ସି ର ଉପ ସଭାପତି ମଦନ ମୋହନ ଧଳ, ପ୍ରଦୀପ କୁମାର ଦାସ ,ନାଲକୋ ଶ୍ରମିକ କଂଗ୍ରେସ୍ ୟୁନିୟନ ର ସାଧାରଣ ସମ୍ପାଦକ ବିଭବ କୁମାର ଜେନା , ନେସ ର ସାଧାରଣ ସମ୍ପାଦକ ରଂଜିତ କୁମାର ସାହୁ ଙ୍କ ସହିତ ନାଲକୋ ର କର୍ମଚାରୀ ଦ୍ୱାରା ଗଢିଉଠିଥିବା ବିଭିନ୍ନ ଶ୍ରମିକ ସଂଗଠନ ର ନେତୃ ମଣ୍ଡଳୀ ଉପସ୍ଥିତ ଥିଲେ ବିଭିନ୍ନ ଶ୍ରମିକ ସଂଗଠନ ଗୁଡିକ ରେ ତଳ ସ୍ତରରୁ ଅନେକ କାର୍ଯ୍ୟକ୍ରମ ହାତକୁ ନେଇ କାର୍ଯ୍ୟ କଲେ ଶ୍ରମିକ ସଂଗଠନ ଗୁଡିକ ବୃଦ୍ଧି ପାଇବା ସହ ଆଗାମୀ ଦିନ ରେ ସଂଗଠନ ଗୁଡିକ ଦୃଢ଼ ହୋଇପାରିବ ବୋଲି ଅତିଥି ମାନେ ମତ ବ୍ୟକ୍ତ କରିଥିଲେ ।ସେହିପରି ନେସ୍ ତରଫରୁ ସ୍ଥାୟୀ ନିଯୁକ୍ତି ପ୍ରସଙ୍ଗକୁ ଏହି ପ୍ରତିଷ୍ଠା ଦିବସ ରେ ଅତି ଦୃଢ଼ତାର ସହ ଉତ୍ଥାପନ କରାଯାଇଥିଲା । ସେହିଭଳି ନିର୍ବାହୀ ନିର୍ଦ୍ଦେଶକ ନିଜର ବକ୍ତବ୍ୟରେ ନାଲକୋ ର ପ୍ରସାଶନ ଓ ସଂଗଠନ ଉଭୟ ପରିପୂରକ ବୋଲି ବିବେଚିତ କରିଥିଲେ ଓ ନାଲକୋ କୁ ଏକ ଲାଭଦାୟୀ କାରଖାନା ରୂପେ ଦର୍ଶାଇ ଥିଲେ । ପ୍ରତ୍ୟେକ ଶ୍ରମିକ ସଙ୍ଗଠନ ପ୍ରଶାସନ କୁ ଆଗକୁ ନେବାକୁ ଦିଗ ନିର୍ଣ୍ଣୟ ଯନ୍ତ୍ର ଭଳି କାର୍ଯ୍ୟ କରିଥାଏ । ସେହିଭଳି ବିଭବ ଜେନା ନିଜର ବକ୍ତବ୍ୟରେ କାରଖାନା ର କର୍ମଚାରୀ ଙ୍କୁ ରାଜନୀତି ଠାରୁ ଦୂରରେ ରହି ରାଜନୈତିକ ଚିନ୍ତା ନ ରଖି କାରଖାନାକୁ କିଭଳି ଆଗାମୀ ୫୦ ବର୍ଷ ପର୍ଯ୍ୟନ୍ତ ନେଇ ପାରିବା ଚିନ୍ତା କରିବା ଦରକାର ବୋଲି କହିଛନ୍ତି । ଏହି ପ୍ରତିଷ୍ଠା ଦିବସ କୁ ପାଳନ କରିବା କ୍ଷେତ୍ରରେ ମନୋଜ କୁମାର ସ୍ୱାଇଁ ,ପ୍ରକାଶ ବେହେରା, ଅଶ୍ୱିନି ସାହୁ ,ସୁଧାଂଶୁ ମିଶ୍ର , ହେମନ୍ତ ମହାରଣା, ଏସ.କେ ୟୁସୁଫ, ପ୍ରଦୀପ ନାଏକ ଙ୍କ ସହିତ ସଂଗଠନ ର ବହୁ ସଦସ୍ୟ ସହଯୋଗ କରିଥିଲେ।

## କେନ୍ଦୁଝର ରେ କ୍ରୀଡ଼ାଦିବସ ପାଳିତ

କେନ୍ଦୁଝର(ମହାଭାରତ): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା କ୍ରୀଡା ବିଭାଗ ପକ୍ଷରୁ ଗୁରୁବାର ଜାତୀୟ କ୍ରୀଡା ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ସ୍ଥାନୀୟ ହ୍ୟାଣ୍ଡବଲ ଗ୍ରାଉଣ୍ଡ ପର୍ଯ୍ୟନ୍ତ ଏକ ୱାକାଥନ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଶ୍ରୀ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଲିକ ସବୁଜ ପତାକା ଦେଖାଇ ୱାକାଥନକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ସାର୍ଥକ ରାୟ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶେଖ ଇଜାଜ ଇକବାଲ, କ୍ରୀଡା ପ୍ରଶିକ୍ଷକ ରାଜେନ୍ଦ୍ର ସି, ଶାରୀରିକ ଶିକ୍ଷା ନିରୀକ୍ଷକ ଫକୀର ମହାନ୍ତ ଓ ଜିଲ୍ଲା ହ୍ୟାଣ୍ଡବଲ ସଙ୍ଘ ସମ୍ପାଦକ ରିତିକ ଅଧିକାରୀ ଉପସ୍ଥିତ ଥିଲେ ।ହ୍ୟାଣ୍ଡବଲ ଗ୍ରାଉଣ୍ଡରେ ଅନୁଷ୍ଠିତ ସାଧାରଣ ସଭାରେ ମେଜର ଧ୍ୟାନଚାନ୍ଦଙ୍କ ଫୋଟଚିତ୍ରରେ ମାଲ୍ୟାର୍ପଣ କରାଯାଇ ଭାରତର କ୍ରୀଡ଼ା ବିଶେଷ ଭାବେ ହକି ଖେଳର ସ୍ୱର୍ଣ୍ଣିମ ଇତିହାସରେ ତାଙ୍କ ଅବଦାନକୁ ସ୍ମରଣ କରାଯାଇଥିଲା।

## ରାଜସୁନାଖଳାରେ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର

# ନାହାନ୍ତି ସ୍ତ୍ରୀ ଓ ଶିଶୁ ରୋଗ ବିଶେଷଜ୍ଞ, ରକ୍ତ ପରୀକ୍ଷା ମେସିନ ବି ଅଚଳ



ରାଜସୁନାଖଳା, ( ମହାଭାରତ ) : ନୟାଗଡ଼ ଜିଲ୍ଲାର ସର୍ବପୁରାତନ ରଣପୁର ବ୍ଲକ୍ର ମୁଖ୍ୟ ରାଜସୁନାଖଳାରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିକଳ ଚିତ୍ର ଦେଖିବାକୁ ମିଳିଛି। ଗାଁ ଗହଳିରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ବ୍ୟବସ୍ଥା ହୋଇଥିବା ବେଳେ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟ କରୁଛି। ହାତ ପାଆନ୍ତରେ ରୋଗୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଏହାର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ, କିନ୍ତୁ ରାଜସୁନାଖଳା ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ମାସ ହେଲା ସ୍ତ୍ରୀ ଓ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ପଦବି ପୂରଣ ହୋଇପାରୁ ନଥିବା ବେଳେ ରକ୍ତ ପରୀକ୍ଷା ମେସିନ ମଧ୍ୟ ଅଚଳ ହୋଇପଡ଼ିଛି। ଫଳରେ ଉକ୍ତ ବିଭାଗରେ ରୋଗୀ ମାନେ ଯନ୍ତ୍ରଣାରେ କଲବଲ ହେଉଥିବା ବେଳେ ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ଉପଯୁକ୍ତ ସେବା ମିଳୁନଥିବାରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରୁ ଲୋକ ମାନଙ୍କର ଭରସା ତୁଟି ଯାଉଛି। ଏହା ଏବେ ରେଫେରାଲ ଡାକ୍ତରଖାନା ପାଲଟିଥିବା ଆଲୋଚନା ହେଉଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାର ୩୫ ଟି ପଞ୍ଚାୟତରୁ ଉର୍ଦ୍ଧ୍ୱ ଲୋକ ନିର୍ଭର କରୁଥିବା ବେଳେ ଆଖପାଖ ଅଞ୍ଚଳରୁ ଦୈନିକ ବର୍ହିବିଭାଗରେ ୩୦୦ରୁ ଉର୍ଦ୍ଧ୍ୱ ରୋଗୀଙ୍କର ପଞ୍ଜୀକରଣ ହେଉଛି। ଡାକ୍ତର ପଦବୀ ଖାଲି ପଡ଼ିଥିବାରୁ ରୋଗୀମାନେ ସେବା ପାଉନଥିବା ଅଭିଯୋଗ ହେଉଛି। ଦୀର୍ଘ ମାସ ହେଲା ରକ୍ତ ପରୀକ୍ଷା ମେସିନ ଅଚଳ ହୋଇ ପଡ଼ିଥିବାରୁ ରୋଗୀ ବାହାରେ ପରୀକ୍ଷା କରି ବହୁ ଖର୍ଚ୍ଚାନ୍ତ ହେଉଛନ୍ତି ।ଯେଉଁ କେତେ ଜଣ ଡାକ୍ତର ଏଠାରେ ନିଯୁକ୍ତି ପାଇଛନ୍ତି ସେମାନେ ମଧ୍ୟ ପାଳିରେ ଆସୁଛନ୍ତି। ଝାଡ଼ା କିମ୍ବା ଜ୍ୱର ହେଲେ ରୋଗୀକୁ ନିକଟସ୍ଥ ନୟାଗଡ଼ ଓ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ପଠାଇ ଦିଆଯାଉଛି। ସ୍ତ୍ରୀ ରୋଗ, ପ୍ରସୂତି ଓ ଶିଶୁ ବିଭାଗ ଡାକ୍ତର ନଥିବାରୁ ଅନ୍ୟ ବିଭାଗ ଡାକ୍ତରଙ୍କ ମାଧ୍ୟମରେ ସେବା ଚାଲିଛି। ଏହି ଡାକ୍ତରଖାନାକୁ ୫ଟି ଯୋଜନାରେ ସାମିଲ୍ କରାଯାଇଥିବା ବେଳେ ୫ କୋଟି ଟଙ୍କା ବ୍ୟୟରେ ବିଶାଳ କୋଠା ତିଆରି କରାଯାଇଥିଲା। ହେଲେ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଉନାହିଁ। ତୁରନ୍ତ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଖାଲି ପଡ଼ିଥିବା ଡାକ୍ତର ପଦବି ପୂରଣ ପାଇଁ ରାଜନେତା ଓ ବିଭାଗୀୟ ଅଧିକାରୀ କେହି ଦୃଷ୍ଟି ଦେଉନଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ସହ ଯୋଗାଯୋଗ ପରେ ଜିଲ୍ଲାରେ ଡାକ୍ତରଙ୍କ ସମସ୍ୟା ଓ ମେସିନ ଯଦି ଅଚଳ ହୋଇଥାଏ ତେବେ ସଚଳ କରାଯିବ ବୋଲି ପ୍ରତିକ୍ରିୟାରେ ଜଣାଇଛନ୍ତି। ବହୁ ଗୁରୁତ୍ୱ ବହନ କରୁଥିବା ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ଡାକ୍ତର ପଦବି ଓ ରକ୍ତ ପରୀକ୍ଷା ହେଉଥିବା ମେସିନ ସଚଳ କରିବା ପାଇଁ ଦାବି କରାଯାଇଛି।

# ବିଦ୍ୟାଳୟ ପରିଦର୍ଶନ କଲେ ନୟାଗଡ଼ ଜିଲ୍ଲାପାଳ

**ନୟାଗଡ,(ମହାଭାରତ) :** ଜିଲ୍ଲାର ନୂତନ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ହଠାତ୍ ? ଓଡ଼ଗାଁ ବ୍ଲକ୍ ଅନ୍ତର୍ଗତ ସୋଲପଟା ସରକାରୀ ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନରେ ପହଞ୍ଚିଥିଲେ। ପ୍ରଥମେ ସେ ତୃତୀୟ ଶ୍ରେଣୀରେ ପ୍ରବେଶ କରି ଛାତ୍ରଛାତ୍ରୀ ମାନଙ୍କୁ ଗଣିତ ପାଠକୁ ନେଇ କିଛି ସରଳ ପ୍ରଶ୍ନ ପଚାରିଥିଲେ। ଛାତ୍ରଛାତ୍ରୀଙ୍କଠାରୁ ଏହାର ଠିକ୍ ଉତ୍ତର ପାଇ ସେ ବହୁତ ଖୁସି ହୋଇଯାଇଥିଲେ। ଏହାପରେ ଦ୍ୱିତୀୟ ଶ୍ରେଣୀକୁ ଯାଇ ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ପ୍ରଶ୍ନ ସହ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଦ୍ୱିତୀୟ ଶ୍ରେଣୀର ଜଣେ ଛାତ୍ରୀ ଜାତୀୟ ସଙ୍ଗୀତ ଗାନ କରିଥିଲେ। ପରେ ପରେ ସେ ଶିକ୍ଷକ-ଶିକ୍ଷୟିତ୍ରୀ ମାନଙ୍କ ସହ ଶିକ୍ଷାର ବିଭିନ୍ନ ଦିଗ ସଂକ୍ରାନ୍ତରେ ଆଲୋଚନା କରିଥିଲେ। ଦଶମ ଶ୍ରେଣୀରେ ଜିଲ୍ଲାପାଳ ପହଞ୍ଚି ଇ-ଲାଇବ୍ରେରି, କମ୍ପ୍ୟୁଟର ଶିକ୍ଷା ଉପରେ ବିଭିନ୍ନ ପ୍ରଶ୍ନ ଛାତ୍ରଛାତ୍ରୀଙ୍କୁ ପଚାରିଥିଲେ। ଏହାସହ ସେ ଛାତ୍ରଛାତ୍ରୀଙ୍କୁ ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, ଗଣିତ ଓ ଇଂରାଜୀ ବ୍ୟାକରଣ ବିଷୟରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଏହା ପରେ ସେ ନୟାଗଡ଼ ବ୍ଲକ୍ ମାଛିପଡ଼ା ଚନ୍ଦ୍ରଶେଖର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରଛାତ୍ରୀ ଗୋଟିଏ କକ୍ଷରେ ବସିଥିବା ଦେଖି ସେମାନଙ୍କୁ ସରଳ ଗଣିତ ପ୍ରଶ୍ନ ପଚାରିଥିଲେ। ପଞ୍ଚମ ଶ୍ରେଣୀରେ ସେ ପ୍ରବେଶ କରିବା ସମୟରେ ପ୍ରାଥମିକ ଚିକିତ୍ସା ଉପରେ ପାଠ ପଢ଼ାଯାଉଥିବା ଦେଖି ଏହାକୁ ନେଇ ଛାତ୍ରଛାତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ସେମାନଙ୍କ ସାଧାରଣ ଜ୍ଞାନ ପରୀକ୍ଷା କରିବାକୁ ଯାଇ ରାଜ୍ୟର ମୁଖ୍ୟମନ୍ତ୍ରୀ, ଦେଶର ପ୍ରଧାନମନ୍ତ୍ରୀ, ଜାତିର ଜନକ ଓ ଦେଶର ରାଷ୍ଟ୍ରପତିଙ୍କ ନାମ ଜିଲ୍ଲାପାଳ ପଚାରି ବୁଝିଥିଲେ। ଏହାସହ ସ୍କୁଲରେ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ତଦାରଖ କରିଥିଲେ। ଏହି ପରିଦର୍ଶନରେ ଜିଲ୍ଲାପାଳଙ୍କ ସହ ଜିଲ୍ଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ, ବ୍ଲକ୍ ଶିକ୍ଷା ଅଧିକାରୀ ନିମେଇ ଚରଣ ପ୍ରଧାନ ଓ ଡେପୁଟି କଲେକ୍ଟର ତପତୀ ରାଜ୍ ଉପସ୍ଥିତ ଥିଲେ।

# ଓଡ଼ିଶା ଷ୍ଟେଟ ଲେବର କୋଓପରେଟିଭ ସୋସାଇଟି ତରଫରୁ ପାସବୁକ୍ ବିତରଣ

**କଳାହାଣ୍ଡି,(ମହାଭାରତ) :** କଳାହାଣ୍ଡି ଜିଲ୍ଲାର ଖଟିଖିଆ ଗରିବ ମାନଙ୍କ ଆଶାର ଆଲୋକ ସାଜିଛି ଓଡିଶା ଷ୍ଟେଟ ଲେବର କୋ-ଓପରେଟିଭ ସୋସାଇଟି। କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବ୍ଲକ ରେ ଖାଉଟି ମାନଙ୍କୁ ପାସବୁକ୍ ବଣ୍ଟନ କାରାଯାଇଛି । ଏହି ପାସ୍ ବୁକ୍ ବଣ୍ଟନ କାର୍ଯ୍ୟକ୍ରମ ସମୟରେ ଏସ୍ ଏସ୍ ମାର୍ଟ ର କର୍ମଚାରିମାନେ ଉପସ୍ଥିତ ରହି ବଣ୍ଟନ କରିଥିଲେ। ଖାଉଟିମାନେ ପାସ ବୁକ୍ ବାବଦରେ ଦେଇଥିବା ୨୫୦ ଟଙ୍କାର ଲାଭ ଓ ସୋସାଇଟି ଦେଉଥିବା ଅନ୍ୟ ଲାଭ ବାବଦରେ ଏସ୍ ଏସ୍ ମାର୍ଟ ର କର୍ମଚାରି ବୁଝାଇଥିଲେ। ଉପସ୍ଥିତ ଖାଉଟି ମାନେ ସୋସାଇଟିକୁ ନେଇ ପୂର୍ବ ରୁ ଯେଉଁ ଭ୍ରାନ୍ତ ଧାରଣା ରହିଥିଲା ଏହି ସଂସ୍ଥା ପଇସା ନେଇ ପଳାଇଯିବନିତ ଆଗରୁ ଏପରି ବହୁତ ସଂସ୍ଥା ଜିଲ୍ଲାକୁ ଆସି ଲୋକଙ୍କୁ ଠକି ଟଙ୍କା ନେଇଥିବା ଘଟଣା ଖାଉଟି ମାନଙ୍କୁ ଚିନ୍ତା ଓ ଦ୍ୱନ୍ଦରେ ପକାଇ ଦେଇଥିଲା କିନ୍ତୁ ଯେଉଁ ଖାଉଟି ମାନେ ସୋସାଇଟିରେ ନିଜ ତଥା ନିଜ ପରିବାର ସଦସ୍ୟମାନଙ୍କ ର ନାମ ପଞ୍ଜିକରଣ କରିଥିଲେ । ସେହି ମେମ୍ବର ମାନେ ସୋସାଇଟିରୁ ପାସ୍ ବୁକ୍ ଖାତା ପାଇବା ପରେ ସେମାନଙ୍କ ମନରେ ଥିବା ସୋସାଇଟି ପ୍ରତି ଭୂଲ ଧାରଣା ଦୂର ହେବାସହ ସୋସାଇଟି ର ମେମ୍ବର ମାନଙ୍କୁ ଆଗାମୀ ଦିନରେ ମିଳିବାକୁ ଥିବା ବିଭିନ୍ନ ଜିନିଷ ଉପରେ ୧୫ ରୁ ୬୦ ପରସେଣ୍ଟରେ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଉପରେ ସବସିଡି ଓ ସ୍ୱାସ୍ଥ୍ୟ ସୁବିଧା ଏପରି ଅନ୍ୟାନ୍ୟ ସୁବିଧା ପାଇବାକୁ ନେଇ ଆଶାର ଆଲୋକ ଦେଖାଦେଇଛି । ଏହି ପାସ୍ ବୁକ୍ ମାଧ୍ୟମରେ କିପରି ଆଗାମୀ ଦିନରେ ଖାଉଟି ମାନେ ଲାଭ ବାନ ହୋଇପାରିବେ । ଏସ୍ ଏସ୍ ମାର୍ଟ ର କର୍ମଚାରିମାନେ ପ୍ରାଞ୍ଜଳ ଭାବରେ ସଚେତନ କରିଥିଲେ । ଏହି ପାସ୍ ବୁକ୍ ବଣ୍ଟନ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା ଇନ୍ ଚାର୍ଜ, ଡି. ଏ. ଏମ୍ ମଧୁସୂଦନ ମହାପାତ୍ର, ବି ଏମ୍ ଅମୃତାଞ୍ଜଳୀ ପଣ୍ଡା,ଏ ବି ଏମ୍ ବିକାଶ ବାଗ୍,ଏ .ବି. ଏମ୍ ସରସ୍ୱତୀ ନେଗୀ,ଏ ବି ଏମ୍ ରାଜୁ ରାମ ବାଗ,ଏ ବି ଏମ୍ ସୁବୋଧ କୁମାର କର , ଅମିତ୍ କୁମାର ପାତ୍ର,ପ୍ରମିଳା ପୋଢ ସହ ପି ଇ ଓ ଓ ଏ ଫି ଓ କର୍ମଚାରୀ ଉପସ୍ଥିତ ରହି ପାସ୍ ବୁକ୍ ବଣ୍ଟନ କରିଥିଲେ ।

# କ୍ଷିତିଜ୍ୟୋତିଃ ଆଶ୍ରମ ତରଫରୁ ଜୁଆଙ୍ଗ ବସ୍ତିରେ ମଶାରୀ ବଣ୍ଟନ



**ପାଟଣା,(ମହାଭାରତ) :** କେନ୍ଦୁଝର ଜିଲ୍ଲା ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ କ୍ଷିତିଜ୍ୟୋତିଃ ଆଶ୍ରମ ଘଟଗାଁ ଶାଖା ତରଫରୁ ଘଟଗାଁ ବ୍ଲକର ଶାନ୍ତରାପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଆଦିମ ଜନଜାତି ଅଧ୍ୟୁଷିତ କୁଲାଡେରା ଗ୍ରାମର ଜୁଆଙ୍ଗ ଲୋକ ମାନଙ୍କୁ ମଶାରୀ ବଣ୍ଟନ କରାଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଘଟଗାଁ ବ୍ଲକ ୯ନମ୍ବର ଜୋନର ଜିଲ୍ଲା ପରିଷଦ ସଦସ୍ୟ ସୁରେନ୍ଦ୍ର କୁମାର ଯେନା ଓ ବିଶ୍ୱ ହିନ୍ଦୁ ପରିଷଦର ବ୍ଲକ ସଭାପତି ସୁରେଶ କୁମାର ପାଣିଗ୍ରାହୀ ଏବଂ ଭାଗବତ ଟୁଙ୍ଗି ପ୍ରଚାର ସମିତି ବ୍ଲକ ସମ୍ପାଦକ ତଥା କ୍ଷିତିଜ୍ୟୋତିଃ ଆଶ୍ରମର କେନ୍ଦ୍ର ପରିଚାଳକ ଅର୍ଜୁନ ଚରଣ ମହାନ୍ତ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ପାର୍ବତ୍ୟାଂଚଳରେ ବସବାସ କରୁଥିବା ଜଙ୍ଗଲୀ ଅଧିବାସୀଙ୍କୁ ମଶା ଦାଉରୁ ରକ୍ଷା ପାଇବା ପାଇଁ ୩୪ଗୋଟି ପରିବାରକୁ ପ୍ରାୟ ୭୫ଖଣ୍ଡ ମଶାରୀ ବଣ୍ଟନ କରାଯାଇଛି । କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ କ୍ଷିତିଜ୍ୟୋତିଃ ଆଶ୍ରମର କେନ୍ଦ୍ର ସଂଗଠକ ବାବା ଚରମାନନ୍ଦ ଦାସ ପ୍ରତାପ । କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଭଗବାନ ବେହେରା, ଗୁରୁ ଚରଣ ମହାନ୍ତ, ସଦାନନ୍ଦ ବେହେରା, ସୁନୀଲ ବେହେରା, ଭୀମସେନ ପାତ୍ର, ନାରଦ ଜୁଆଙ୍ଗ, କୁନୁ ଜୁଆଙ୍ଗ ଓ କାର୍ତ୍ତିକ ଜୁଆଙ୍ଗ ।

# ଘରେ ପଶି କଳାକନା ବୁଲେଇ ଚାଲିଗଲେ



**କପ୍ତିପଦା,(ମହାଭାରତ) :** ଘରେ କେହି ନ ଥିବାର ସୁଯୋଗ ନେଇ ବିଳମ୍ବିତ ରାତିରେ ପଶିଲେ ଦୁର୍ବୃତ୍ତ । ଆଉ ଘରର କବାଟ ତାଡି ଘର ଭିତରେ ପଶି ବୁଲାଇଲେ କଳାକନା । ଏଭଳି ଘଟଣା ଘଟିଛି କପ୍ତିପଦା ଥାନା ତଳିଆ ଅଂଚଳରେ । ତଳିଆ ଅଂଚଳର ବୃନ୍ଦାବନ ଦଳେଇ ଯିଏ କି ଆର୍ମିରେ ଚାକିରୀ କରିଛନ୍ତି । ତାଙ୍କ ସ୍ତ୍ରୀ ଏବଂ ଦୁଇ ପିଲା ଡାକ୍ତର ଚିକିତ୍ସା ନିମନ୍ତେ ଦୁଇ ଦିନ ଭୁବନେଶ୍ୱର ଯାଇଥିଲେ । ଭୁବନେଶ୍ୱରରୁ ଫେରି ଘରେ ପହଂଚିବା ପରେ ଘରର ମୁଖ୍ୟ ଗ୍ରୀଲ ଏବଂ କବାଟ ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ । ପରେ ଘରେ ପଶିବା ପରେ ଘରୁ ଚୋରି ହୋଇଥିବା ଜାଣିପାରିଥିଲେ । ଏ ନେଇ ପୋଲିସ୍ ?କୁ ଖବର ଦେବା ପରେ ପୋଲିସ୍ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିବା ବେଳେ ଦୁର୍ବୃତ୍ତମାନେ ଘର ଭିତରେ ପଶି ଗଡରେଜ ତାଲା ଭାଙ୍ଗି ସେଥିରେ ଥିବା ନଗଦ ୫୫ ହଜାର ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ଏପରିକି ଟିଭି, କମ୍ବଳ ଆଦି ଚୋରି କରି ନେଇ ଚାଲିଯାଇଥିବା ଜଣାପଡିଛି । ତେଣେ ବାଲାଂଦେଶ ବର୍ଡରରେ ସୁରକ୍ଷାରେ ନିୟୋଜିତ ଥିବା ବୃନ୍ଦାବନ ଦଳେଇଙ୍କ ଘରେ ଚୋରି ହେବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଯେତେବେଳେ ଆର୍ମି ଅଧିକାରୀଙ୍କ ଘରୁ ଚୋରି ହେଉଛି ସେତେବେଳେ ସାଧାରଣ ଜନତା କେତେ ସୁରକ୍ଷିତ ତାହାକୁ ନେଇ ଉଠିଛି ପ୍ରଶ୍ନ ।

# ଅଙ୍ଗଦାନ ପାଇଁ କେନ୍ଦ୍ର ସରକାରଙ୍କ ସହିତ ଚୁକ୍ତିନାମା ସ୍ୱାକ୍ଷର କଲେ ଯୁବ ସମାଜ ସେବୀ

**କନ୍ଧମାଳ,(ମହାଭାରତ) :** ଆମ ସମାଜରେ ଅନେକ ପ୍ରତିଭା ଅଛନ୍ତି ସେମାନେ ସେବା ତ୍ୟାଗ ଅନନ୍ୟ ଆଦର୍ଶ ଉଚ୍ଚ ବିଚାର ଆଦି ଅନେକ ଶୋଭାନୀୟ ମହାଗୁଣର ଅଧିକାରୀ ।,ଆଉ ସେମାନେ ସମାଜର ସମ୍ମାନିତ ବ୍ୟକ୍ତିତ୍ୱ ହୋଇଥାନ୍ତି। ୨୦୦୦ ମସିହାରେ ହଠାତ ବାପାଙ୍କ ମୃତ୍ୟୁ ପରେ ବୁଲୁଙ୍କ ଉପରେ ପରିବାର ବୋଝ ପଡିଥିଲା କିନ୍ତୁ ତୁଳସୀ ଦୁଇ ପତ୍ରର ବାସିଲା ପରି ବୁଲୁ ଛାତ୍ର ଜୀବନରୁ ହିଁ ନିଜ ସାଙ୍ଗ ସାଥୀଙ୍କୁ ଏକାଠି କରି ଅସହାୟ ଦିନ ଦୁଃଖୀଙ୍କ ସାହାର୍ଯ୍ୟ କରିଆସୁଛନ୍ତି। ନିଜେ ଜଣେ ନିୟମିତ ରକ୍ତଦାତା ସହିତ ବୃଦ୍ଧ ବୃଦ୍ଧାଙ୍କୁ ଶୀତ ବସ୍ତ୍ର ପ୍ରଦାନ କରିବା ,ଗରିବ ଛାତ୍ର ଛାତ୍ରୀଙ୍କୁ ପାଠ୍ୟ ଉପକରଣ,ବୃକ୍ଷ ରୋପଣ, ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ବିଶ୍ୱ ମହାମାରୀ କୋରନା ସମୟରେ ମଧ୍ୟ ନିଜସ୍ୱ ପଇସାରେ ଉପାନ୍ତ ଅଞ୍ଚଳରେ ଥିବା ଜନଜାତିଙ୍କୁ ସଚେତନତା ସହିତ ମାସ୍କ, ସାନିଟାରୀ, ଶୁଖିଲା ଖାଦ୍ୟ ଯୋଗାଇ ଦେଇ ବେଶ ଚର୍ଚ୍ଚିତ ହୋଇଛନ୍ତି ନିଜ ଜିଲ୍ଲାରେ। ପେସାରେ ନିଜେ ଜଣେ ଶିକ୍ଷକ ହେଲେ ନିଶା ହେଉଛି ସମାଜ ସେବା କରିବା ପୁଣି ଥରେ କିଛି ଦିନ ତଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟକୁ ବୁଲୁ ଅଙ୍ଗଦାନ ପାଇଁ ଆବେଦନ କରିଥିଲେ। ଆଜି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟରୁ ସ୍ୱେଚ୍ଛାକୃତ ଅଙ୍ଗଦାନ କରିବା ପାଇଁ ପ୍ରମାଣ ପତ୍ର ପ୍ରଦାନ କରିଛି। ବୁଲୁ କହିଛନ୍ତି ଭଗବାନ ଦେଇଥିବା ଦୁର୍ଲଭ ମଣିଷ ଜନମ ସୁନ୍ଦର ଉପହାର ଯେ ତାଙ୍କ ଶରୀର ଅଙ୍ଗ ଆଉ କାହା ଶରୀରରେ ଲାଗିଲେ ସେ ଆତ୍ମ ସନ୍ତୋଷ ଅନୁଭବ କରିବେ ତାଙ୍କର ମାନବ ଜନମ ସାର୍ଥକ ହେବ ତେଣୁ ସେ ଖୁସି ମନରେ ସ୍ୱଇଚ୍ଛାରେ ଅଙ୍ଗ ଦାନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି ।ବୁଲୁ ଜଣେ ନିଷ୍କପଟ ପରୋପକାରୀ ଦିନ ଦୁଃଖୀ ଙ୍କ ଦରଦୀ ମଣିଷ କ୍ଷ ମଣିଷ ପରି ମଣିଷ ଟିଏ ଅନ୍ୟର ଦୁଃଖ ବିପଦ ଆପଦ ସମୟରେ ସହଯୋଗର ହାତ ବଢାଇ ସାହାର୍ଯ୍ୟ କରନ୍ତି । ଯାହାରି ଫଳରେ କନ୍ଧମାଳ ଜିଲ୍ଲାରେ ହଜାର ହଜାର ଯୁବକଙ୍କ ପାଇଁ ପ୍ରେରଣା ସାଜିଛନ୍ତି ବୁଲୁ ମଲିକ । ଏହି ମହତ୍ୱ କାର୍ଯ୍ୟର ଖବର ସାମାଜିକ ଗଣ ମାଧ୍ୟମ ରେ ପ୍ରସାରଣ ପରେ କନ୍ଧମାଳ ଜିଲ୍ଲାର ଅନେକ ବରିଷ୍ଠ ,ବ୍ୟକ୍ତି, ବୁଦ୍ଧିଜୀବୀ ବୁଲୁଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।



# ଶିଶୁ ନୂତନ ପ୍ରତିପାଳନ ଯତ୍ନ ନିୟମାବଳୀ ସମ୍ବନ୍ଧରେ ତାଲିମ



**ରାୟଗଡ଼ା,(ମହାଭାରତ) :** ଜିଲ୍ଲା ପ୍ରଶାସନ ତରଫରୁ ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଶିଶୁ ଲାଳନପାଳନ ନିୟମାବଳୀ ୨୦୨୪ ସଂକ୍ରାନ୍ତରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ଶ୍ରୀ ଭାସ୍କର ରଇତ ଏହି କାର୍ଯ୍ୟକ୍ରମରେ ମୁଖ୍ଯ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଶିଶୁ ସୁରକ୍ଷା ଅଧିକାରୀ ବିଚିତ୍ରା ସେଠୀ, ଶିଶୁ ମଙ୍ଗଳ କମିଟିର ସଦସ୍ଯ ସଦସ୍ଯାଗଣ, ଅତିରିକ୍ତ ଜିଲ୍ଲା ଶ୍ରମ ଅଧିକାରୀ, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ଯ ଅଧିକାରୀ, ଅତିରିକ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରିକାନ୍ତ ପାଣିଗ୍ରାହୀ, ଜିଲ୍ଲା ସମାନ ମଙ୍ଗଳ ବିଭାଗ ର ସୁରକ୍ଷା ଅଧିକାରୀ ପ୍ରତିମା ଦାଶ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ପ୍ରତାପ ଦାଶ, ନିରାକାର ପାଢ଼ୀ, ଜିଲ୍ଲା ର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ସୁପରଭାଇଜର, ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥାର କର୍ମକର୍ତ୍ତାଗଣ, ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନ ର କର୍ମକର୍ତ୍ତାଗଣ ଯୋଗଦେଇ ଶିଶୁ ନୂତନ ପ୍ରତିପାଳନ ଯତ୍ନ ନିୟମାବଳୀ ୨୦୨୪ ବିଷୟ ରେ ଆଲୋଚନା କରିଥିଲେ। ଅରୁଣା ଅନୁଷ୍ଠାନର ଜିଲ୍ଲା ପରାମର୍ଶଦାତା ପ୍ରମୋଦ କୁମାର ନାୟକ ଉକ୍ତ ନୀୟମାବଳୀ ତାଲିମ ଦେଇଥିଲେ ଓ ବାଲ୍ୟ ବିବାହ ନିଷେଧ ଜିଲ୍ଲା ପରାମର୍ଶଦାତା ରନହ୍ୱେର ସାହୁ ନିୟମାବଳୀ ବିଷୟରେ ଆଲୋଚନା କରିଥିଲେ।

# ଜାତୀୟ କ୍ରୀଡ଼ା ଦିବସ ୨୦୨୪ ପାଳିତ



**ରାୟଗଡ,(ମହାଭାରତ) :** ହକି କିମ୍ବଦନ୍ତି ମେଜର ଧ୍ୟାନ ଚନ୍ଦଙ୍କ ଜନ୍ମ ଜୟନ୍ତୀ ଅବସରରେ ଜିଲ୍ଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳିତ ହୋଇଯାଇଛି କ୍ଷ ଆଜି ଏହି ଉପଲକ୍ଷେ ରାୟଗଡ କ୍ରୀଡା ବିଭାଗ ତରଫରୁ ସମୂହ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲାପାଳ ଶ୍ରୀ ଭାସ୍କର ଚନ୍ଦ୍ର ରଇତ ମୁଖ୍ୟ ଅତିଥି, ଉପଜିଲ୍ଲାପାଳ ରାୟଗଡ, କଲ୍ୟାଣୀ ସଂଘମିତ୍ରା ଦେବୀ, ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଅଲିନୁର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ ପ୍ରଧାନ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ, ଶ୍ରୀକାନ୍ତ ପାଣିଗ୍ରାହୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାଳୁଚରଣ ନାୟକ, ବ୍ୟାଡ଼ମେଣ୍ଟନ ସଂଘର କର୍ମକର୍ତ୍ତା, କ୍ରୀଡ଼ାବିତ, ଯୋଗ ଦେଇ ପ୍ରବାଦ ପୁରୁଷ ଧ୍ୟାନ ଚାନ୍ଦଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରିବା ପରେ ସ୍ଥାନୀୟ ସଦଭାବନା କ୍ରୀଡ଼ାଙ୍ଗନ ଠାରୁ ପତାକା ଦେଖାଇ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ପଦଯାତ୍ରାରେ କ୍ରୀଡା ଶିକ୍ଷକ, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଜନସାଧାରଣ, ଗଣମାଧ୍ୟମ ପ୍ରତିନିଧି, କଲେଜ,ସ୍କୁଲର ଛାତ୍ର ଛାତ୍ରୀ ବହୁ ସଂଖ୍ୟାରେ ଯୋଗ ଦେଇ ସହରର ଆର ଆଇସି ଛକ ଦେଇ ମଙ୍ଗଳା ମନ୍ଦିର ପର୍ଯ୍ୟନ୍ତ ଯିବା ପରେ ସେଠାରୁ ପୁଣି ଫେରି ସଦଭାବନା କ୍ରୀଡ଼ାଙ୍ଗନ ଠାରେ ସମାପନ ହୋଇଥିଲା । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମହିଳା ମହା ବିଦ୍ୟାଳୟର କ୍ରୀଡା ଅଧାପିକା ରିତା ରାଣୀ ମିଶ୍ର,ୱେଟ ଲିଫଟିଙ୍ଗ ସଂଘର ଦୋରା କଣ୍ଡଗିରି, ବ୍ୟାଡ଼ମୀଣ୍ଟନ ସଂଘର ମୁନା ବୈରଭ ଜୈନ, ଫୁଟବଲ ସଂଘର ମନୋଜ କୁମାର ନାୟକ,ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ଅନ୍ୟାନ୍ୟ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଶିକ୍ଷୟତ୍ରୀ, କ୍ରୀଡ଼ାବିତ ପ୍ରମୁଖ ଉପସ୍ଥିତ ରହିଥିଲେ।

# ମହିଳା ଓ ଶିଶୁ ବିକାଶ ବିଭାଗର ସୁଭଦ୍ରା ଯୋଜନା ପାଇଁ ପ୍ରଶିକ୍ଷଣ

**ଅସ୍ତରଙ୍ଗ,(ମହାଭାରତ) :** ସରକାର କୁ ଆସିବା ପୂର୍ବରୁ ରାଜ୍ୟ ରେ ବିଜେପି ନିର୍ବାଚନ ଇସ୍ତାହାର ରେ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସୁଭଦ୍ରା ଯୋଜନା କୁ ପ୍ରଚାର କରିଥିଲା, ଏବେ ରାଜ୍ୟ ରେ ବିଜେପି ସରକାର ଗଠନ ପରେ ଏହି ଯୋଜନା କୁ କାର୍ଯ୍ୟକାରୀ କରିବା ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ବିଭିନ୍ନ ଜିଲ୍ଲା ରେ ଆରମ୍ଭ କରିଛି, ଯାହାକୁ ନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ରେ ଆଜି କିଛି ଅଙ୍ଗନବାଡି କର୍ମୀଙ୍କୁ ନେଇ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଏହି କାର୍ଯ୍ୟକ୍ରମ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଛି, ପ୍ରଥମେ ରାଜ୍ୟ ସରକାର ଙ୍କ ଏହି ଯୋଜନାକୁ ନେଇ ଯେଉଁ ଉଦ୍ଦେଶ୍ୟ ଯଥା ଆର୍ଥିକ ସହାୟତା ପ୍ରଦାନ କରି ମହିଳା ମାନଙ୍କ ଅଧିକାର ବିଷୟରେ ସଚେତନତା କରାଇବା, ଆର୍ଥିକ ସ୍ୱାଧୀନତା, ଶିକ୍ଷାଗତ ସ୍ଥିତି ରେ ସୁଧାର ଆଣିବା, ଡିଜିଟାଲ ଆର୍ଥିକ ସ୍ୱାକ୍ଷରତା କୁ ଉତ୍ସାହିତ କରିବା ଏବଂ ବ୍ୟକ୍ତିଗତ ତଥା ବୃତ୍ତିଗତ ଅଭିବୃଦ୍ଧି ରେ ସେମାନଙ୍କୁ ସଶକ୍ତ କରାଇବା, ଏହି ବାବଦରେ ପ୍ରଥମେ ଆଲୋଚନା କରାଯିବା ପରେ କିପରି ହିତାଧିକାରୀ ମହିଳା ଙ୍କ ନିକଟରେ ଫର୍ମ ପହଞ୍ଚିବ ଓ ଆଧାର ର ବୟସ ଅନୁସାରେ ଏହି ଯୋଜନା ଅନ୍ତର୍ଭୁକ୍ତ ବୟସ ସୀମାକୁ ଉଲ୍ଲେଖ କରାଯିବ, ତା ସହିତ ଯେଉଁମାନେ ଅଫଲାଇନ ନକରିବେ, ସହଜ ଜନସେବା କେନ୍ଦ୍ରର କିପରି ଅନଲାଇନ ଆବେଦନ କରିବେ ସେହି ସଂକ୍ରାନ୍ତ ରେ ଉପସ୍ଥିତ ଅଙ୍ଗନବାଡି କର୍ମୀ ମାନଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ପ୍ରଶିକ୍ଷଣ ଦିଆଯାଇଛି, ସରକାର ଙ୍କ ଯୋଜନା ମୁତାବକ ୫ ବର୍ଷକୁ ୫୦, ୦୦୦/- ଆର୍ଥିକ ସହାୟତା, ଯାହାକୁ ୨ ଭାଗ କରି ୧ ବର୍ଷକୁ ୧୦, ୦୦୦/- ଟଙ୍କା ରେ ସହାୟତା ଦିଆଯିବ, ଏହି ଟଙ୍କା ସିଧା ମହିଳା ଙ୍କ ଆକାଉଣ୍ଟ କୁ ଯିବ, ସେ ବାବଦରେ ହିତାଧିକାରୀ ମହିଳା ଙ୍କୁ ଏକ ଡିଜିଟାଲ ଅର୍ଥ ଉଠାଣ କାର୍ଡ ଯୋଗାଇ ଦିଆଯିବ, ଗୋଟେ କିସ୍ତି ରେ ଧାର୍ଯ୍ୟ ୫୦୦୦/- ଟଙ୍କା,ଯାହାକୁ ଗୋଟେ ବର୍ଷ ରେ ଅନ୍ତର୍ଜାତୀୟ ମହିଳା ଦିବସ ଓ ରକ୍ଷାବନ୍ଧନ ରେ ୨ ଟି କିସ୍ତି ରେ ୧୦, ୦୦୦/- ପଠାଯିବ, ମୋଟାମୋଟି ଭାବେ ସୁଭଦ୍ରା ଯୋଜନା ରେ ଅନ୍ତର୍ଭୁକ୍ତ ମହିଳା ସରକାର ଙ୍କ ଏହି ଯୋଜନା ରୁ କିପରି ଉପକୃତ ହେବେ ଓ ସ୍ୱାବଲମ୍ବୀ ହେବେ ତାକୁ ନେଇ ପ୍ରଶିକ୍ଷଣ ରେ ଆଲୋକା ହୋଇଛି, ରାଜ୍ୟ ସରକାର ଙ୍କ ମହିଳା ସଶକ୍ତିକରଣ ପାଇଁ ଥିବା ଉଦ୍ଦେଶ୍ୟ କୁ କିପରି ଅଞ୍ଚଳ ରେ ସମସ୍ତ ମହିଳା ଙ୍କ ନିକଟରେ ପହଞ୍ଚାଯିବ ସେଥିପାଇଁ ଅଙ୍ଗନବାଡି କର୍ମୀ କୁ ପରାମର୍ଶ ଦିଆଯାଇଛି, ଏହି କାର୍ଯ୍ୟକ୍ରମ ରେ ଅସ୍ତରଙ୍ଗ ମହିଳା ଓ ଶିଶୁ ବିକାଶ ବିଭାଗ ର ଅଧିକାରୀ ଶ୍ରୀମତୀ ଅରୁଣା କର, ଜିଲ୍ଲା ଜନସେବା କେନ୍ଦ୍ର ର ପରିଚାଳକ ସୁନୀଲ କୁମାର ସାହୁ, ଓ ସ୍ଥାନୀୟ ମହିଳା ଶିଶୁ ବିକାଶ ବିଭାଗ ର ସୁପରଭାଇଜର ଲକ୍ଷ୍ମୀ ନାୟକ ଉପସ୍ଥିତ ରହିଥିଲେ।

# ଦିବ୍ୟାଙ୍ଗ ସହାୟକ ସାମଗ୍ରୀ ପ୍ରଦାନ ନିମନ୍ତେ ପଞ୍ଜିକରଣ ଶିବିର



**କପ୍ତିପଦା,(ମହାଭାରତ) :** ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଦିବ୍ୟାଙ୍ଗ ମାନଙ୍କୁ ସହାୟକ ସାମଗ୍ରୀ ପ୍ରଦାନ ପାଇଁ ପଞ୍ଜିକରଣ ଶିବିର କପ୍ତିପଦା ସଂସ୍କୃତିଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । କପ୍ତିପଦା ବ୍ଲକ ର ୨୬ ଗୋଟି ଗ୍ରାମ ପଞ୍ଚାୟତ ରେ ବସବାସ କରୁଥିବା ଦିବ୍ୟାଙ୍ଗ ମାନଙ୍କ ପାଇଁ ଏହି ପଞ୍ଜିକରଣ ଶିବିର ଆୟୋଜିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ୫୭୬ ଜଣ ଦିବ୍ୟାଙ୍ଗ ନାମ ପଞ୍ଜିକରଣ କରିଥିଲେ । ସେଥି ମଧ୍ୟରୁ ୪୩୦ ଜଣ ଯୋଗ୍ୟ ବିବେଚିତ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ଗୌରୀଶଙ୍କର ବେହେରା, ପ୍ରିନ୍ସ ପ୍ରୀତିରଞ୍ଜନ ସାହୁ, ସୁରେନ୍ଦ୍ର ଭୋଇ, ଶିବମ ଶୁକ୍ଲା, ଯୋଗେଶ ପ୍ରତାପ ସିଂ ପ୍ରମୁଖ ସହଯୋଗ କରିଥିଲେ । ପରିଚାଳନା କରିଥିଲେ ସାମାଜିକ ସୁରକ୍ଷା ଅଧିକାରୀ ସ୍ମିତା ମାଝୀ, ତପନ କୁମାର ରାଉତ, ଦିବ୍ୟଶଙ୍କର ପାଲ ପ୍ରମୁଖ । ତେବେ ଯେଉଁମାନେ ଏଥିରୁ ବଞ୍ଚିତ ହୋଇଥିବେ ସେମାନେ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟରେ ନାମ ପଞ୍ଜିକରଣ କରିପାରିବେ ବୋଲି ବି ଡି ଓ ସିଦ୍ଧେଶ୍ୱର ନାଏକ ପ୍ରକାଶ କରିଛନ୍ତି ।

# ଦଳକ ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ



**କଣିହାଁ,(ମହାଭାରତ) :** କଣିହାଁ ବ୍ଲକ ଦଳକ କାର୍ଯ୍ୟାଳୟ ପରିସରରେ ପଲ୍ଲୀରେ ପ୍ରଶାସନିକ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା । ଏହି ଆୟୋଜିତ କାର୍ଯ୍ଯକ୍ରମରେ ସରପଞ୍ଚ ମିତାଲି ଡାକୁଆଙ୍କ ଅଧକ୍ଷତା କରି ଥିଲେ । ଏଥିରେ କଣିହାଁ ବିଡିଓ ଦେବଦତ୍ତ ପ୍ରଧାନ ସହକାରୀ ଯନ୍ତ୍ରୀ ଲସ ମାରାଣ୍ଡି ସିଡିପିଓ ରେଣୁବାଳା ଦେଇ ଜିପିଇଓ ବିଜୟ କୁମାର ସାହୁ ପଞ୍ଚାୟତ ର ସମିତ ସଭ୍ୟ, କାର୍ଯ୍ୟକାରୀ ସାମାଜିକ ସୁରକ୍ଷା ଅଧିକାରୀ ଟୁକୁନା ବେହେରା ପଞ୍ଚାୟତ ନିର୍ବାହୀ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ ପ୍ରମୁଖ ଅଧିକାରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଅଧିକାରୀ ମାନେ ଆଲୋକପାତ କରିଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ବିଭିନ୍ନ ଅଧିକାରୀଙ୍କ କାର୍ଯ୍ୟ ଦକ୍ଷତା କୁ କ୍ରିୟାଶୀଳ କରିବା ସହିତ ଜନସାଧାରଣ ଙ୍କ ସମସ୍ୟା ଆଶୁ ସମାଧାନ ପାଇଁ ଅଧିକାରୀମାନେ ତତ୍ପରତା ହେବାକୁ ପଡିବ ବୋଲି ମତବ୍ୟକ୍ତ କରିଥିଲେ । ପଲ୍ଲୀରେ ପ୍ରଶାସନିକ ଅଧିକାରୀ ମାନେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣୀ ରେ ବିଭିନ୍ନ ଗ୍ରାମରୁ ମଧୁବାବୁ ପେନସନ ଯୋଜନା, ରାସନ କାର୍ଡ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଶେଷ ହୋଇ ଥିବା ବେଳେ ହିତାଧିକାରୀଙ୍କୁ ତାଙ୍କର ବକେୟ ପ୍ରାପ୍ୟ ପାଇବା ପାଇଁ ଅଭିଯୋଗ ହୋଇଛି । ସ୍ୱାସ୍ଥ୍ୟ କେନ୍ଦ୍ର ଠାରୁ ଦୁରତା ଥିବାରୁ ନିଶୁଳ୍କ ସ୍ୱାସ୍ଥ୍ୟ ସେବା, ପଶୁ ମାନଙ୍କ ପାଇଁ ଅନୁନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ରାସ୍ତା ନିର୍ମାଣ ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ବ୍ଲକର ସମସ୍ତ ଅଧିକାରୀ ମାନେ ଯୋଗଦାନ କରି ଉପସ୍ଥିତ ରହି ଥିଲେ।

## ମିକ୍ସଚର ମେସିନରେ ପଡ଼ି ଶ୍ରମିକଙ୍କ ମୃତ୍ୟୁ ଘଟଣା

# ସିମେଣ୍ଟ ଇଟା ଫ୍ୟାକ୍ଟ୍ରି ମାଲିକ ଓ ତାର ଭାଇ ଗିରଫ ପରେ ଥାନାରୁ ଜାମିନରେ ଖଲାସ





**ବିଷମ କଟକ,(ମହାଭାରତ) :** ରାୟଗଡ଼ା ଜିଲ୍ଲା ବିଷମକଟକ ଥାନା ଦୁର୍ଗାସ୍ଥିତ ସିମେଣ୍ଟ ଇଟା ତିଆରି ଫ୍ୟାକ୍ଟ୍ରିର ମିକ୍ସଚର ମେସିନରେ ପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟଣାକୁ ୪ ଦିନ ପରେ ବିଷମ କଟକ ପୋଲିସ ସୁପ୍ରିମକୋର୍ଟର ନିୟମ ଅନୁଯାୟୀ ସିମେଣ୍ଟ ଇଟା ଫ୍ୟାକ୍ଟ୍ରି ମାଲିକ ଓ ତାର ଭାଇ ଗିରଫ ପରେ ଥାନା ରୁ ବ୍ୟକ୍ତିଗତ ମୁଚାଲିକାରେ ଜାମିନ ରେ ଖଲାସ କରାଯାଇଛି ବୋଲି ବିଷମ କଟକ ଥାନାଧିକାରୀ ସୂର୍ଯ୍ୟ ଚନ୍ଦ୍ର ପାଢ଼ୀ ସୂଚନା ପ୍ରଦାନ କରିଛନ୍ତି । ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ରେ ବିଳମ୍ବ ଘଟିଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଗତ ୨୫ ତାରିଖ ଦିନ ଦୁର୍ଗା ଗ୍ରାମପଞ୍ଚାୟତ ରିଙ୍ଗାବାଇ ଗ୍ରାମର ଅଜିତ ପିଡ଼ିକାକା (୩୫) ଏହି ସିମେଣ୍ଟ ଇଟା କାରଖାନାରେ ମିକ୍ସଚର ମେସିନ ସଫା କାମ କରୁଥିବା ବେଳେ ଅଚାନକ ମେସିନ ଚଲାଇ ଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣା ଦୁର୍ଗାସ୍ଥିତ ମାଣିକେଶ୍ୱରୀ କ୍ରସର ପରିସରରେ ରହିଥ ?ିବା ସିମେଣ୍ଟ ଇଟା ଫ୍ୟାକ୍ଟି ରେ ହୋଇଥିଲା । ମୃତକଙ୍କ ପରିବାର ଏବଂ ସମ୍ପର୍କୀୟମାନେ କ୍ଷତିପୂରଣ ଦାବି ନେଇ ମାଲିକ ସହ ବୁଝାମଣା ହୋଇ କ୍ଷତି ପୂରଣ ଦେବା ପରେ ପରିସ୍ଥିତି ସୁଧୁରି ଥିବା ଜଣାପଡିଛି । ବିଷମ କଟକ ଥାନା କେସ ନଂ ୧୫୦/୨୫/୮/୨୦୨୪ ରେ ଭାରତୀୟ ନ୍ୟାୟ ସଂହିତା ୨୮୯/ ୧୦୬ ରେ ମାମଲା ରୁଜୁ କରି ଦୁର୍ଗା ଇଟା ଫ୍ୟାକ୍ଟ୍ରି ମାଲିକ ଭି: ସୁରେଶ ଓ ତାଙ୍କ ଭାଇ ଭି : ରାଜେଶ୍ କୁ ବୁଧବାର ସନ୍ଧ୍ୟାରେ ଗିରଫ କରି ସୁପ୍ରିମ କୋର୍ଟ ନିୟମ ଅନୁଯାୟୀ ସେମାନଙ୍କୁ ଥାନା ରେ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ି ଦିଆଯାଇଛି ଓ କମ୍ପାନୀ ନିୟମ ଅନୁଯାୟୀ ତାର ନଥିପତ୍ର ଯାଞ୍ଚ କରି ତଦନ୍ତ କରାଯାଉଛି ବୋଲି ପୋଲିସ କହିଛି ।

# ପ୍ୟାରିସ୍ ପାରାଲିମ୍ପିକ୍ସ ଆରମ୍ଭ



ପ୍ୟାରିସ୍, ୨୯।୮ : ରଙ୍ଗାରଙ୍ଗ ପରିବେଶ ଏବଂ ଦିବ୍ୟାଙ୍ଗଙ୍କ ଅସାଧାରଣ ପ୍ରତିଭାର ବଳିଷ୍ଠ ନମୁନାର ପ୍ରତିଶ୍ରୁତି ବହନ କରି ପ୍ୟାରିସ୍ ପାରାଲିମ୍ପିକ୍ସ ବୁଧବାର ରାତିରେ ଉଦଘାଟିତ ହୋଇଯାଇଛି ଉଦ୍‌ଘାଟନୀ ଉତ୍ସବରେ ରେକର୍ଡ ସଂଖ୍ୟକ ପ୍ରତିନିଧି ଓ ମହିଳା ଖେଳାଳିଙ୍କ ଉପସ୍ଥିତିରେ ଉଦ୍‌ଘାଟିତ ହୋଇଥିଲା । ଏହି କ୍ରୀଡ଼ା ମହାକୁମ୍ଭ ପ୍ୟାରିସ୍‌ରେ ପ୍ରଥମ ଥର ଲାଗି ପାରାଲିମ୍ପିକ୍ସ ଆୟୋଜିତ ହେଉଥିବାରୁ ଫ୍ରାନ୍ସ ସାରା ଏହାକୁ ନେଇ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି । ଅଲିମ୍ପିକ୍ସ ଭଳି ପାରାଲିମ୍ପିକ୍ସର ଉଦ୍‌ଘାଟନୀ ଉତ୍ସବ ମଧ୍ୟ ଷ୍ଟାଡିୟମ୍ ବାହାରେ ଆୟୋଜିତ ହୋଇଛି । ଏଥରର ପାରାଲିମ୍ପିକ୍ସରେ ସାରା ବିଶ୍ୱର ୪୪୦୦ ଭିନ୍ନକ୍ଷମ ଖେଳାଳିଙ୍କୁ ନେଇ ବୁଧବାରଠାରୁ ପ୍ୟାରିସ୍‌ରେ ଆରମ୍ଭ ହେବ । ପାରାଲିମ୍ପିକ୍ସର ସପ୍ତଦଶ ସଂସ୍କରଣ ୨୨ କ୍ରୀଡ଼ାର ୫୪୯ ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା ହେବ । ସେପ୍ଟେମ୍ବର ୮ ତାରିଖ ପର୍ଯ୍ୟନ୍ତ ୧୨ ଦିନ ଧରି ଭିନ୍ନକ୍ଷମ କ୍ରୀଡ଼ାରେ ଉତ୍କର୍ଷ ଲାଭ କରିଥିବା ଖେଳାଳି କ୍ରୀଡ଼ା ମହାକୁମ୍ଭର ସ୍ମରଣୀୟ ପଦକ ଲାଗି ପରସ୍ପର ସହ ଲଢୁଥିବାର ଦେଖିବାକୁ ମିଳିବେ । ଭାରତୀୟ ଭିନ୍ନକ୍ଷମ କ୍ରୀଡ଼ା ଇତିହାସର ସର୍ବବୃହତ ଦଳ (୮୪ଜଣିଆ) ଏଥିରେ ଅଂଶଗ୍ରହଣ କରିବେ । ଭାରତ ଏଥର ୨୫ଟି ପଦକ ଜିତିବ ବୋଲି ପାରାଲିମ୍ପିକ୍ସ କମିଟି ଅଫ୍ ଇଣ୍ଡିଆର ସଭାପତି ଦେବେନ୍ଦ୍ର ଝାଝରିଆ ଦୃଢ଼ ଆଶାପୋଷଣ କରିଛନ୍ତି ।

# ପାରାଲିମ୍ପିକ୍ସ : ବିଶ୍ୱ ରେକର୍ଡରୁ ଅଳ୍ପକେ ବଞ୍ଚିତ ଶୀତଲ



ପ୍ୟାରିସ, ୨୯।୮ : ଭାରତର ତଥା ବିଶ୍ୱର ଏକମାତ୍ର ହାତ ନଥିବା ମହିଳା ତୀରନ୍ଦାଜ ଶୀତଲ ଦେବୀ ପ୍ୟାରିସ ଅଲିମ୍ପିକ୍ସରେ ବିଶ୍ ରେକର୍ଡକୁ ଅଳ୍ପକେ ମିସ୍ କରି ଯାଇଛନ୍ତି । ମହିଳା ବ୍ୟକ୍ତିଗତ କମ୍ପାଉଣ୍ଡ ପ୍ରତିଯୋଗିତାରେ ଶୀତଲ କମାଲ କରିଥିଲେ ହେଁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ରାଙ୍କିଂ ରାଉଣ୍ଡରେ ଭାଗ ନେଇଥିବା ଶୀତଲ ୭୦୩ ପଏଣ୍ଟ ସ୍କୋର କରି ପ୍ରଥମେ ପାରା ଗେମ୍ସ ଓ ବିଶ୍ୱ ରେକର୍ଡକୁ ଭାଙ୍ଗି ଦେଇଥିଲେ । କିନ୍ତୁ ସମାନ ପ୍ରତିଯୋଗିତାରେ ଭାଗ ନେଇଥିବା ତାଙ୍କ ପ୍ରତିପକ୍ଷ ଖେଳାଳି କିଛି ମିନିଟ ମଧ୍ୟରେ ନିଜର ଶେଷ ଶଟ୍‌ରେ ଶୀତଲଙ୍କୁ ପଛରେ ପକାଇ ଦେଇଥିଲେ । ତୁର୍କୀର ଓଜନୁର ଗ୍ରୀଡି କ୍ୟୁରେ ୭୦୪ ପଏଣ୍ଟ ସ୍କୋର କରି ବିଶ୍ୱ ରେକର୍ଡକୁ ନିଜ ନାଁରେ କରି ନେଇଛନ୍ତି । ପୂର୍ବରୁ ପାରା ଗେମ୍ସର ରେକର୍ଡ ଜେସିକା ଷ୍ଟେରେଟନ (୬୯୪) ଓ ବିଶ୍ୱ ରେକର୍ଡ ଫୋଇବା ପାଟେରସନ(୬୯୮)ଙ୍କ ନାଁରେ ଥିଲା । ହେଲେ ଉଭୟ ଶୀତଲ ଓ ଓଜନୁର ଆଜି ଏହାକୁ ରାଉଣ୍ଡ ଅଫ ୩୨ରେ ଭାଙ୍ଗି ଦେଇଛନ୍ତି । ରାଙ୍କିଂ ରାଉଣ୍ଡ ଆରମ୍ଭରୁ ଶୀତଲ ନିଜର ଦବଦବା ଦେଖାଇଥିଲେ ଦ୍ୱିତୀୟ ଭାଗରେ ତାଙ୍କର ଲକ୍ଷ୍ୟ ଅଧିକ ଶାଣିତ ହୋଇଥିଲା । ସେ ବ୍ରାଜିଲର କର୍ଲା ଗୋଗେଲ ଓ ତୁର୍କୀର ଓଜନୁରଙ୍କୁ ଅତିକ୍ରମ କରି ଯାଇଥିଲେ । ସେ ଶୀର୍ଷରେ ରହି ପରବର୍ତ୍ତୀ ରାଉଣ୍ଡକୁ ଯିବେ ବୋଲି ଆଶା କରାଯାଉଥିଲା । କିନ୍ତୁ ଶେଷ ପ୍ରୟାସରେ ସେ ୯ ପଏଣ୍ଟକୁ ହିଟ କରିଥିଲେ । ଫଳରେ ତାଙ୍କର ପଏଣ୍ଟ ସଂଖ୍ୟା ୭୦୩ରେ ରହି ଯାଇଥିଲା । ଓଜନୁର ଶେଷ ପ୍ରୟାସରେ ୧୦ ପଏଣ୍ଟକୁ ହିଟ କରିବାରୁ ତାଙ୍କ ସ୍କୋର ୭୦୪ ହୋଇଯାଇଥିଲା

# ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ଖୋ ଖୋ ମ୍ୟାଚ୍

ଜଗତସିଂହପୁର, ୨୯।୮: ଆଜି ଜାତୀୟ କ୍ରୀଡା ଦିବସ ଉପଲକ୍ଷେ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲା କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ଖୋ ଖୋ ମ୍ୟାଚ୍ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଅଛି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର ଏଂ ପୁରୋହିତପୁର ସରକାରୀ ଉଚ୍ଚ ବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚ୍‌କୁ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଓ ଜିଲ୍ଲା କ୍ରୀଡା ଅଧିକାରୀ ବିଶ୍‌ବିଜୟିନୀ ପଟ୍ଟନାୟକ ଉଦ୍ଘାଟିତ କରି କ୍ରୀଡାବିତ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ମ୍ୟାଚ୍ ଟିକୁ ପୁରୋହିତପୁର ସରକାରୀ ଉଚ୍ଚ ବିଦ୍ୟାଳୟ ୭ପଏଣ୍ଟ ରେ ଜିତିଥିଲେ । ଜାତୀୟ କ୍ରୀଡା ଦିବସ ପାଳନ ଅବସରରେ ସପ୍ତାହ ବ୍ୟାପୀ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ଆୟୋଜିତ କରାଯାଇଛି । ଆଜି ଏହାର ତୃତୀୟ ଦିବସ ମ୍ୟାଚ୍ ଖେଳାଯାଇଥିଲା ।



# ଏସୀୟ ଚମ୍ପିଅନ୍ସ ଟ୍ରଫି ଦଳରେ ଓଡ଼ିଶାରୁ ଅମିତ



ନୂଆଦିଲ୍ଲୀ, ୨୯।୮ : ଚୀନର ହୁଲୁନବରଠାରେ ହେବାକୁ ଥିବା ଏସୀୟ ଚମ୍ପିଅନ୍ସ ଟ୍ରଫି ପାଇଁ ହକି ଇଣ୍ଡିଆ । ପକ୍ଷରୁ ୧୮ ଜଣିଆ । ଭାରତୀୟ ଦଳର ଘୋଷଣା କରାଯାଇଛି ଏହି ପ୍ରତିଯୋଗିତା ସେପ୍ଟେମ୍ବର ୮ରୁ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ ଭାରତ ବ୍ୟତୀତ କୋରିଆ, ମାଲେସିଆ, ପାକିସ୍ତାନ, ଜାପାନ ଏବଂ ଆୟୋଜକ ଚୀନ୍ ଏଥିରେ ଅଂଶଗ୍ରହଣ କରୁଛନ୍ତି ହର୍ମନପ୍ରୀତ୍ ସିଂହଙ୍କ ନେତୃତ୍ୱରେ ଘୋଷଣା ହୋଇଥିବା ଭାରତୀୟ ଦଳରେ ବିବେକ ସାଗର ପ୍ରସାଦଙ୍କୁ ଉପଅଧିନାୟକ ନିଯୁକ୍ତ କରାଯାଇଛି । ଗୋଲ୍‌କିପର ଭାବେ କ୍ରିଷ୍ଣନ ବାହାଦୁର ପାଠକ ଓ ସୂରଜ କେର୍କେରାଙ୍କୁ ସ୍ଥାନ ମିଳିଛି । ନିୟମିତ ଗୋଲରକ୍ଷକ ପିଆର୍ ଶ୍ରୀଜେଶ ଅବସର ନେଇସାରିଥିବାରୁ ପ୍ୟାରିସ୍ ଅଲିମ୍ପିକ୍ସ ପରେ ତାଙ୍କ ବିନା ଏହା ଭାରତର ପ୍ରଥମ ଆନ୍ତର୍ଜାତିକ ପ୍ରତିଯୋଗିତା ହେବାକୁ ଯାଉଛି । ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ସନ୍ତୁଳିତ ଭାରତୀୟ ଦଳ ଗଠନ କରାଯାଇଛି । ପ୍ୟାରିସ୍ ଅଲିମ୍ପିକ୍ସ ଦଳରୁ ୧୦ ଜଣଙ୍କୁ ଏଥିରେ ନିଆଯାଇଥିଲା ବେଳେ ୫ଜଣ ଖେଳାଳି ହାର୍ଦ୍ଦିକ ସିଂହ, ମନଦୀପ ସିଂହ, ଲଳିତ ଉପାଧ୍ୟାୟ, ସମସେର ସିଂହ ଓ ଗୁରଜାନ୍ତ ସିଂହଙ୍କୁ ବିଶ୍ରାମ ଦିଆଯାଇଛି । ସେପ୍ଟେମ୍ବର ୮ ତାରିଖରେ ଭାରତ ପ୍ରଥମ ମ୍ୟାଚ୍‌ରେ ଚୀନ୍ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ । ପରେ ୯ ତାରିଖରେ ଜାପାନ, ୧୧ ତାରିଖରେ ମାଲେସିଆ, ୧୨ ତାରିଖରେ କୋରିଆ, ୧୪ ତାରିଖରେ ପାକିସ୍ତାନ ସହିତ ଲିଗ୍ ପର୍ଯ୍ୟାୟ ଖେଳିବ । ୧୬ ତାରିଖରେ ସେମିଫାଇନାଲ୍ ଓ ୧୭ ତାରିଖରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।


ଭାରତୀୟ ଦଳ: ଗୋଲକିପର- କ୍ରିଷ୍ଣନ ବାହଦୁର ପାଠକ, ସୂରଜ କେର୍କେରା, ଡିଫେଣ୍ଡର- ଜର୍ମନପ୍ରୀତ୍ ସିଂହ, ଅମିତ ରୋହିଦାସ, ହର୍ମନପ୍ରୀତ୍ ସିଂହ, ଯୁଗରାଜ ସିଂହ, ସଂଜୟ, ସୁମିତ, ମିଡ୍‌ଫିଲ୍ଡର-ରାଜ କୁମାର ପାଲ୍, ନିଶିକାନ୍ତ ଶର୍ମା, ବିବେକ ସାଗର ପ୍ରସାଦ, ମନପ୍ରୀତ୍ ସିଂହ, ମହମ୍ମଦ ରାହିଲ ମେସିନ, ଫରାର୍ଡ- ଅଭିଷେକ, ସୁଖଜୀତ ସିଂହ, ଅରିଜିତ ସିଂହ ହୁଣ୍ଡାଲ, ଉତ୍ତମ ସିଂହ, ଗୁରଜୋତ ସିଂହ ।

# 'ମୁଁ ବ୍ୟାଡମିଣ୍ଟନର ବିରାଟ କୋହଲି ହେବାକୁ ଚାହୁଁଛି'




ନୂଆଦିଲ୍ଲୀ, ୨୯।୮: ନିକଟରେ ଶେଷ ହୋଇଥିବା ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତୀୟ ବ୍ୟାଡମିଣ୍ଟନ ଷ୍ଟାର ଲକ୍ଷ୍ୟ ସେନ ହୁଏତ ପଦକ ଜିତି ନ ଥିଲେ, କିନ୍ତୁ ତାଙ୍କର ଦୃଢ ପ୍ରଦର୍ଶନ ସହିତ ସେ ନିଶ୍ଚିତ ଭାବରେ ସମସ୍ତଙ୍କ ହୃଦୟ ଜିତିଥିଲେ ବର୍ତ୍ତମାନ ଭାରତୀୟ ବ୍ୟାଡମିଣ୍ଟନ ତାରକା ଏକ ସାକ୍ଷାତକାରରେ କହିଛନ୍ତି, ସେ ବିରାଟ କୋହଲିଙ୍କ ପରି ହେବାକୁ ଚାହୁଁଛନ୍ତି ପ୍ୟାରିସ ଅଲିମ୍ପିକ୍ସରେ ଭାରତ ପାଇଁ ପଦକ ଆଣିବା ପାଇଁ ଲକ୍ଷ୍ୟ ଅନ୍ୟତମ ପ୍ରତିଦ୍ୱନ୍ଦ୍ୱୀ ଥିଲେ, କିନ୍ତୁ ପଦକରୁ ଅଳ୍ପକେ ବଞ୍ଚିତ ହୋଇଥିଲେ । ଲକ୍ଷ୍ୟ ବ୍ରୋଞ୍ଜ ପଦକ ମ୍ୟାଚ ହାରିଥିଲେ । ତେବେ ଏହାପୂର୍ବରୁ ସେ ବହୁତ ଭଲ ଖେଳ ପ୍ରଦର୍ଶନ କରିଥିଲେ । ଏବେ ଲକ୍ଷ୍ୟ ବିରାଟ କୋହଲିଙ୍କ ବିଷୟରେ ଦ ରଣବୀର ଶୋରେ କଥା ହୋଇଥିଲେ । ପୋଡ଼କାଷ୍ଟରେ ଲକ୍ଷ୍ୟଙ୍କୁ ପଚରାଯାଇଥିଲା କି ଆପଣ ମଧ୍ୟ କୋହଲିଙ୍କ ପ୍ରଶଂସକ କି? ଏହାର ଜବାବରେ ସେ କହିଛନ୍ତି, ହଁ, ମୁଁ ତାଙ୍କର ପ୍ରଶଂସକ, ବିଶେଷ କରି ତାଙ୍କର ମାନସିକତା, ଆକ୍ରୋଶ ଏବଂ ଭାବନାକୁ ମୁଁ ପସନ୍ଦ କରେ । ଆଗାମୀ ବର୍ଷରେ ଭାରତୀୟ ବ୍ୟାଡମିଣ୍ଟନରେ ବିରାଟ କୋହଲିଙ୍କ ପରି ହେବାକୁ ଚାହୁଁଛି ।

# ଲକ୍ଷ୍ନୌରୁ ରାହୁଲଙ୍କ ଛୁଟି ନିଶ୍ଚିତ !



ନୂଆଦିଲ୍ଲୀ, ୨୯।୮ : କେ.ଏଲ ରାହୁଲଙ୍କୁ ଆଇପିଏଲ ୨୦୨୫ରେ ଲକ୍ଷ୍ନୌ ସୁପର ଜିଆଣ୍ଟସ ଟିମ୍‌ରେ ଖେଳୁଥିବା ଦେଖିବାକୁ ମିଳିବ ନାହିଁ । ଏଭଳି ପରିସ୍ଥିତିରେ ସଞ୍ଜୀବ ଗୋୟନାଙ୍କ ମାଲିକାନାରେ ଥିବା ଏହି ଦଳ ବର୍ତ୍ତମାନ ଆଇପିଏଲ ସିଜନରେ ନୂଆ । ଅଧିନାୟକ ସନ୍ଧାନରେ ଅଛି । ଗତ କିଛି ଦିନ ହେବ ଏହାକୁ ନେଇ ଆଲୋଚନା କରାଯାଉଥିଲା କି କେ.ଏଲ ରାହୁଲଙ୍କ ଲକ୍ଷ୍ନୌ ଟିମ୍‌ରେ କଣ ଭବିଷ୍ୟତ ହେବ ତେବେ ଏହାକୁ ନେଇ ସ୍ଥିତି ପ୍ରାୟ ସ୍ପଷ୍ଟ ହୋଇଯାଇଛି ଏବେ ବାସ୍ ଏହା ଉପରେ ମୋହର ଲାଗିବାକୁ ବାକି ଅଛି । ସୂତ୍ର ଅନୁଯାୟୀ, ଆସନ୍ତା ଆଇପିଏଲ ସିଜନରେ ରାହୁଲ ଲକ୍ଷ୍ନୌ ଟିମ୍‌ର ଅଧିନାୟକ ରହିବେ ନାହିଁ ଏଥିସହ ଏହି ଫ୍ରାଞ୍ଚାଇଜକୁ ନୂଆ । ଅଧିନାୟକ ଆବଶ୍ୟକ ତେବେ ଲକ୍ଷ୍ନୌ ଟିମ୍‌ର ନୂଆ । ଅଧିନାୟକ କିଏ ହେବେ, ତାକୁ ନେଇ ସମସ୍ତଙ୍କ ନଜର ରହିଛି ଦଳ ଭିତରୁ ହେବେ ନା ମେଗା ନିଲାମୀରେ ନୂଆ । ଅଧିନାୟକ ଆସିବେ । ଏହା ଉପରେ ଏବେ ନିଷ୍ପତ୍ତି ନେବାକୁ ବାକି ରହିଛି । ଯେହେତୁ କେ.ଏଲ ରାହୁଲ ଅଧିନାୟକରୁ ହଟିଛନ୍ତି, ଏଥିରୁ ସ୍ପଷ୍ଟ ଯେ ସେ ମେଗା ନିଲାମକୁ ଯିବେ କୁହାଯାଉଛି । ରାହୁଲଙ୍କୁ ଆସନ୍ତା ଆଇପିଏଲରେ ଅଲଗା ଟିମ୍‌ରେ ଖେଳୁଥିବା ଦେଖାଯାଇପାରେ ଚର୍ଚ୍ଚା ହେଉଛି କି ରାହୁଲ ଆରସିବିକୁ ଯାଇପାରନ୍ତି । କାରଣ ଆରସିବିରୁ ଦିନେଶ କାର୍ତ୍ତିକଙ୍କ ସନ୍ୟାସ ନେବା ପରେ ଉଇକେଟ୍ କିପରର ତଲାସରେ ଦଳ ଅଛି ଆଉ ରାହୁଲ ଦଳରେ ସାମିଲ ହେବା ପରେ ତାଙ୍କୁ ଏହି ଦାୟିତ୍ୱ ମିଳିପାରେ ।

# ଦ୍ୱିତୀୟ ଟେଷ୍ଟରୁ ଶାହୀନ ଶାହ ଆଫ୍ରିଦି ଆଉଟ୍



ଇସଲାମାବାଦ, ୨୯।୮: ବାଂଲାଦେଶ ଠାରୁ ପ୍ରଥମ ଟେଷ୍ଟ ହାରିଥିବା ଘରୋଇ ପାକିସ୍ତାନ ଦ୍ୱିତୀୟ ମ୍ୟାଚ୍‌ରୁ ଷ୍ଟାର ଦ୍ରୁତ ବୋଲର ଶାହୀନ ଶାହ ଆଫ୍ରିଦିଙ୍କୁ ବାଦ ଦେଇଛନ୍ତି । ବାଂଲାଦେଶ ଠାରୁ ପାକିସ୍ତାନ ହାରିବା ପରେ ଦଳ ଓ ଏହାର ଖେଳାଳିମାନଙ୍କୁ ତୀବ୍ର ସମାଲୋଚନର ହେବାକୁ ପଡ଼ିଥିଲା । ଆସନ୍ତାକାଲି ଠାରୁ ଦଳ ଦ୍ୱିତୀୟ ଟେଷ୍ଟ ଖେଳିବ ଏହାପୂର୍ବରୁ ଶାହୀନ ଟିମରୁ ବାଦ ପଡ଼ିଛନ୍ତି ।

ଦଳର ମୁଖ୍ୟ କୋଚ୍ ଜାସନ ଗିଲିସ୍ପି କହିଛନ୍ତି, ଶାହୀନ ସ୍ଥିତିକୁ ଭଲ ଭାବେ ବୁଝିଛନ୍ତି । ଏହି ବ୍ରେକରେ ସେ ନିଜ ପରିବାର ସହ କିଛି ସମୟ ବିତାଇବେ । ଆମେ ତାଙ୍କ ସହ ଭଲ ଭାବେ କଥା ହୋଇଛୁ । ଦ୍ୱିତୀୟ ଟେଷ୍ଟ ପାଇଁ ଆମକୁ ଉପଯୁକ୍ତ କମ୍ବିନେସନ କରିବାକୁ ପଡ଼ିବ । ଏକଥା ଶାହୀନ ବୁଝିଛନ୍ତି ସେ ନିକଟରେ ବାପା ମଧ୍ୟ ହୋଇଛନ୍ତି । ତେଣୁ ଏହି ବ୍ରେକ ତାଙ୍କୁ ନିଶ୍ଚିତ କମବ୍ୟାକ କରିବାରେ ସହାୟକ ହେବ ବୋଲି ସେ କହିଛନ୍ତି । ୨୦୨୨ ଜୁଲାଇରୁ ଶାହୀନ କେବଳ ୬ଟି ଟେଷ୍ଟ ଖେଳିଛନ୍ତି ଆଣ୍ଠୁ ଜନିତ ସମସ୍ୟା ଯୋଗୁ ଶାହୀନ ଅଧିକ ସମୟ ଟେଷ୍ଟ ମ୍ୟାଚ୍‌କୁ ଦେଉ ନାହାନ୍ତି । ତେଣୁ ତାଙ୍କୁ ଏବେ ବାଂଲାଦେଶ ବିପକ୍ଷ ଦ୍ୱିତୀୟ ଟେଷ୍ଟରୁ ମଧ୍ୟ ବାଦ ଦିଆଯାଇଛି । ଏହାବାଦ ଅଲାରାଉଣ୍ଡର ଆମୀର ଜମାଲ ଏଯାଏ ମ୍ୟାଚ୍ ଖେଳିବାକୁ ଫିଟ ହୋଇ ନଥିବା ଗିଲିସ୍ପି କହିଛନ୍ତି ସେ ମଧ୍ୟ ଦ୍ୱିତୀୟ ଟେଷ୍ଟ ଖେଳିବେ ନାହିଁ । ପାକିସ୍ତାନ ଆସନ୍ତାକାଲି ୧୨ ଜଣିଆ । ସ୍କାଡ ରଖିଛି ଏମାନଙ୍କ ମଧ୍ୟରୁ ୧୧ ଜଣ ମ୍ୟାଚ୍ ଖେଳିବେ । ପାକିସ୍ତାନ ସ୍କାଡ: ଶାନ ମାସୁଦ(ଅଧିନାୟକ), ସୌଦ ଶକୀଲ(ଉପ ଅଧିନାୟକ), ମହମ୍ମଦ ରିଜୱାନ(ୱିକେଟ କିପର), ଅବ୍ରାର ଅହମଦ, ମହମ୍ମଦ ଅଲୀ, ସଲମାନ ଅଲୀ ଅଘା, ସାମି ଆୟୁବ, ବାବର ଆଜମ, ମୀର ହାମଜା, ଅବଦୁଲ ଶାଫିକ୍ୟୁ, ନଶୀମ ଶାହ ଓ ଖୁରାମ ଶେହଜାଦ ।

# ରୋହିତଙ୍କୁ ନେଇ ଫ୍ରାଞ୍ଚାଇଜ ମଧ୍ୟରେ ଚର୍ଚ୍ଚା



ନୂଆଦିଲ୍ଲୀ, ୨୯।୮: ଆଇପିଏଲ୍ ୨୦୨୫ ଅଧିକ ରୋଚକ ହେବାକୁ ଯାଉଛି କାରଣ ଏହା ପୂର୍ବରୁ ଏକ ମେଗା ନିଲାମ ଅନୁଷ୍ଠିତ ହେବ ମେଗା ନିଲାମ ପୂର୍ବରୁ ଦଳଗୁଡିକରେ ଅନେକ ବଡ ପରିବର୍ତ୍ତନ ଦେଖିବାକୁ ମିଳିବାର ସମ୍ଭାବନା ରହିଛି ।

ଅନେକ ତାରକା ଖେଳାଳି ଗୋଟିଏ ଦଳରୁ ଅନ୍ୟ ଦଳକୁ ଯାଇପାରନ୍ତି, ଯେଉଁଥିରେ ରୋହିତ ଶର୍ମାଙ୍କ ନାମ ମଧ୍ୟ ସାମିଲ ଅଛି । ହିଟମ୍ୟାନଙ୍କ ବିଷୟରେ ଗୁଜବ ପ୍ରଚାରିତ ହୋଇଛି ଯେ, ମୁମ୍ବାଇ ଇଣ୍ଡିଆନ୍ସ ତାଙ୍କୁ ରିଲିଜ୍ କରିବ ଏବଂ ଲକ୍ଷ୍ନୌ ସୁପର ଜିଆଣ୍ଟସ (ଏଲ୍‌ଏସ୍‌ଜି) ତାଙ୍କୁ ୫୦ କୋଟି ଟଙ୍କାରେ କିଣିବ ତେବେ ଏହି କଥାଗୁଡିକରେ କେତେ ସତ୍ୟ ଅଛି, ଲକ୍ଷ୍ନୌ ମାଲିକ ସଞ୍ଜୀବ ଗୋଏଙ୍କା ନିଜେ ଏହା ପ୍ରକାଶ କରିଛନ୍ତି । ନିକଟରେ ଏକ ସାକ୍ଷାତକାରରେ ସଞ୍ଜୀବ ଗୋଏଙ୍କାଙ୍କୁ ପଚରାଯାଇଥିଲା, ରୋହିତ ଶର୍ମାଙ୍କୁ ଲକ୍ଷ୍ନୌ ୫୦ କୋଟି ଟଙ୍କାରେ କିଣିବ କି? ଏହାର ଜବାବରେ ସେ କହିଛନ୍ତି, ମୋତେ ଗୋଟିଏ କଥା କୁହ, କେହି ଜାଣନ୍ତି କି ରୋହିତ ଶର୍ମା ନିଲାମରେ ଉପଲବ୍ଧ ହେବେ କି ନାହିଁ? ଏହି ସବୁ କଳ୍ପନାଜଳ୍ପନା ଅନାବଶ୍ୟକ । ମୁମ୍ବାଇ ଇଣ୍ଡିଆନ୍ସ ରୋହିତ ଶର୍ମାଙ୍କୁ ରିଲିଜ୍ କରିବ ନା ନାହିଁ, ସେ ନିଲାମରେ ଉପଲବ୍ଧ ହେବେ କି ନାହିଁ ତାହା ଜଣାନାହିଁ । ଆଉ ମଧ୍ୟ ସେ ଯଦି ବି ଉପଲବ୍ଧ ହେବେ, ତେବେ ଗୋଟିଏ ଫ୍ରାଞ୍ଚାଇଜ୍ ନିଜ ଅଂଶର ୫୦ ପ୍ରତିଶତ ଟଙ୍କ ଗୋଟିଏ ଖେଳାଳିରେ ବ୍ୟବହାର କରିବ, ତେବେ ଅବଶିଷ୍ଟ ୨୨ ଖେଳାଳିଙ୍କୁ କିପରି ପରିଚାଳନା କରାଯିବ ବୋଲି ସେ ପ୍ରଶ୍ନ କରିଛନ୍ତି ।

ତାପରେ ଏହା ପରେ ତାଙ୍କୁ ପଚରାଯାଇଥିଲା କି ରୋହିତ ଶର୍ମା ଆପଣଙ୍କ ଇଚ୍ଛା ତାଲିକାରେ ଅଛନ୍ତି କି? ଏହାର ଜବାବରେ ସଞ୍ଜୀବ ଗୋଏଙ୍କା କହିଛନ୍ତି, ପ୍ରତ୍ୟେକଙ୍କର ନିଜସ୍ୱ ଇଚ୍ଛା ତାଲିକା ଅଛି । ସମସ୍ତେ ଚାହାନ୍ତି ନିଜ ଦଳରେ ଶ୍ରେଷ୍ଠ ଖେଳାଳିଙ୍କୁ ନେବା ଏହା ଜଣଙ୍କର ଇଚ୍ଛା କରିବା ବିଷୟ ନୁହେଁ ଗୋଟିଏ ପାଞ୍ଚାଇଜ୍ କଣ ଉପଲବ୍ଧ ଅଛି ତାହା ମଧ୍ୟ ଦେଖିବାକୁ ପଡ଼ିବ ।

# କିଟ୍‌ରୁ ପ୍ରବୀଣ, ରାମପାଲ

ଭୁବନେଶ୍ୱର, ୨୯।୮: ପ୍ୟାରିସ୍‌ରେ ବୁଧବାରଠୁ ଆରମ୍ଭ ହୋଇଥିବା ପାରାଲିମ୍ପିକ୍ସରେ କିଟ୍ ବିଶ୍ୱବିଦ୍ୟାଳୟର ଦୁଇ ଜଣ ଛାତ୍ର ପ୍ରବୀଣ କୁମାର ଓ ରାମପାଲ ଅଂଶଗ୍ରହଣ କରିଛନ୍ତି । ଏହି ଦୁଇ ଜଣ ଭାରତରୁ ପ୍ରତିନିଧିତ୍ୱ କରୁଥିଲା ବେଳେ ଉଚ୍ଚ ଡିଆଁରେ ପ୍ରତିଦ୍ୱନ୍ଦ୍ୱିତା କରିବେ । ପ୍ରବୀଣ ଟୋକିଓ ପାରାଲିମ୍ପିକ୍ସ ଉଚ୍ଚଡିଆଁ ଟି-୬୪ରେ ରୌପ୍ୟ ପଦକ ଜିତିଥିଲେ । ଏଥର ଏହାର ରଙ୍ଗ ବଦଳାଇବାର ଆଶା ରଖିଛନ୍ତି । ସେ ରାମପାଲ ରିଓରେ ଉଚ୍ଚଡିଆଁ ଟି-୪୭ରେ ଷଷ୍ଠ ଓ ଟୋକିଓରେ ପଞ୍ଚମ ସ୍ଥାନରେ ରହିଥିଲେ । ପ୍ୟାରିସ୍‌ରେ ସେ ପଦକ ଆଶାରେ ଅଛନ୍ତି । କ୍ରୀଡ଼ା କୋଟାରେ ଉଭୟ ପ୍ରବୀଣ ଓ ରାମପାଲ ମାଗଣାରେ କିଟ୍ ବିଶ୍ୱବିଦ୍ୟାଳୟରେ ସୋସିଓଲୋଜିରେ ମାଷ୍ଟର ଡିଗ୍ରୀ କରୁଛନ୍ତି । କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଉଭୟଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଛାତିରେ ଛିଦ୍ର ହେତୁ ଯଶ ଧୁଲଙ୍କ ହୋଇଛି ଅସ୍ତ୍ରୋପଚାର



ନୂଆଦିଲ୍ଲୀ, ୨୯।୮ : ବିଶ୍ୱବିଜେତା ଭାରତୀୟ ଅଧିନାୟକଙ୍କ ହୃଦୟରେ ଛିଦ୍ର ହେତୁ ଅସ୍ତ୍ରୋପଚାର କରିବାକୁ ପଡ଼ିଥିବାର ଖବର ମିଳିଛି । ସୂଚନାଯୋଗ୍ୟ, ୨୦୨୨ରେ ନର୍ଥ ସାଉଣ୍ଡରେ ଭାରତକୁ ନିଜ ଅଧିନାୟକତ୍ୱରେ ଅଣ୍ଡର ୧୯ ବିଶ୍ୱକପ ବିଜେତା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଯଶ ଧୁଲଙ୍କ ଛାତିରେ ଛିଦ୍ର ଥିବା ଜଣାପଡ଼ିବା ପରେ ଦିଲ୍ଲୀରେ ତାଙ୍କର ଅସ୍ତ୍ରୋପଚାର କରାଯାଇଛି । ସଫଳ ଅସ୍ତ୍ରୋପଚାର ପରେ ସେ ଘରକୁ ଫେରି ଆସିଥିଲେ । ଏମିତି କି ସେ ଏହି ଅସ୍ତ୍ରୋପଚାର ପରେ ପଡ଼ିଆକୁ ଓହ୍ଲାଇ ନିଜର ଖେଳ ବି ପ୍ରଦର୍ଶନ କରିଥିଲେ ।

ନିଜର ଛାତିର ଅସ୍ତ୍ରୋପଚାରକୁ ନେଇ କ୍ରିକେଟର ଯଶ ଧୁଲ କହିଛନ୍ତି, ଅସ୍ତ୍ରୋପଚାର ପରେ ମୋତେ ଶରୀରର ଅଧିକ ଯତ୍ନ ନେବାକୁ ପଡୁଛି । ଏଥିପ୍ରତି ଭୟଭୀତ ନୁହେଁ । ମୁଁ ପଜିଟିଭ ଅଛି କିନ୍ତୁ । ପୂର୍ବଭଳି ଖେଳିବା ପାଇଁ ମୋତେ ଟିକେ ସମୟ ଦରକାର । ମୋର ଏବେ ନିୟମିତ ଚିକିତ୍ସା ଚାଲିଛି । ଶୀଘ୍ର ସୁସ୍ଥ ହୋଇଯିବି । ଏଥିପାଇଁ ଆପଣମାନଙ୍କ ଆଶୀର୍ବାଦ ନିହାତି ଆବଶ୍ୟକ ରହିଛି । ୨୦୨୨ରେ ନର୍ଥ ସାଉଣ୍ଡରେ ଅଣ୍ଡର୍-୧୯ ବିଶ୍ୱକପରେ ଟିମ୍ ଇଣ୍ଡିଆର ପ୍ରଦର୍ଶନ ଚର୍ଚ୍ଚାରେ ରହିଥିଲା କ୍ରମାଗତ ପଞ୍ଚମଥର ଯୁବ ବିଶ୍ୱକପ୍ ଜିତି ନୂଆ । କୀର୍ତ୍ତିମାନ ସ୍ଥାପନ କରିଥିଲା । ଭାରତ ଷ୍ଟେଇଣ୍ଡିଜରେ ଖେଳାଯାଇଥିବା ଆଇସିସି ଅଣ୍ଡର-୧୯ ବିଶ୍ୱକପର ହାଇଭୋଲଟେଜ୍ ଫାଇନାଲରେ ଭାରତ ୪ ୱିକେଟରେ ଇଂଲଣ୍ଡକୁ ହରାଇ ଚମ୍ପିୟନ୍ ହୋଇଥିଲା ପରାଜୟ ସହ ଇଂଲଣ୍ଡର ୨୪ ବର୍ଷ ପରେ ଟ୍ରଫି ଜିତିବାର ଆଶା ମଉଳି ଯାଇଥିଲା ।

# ୨ ଦିନିଆ ପଞ୍ଚାୟତସ୍ତରୀୟ ଫୁଟବଲ ପ୍ରତିଯୋଗିତା ଉଦଯାପିତ

ଫୁଲବାଣୀ: କନ୍ଧମାଳ ଜିଲ୍ଲା ପବିଙ୍ଗିଆ । ପଞ୍ଚାୟତର ପଥଖୋଲଠାରେ ଚାଲିଥିବା ୨ ଦିନିଆ । ପଞ୍ଚାୟତ ସ୍ତରୀୟ ଫୁଟବଲ ପ୍ରତିଯୋଗିତା ଉଦଯାପିତ ହୋଇଛି । ପଥଖୋଲ କ୍ଲବ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାର ଉଦଯାପନୀ ଉତ୍ସବରେ ପବିଙ୍ଗିଆ । ସରପଞ୍ଚ ଲାଲମୋହନ କହଁର ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ।ର୍ଡସଭ୍ୟ ବାସୁଦେବ ମଲ୍ଲିକ, ଗାଁସାଥୀ ପବିତ୍ର କହଁର, ଟୁଣୀଅ । କହଁର, ଉମାଚରଣ ଦିଗାଲ ଓ ଅଞ୍ଚଳର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ୨ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ସମୁଦାୟ ୮ଟି ଆଞ୍ଚଳିକ ଫୁଟବଲ ଟିମ ଅଂଶଗ୍ରହଣ କରିଥିଲେ ପଥଖୋଲ ଓ ତବିନିପଦର ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ୧-୦ ଗୋଲରେ ତବନିପଦରକୁ ହରାଇ ପଥଖୋଲ ଟିମ ବିଜୟୀ ହୋଇଥିଲା ଖେଳ ଶେଷରେ ଉଭୟ ବିଜେତା ଓ ଉପବିଜେତା ଦଳମାନଙ୍କୁ ଟ୍ରଫି ଓ ଆର୍ଥିକ ରାଶି ଦେଇ ଉପସ୍ଥିତ ଅତିଥିମାନେ ପୁରସ୍କୃତ କରିଥିଲେ ।

# ଏଲଏସଜିର ଦାୟିତ୍ୱ ନେଲେ ଜାହିର

ଲକ୍ଷ୍ନୌ, ୨୯।୮: ଟିମ ଇଣ୍ଡିଆର ମୁଖ୍ୟ କୋଚ୍ ଭାବରେ ଦାୟିତ୍ୱ ନେଇଛନ୍ତି ପୂର୍ବତନ ଷ୍ଟାର କ୍ରିକେଟର ଗୌତମ ଗମ୍ଭୀର । କିନ୍ତୁ ବର୍ତ୍ତମାନ ପୂର୍ବତନ ସାଥୀ ଖେଳାଳି ତଥା ଟିମ ଇଣ୍ଡିଆର ଷ୍ଟାର ବୋଲର ଜହିର ଖାନ ତାଙ୍କ ଦାୟିତ୍ୱରେ ନିୟୋଜିତ ହୋଇଛନ୍ତି । ଗମ୍ଭୀରଙ୍କ ପୂର୍ବତନ ଆଇପିଏଲ ଦଳ ଲକ୍ଷ୍ନୌ ସୁପର ଜିଆଣ୍ଟସର ମେଣ୍ଟର ଭାବରେ ଜହିର ଖାନଙ୍କୁ ଚୟନ କରିଛି । ୨୦୨୨ ମସିହାରେ ଲକ୍ଷ୍ନୌ ଦଳରେ ଗମ୍ଭୀର ନେଇଥିବା ବେଳେ ୨୦୨୪ ମସିହାରେ ଦଳରୁ ବିଦାୟ ନେଇଥିଲେ ଏହାପରେ ବର୍ତ୍ତମାନ ଜହିର ଖାନଙ୍କୁ ଦଳ ନୂଆ । ମେଣ୍ଟର ଭାବରେ ଦାୟିତ୍ୱ ପ୍ରଦାନ କରିଛି । ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୫ ଆରମ୍ଭ ପୂର୍ବରୁ ଏକ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି ସଞ୍ଜୀବ ଗୋଏଙ୍କାଙ୍କ ମାଲିକାନାରେ ଥିବା ଲକ୍ଷ୍ନୌ ସୁପର ଜିଆଣ୍ଟସ୍ ଦଳ ପୂର୍ବତନ ଭାରତୀୟ ଦ୍ରୁତ ବୋଲର ଜହିର ଖାନଙ୍କୁ ଦଳର ନୂଆ । ମେଣ୍ଟର ଭାବରେ ନିଯୁକ୍ତ କରିଛନ୍ତି । ଜାହିର ଖାନ ବର୍ତ୍ତମାନ ରେ ଗୌତମ ଗମ୍ଭୀରଙ୍କ ସ୍ଥାନ ନେଇଛନ୍ତି । ଆଜି ଏହାର ଅଫିସିଆଲ୍ ଏକ୍ସ ଆକାଉଣ୍ଟରେ ପୋଷ୍ଟ କରି ଏ ବିଷୟରେ ସୂଚନା ଦେଇଛି । ଅଫିସିଆଲ ଏକ୍ସ ହ୍ୟାଣ୍ଡେଲରେ ଏକ ଭିଡିଓ ପୋଷ୍ଟ କରାଯାଇଛି, ଯେଉଁଥିରେ ଜହିର ଖାନଙ୍କୁ ଦେଖିବାକୁ ମିଳିଛି । ପୋଷ୍ଟ ହୋଇଥିବା ଏହି ଭିଡିଓର କ୍ୟାପ୍ସନରେ ଲେଖାଯାଇଛି, ଜହିର, ତୁମେ ଦୀର୍ଘ ଦିନରୁ ଲକ୍ଷ୍ନୌର ହୃଦୟରେ ରହି ଆସିଛ । ବର୍ତ୍ତମାନ ଭାରତର ଏହି ପୂର୍ବତନ ଷ୍ଟାର ପେସରଙ୍କୁ ଆଇପିଏଲ୍ ୨୦୨୫ରେ ମେଣ୍ଟର ଭାବରେ ଦେଖିବାକୁ ମିଳିବ ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ